
ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କଲେ କ୍ରିଷ୍ଟିଆନୋ ରୋନାଲ୍ଡୋ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ବିଦ୍ୟାର୍ଥେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ ୦୦.୬୬ ପଇସା ଖୁଚୁରା ୪ Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୭୬ ● ୬ ନଭେମ୍ବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-276 ● 6th November 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

'ଅର୍ଣ୍ଣବ' କ୍ଷତି ଭରଣା ପାଇଁ କେନ୍ଦ୍ରୀୟ ଟିମ୍ ନିକଟରେ ଦାବି

୨୫୨୬ କୋଟିର ସହାୟତା ସହ ୧୦ ହଜାର କୋଟିର ସ୍ୱତନ୍ତ୍ର ପ୍ୟାକେଜ୍

ଭୁବନେଶ୍ୱର, ୫।୧୧
ନ୍ୟୁଜ୍ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ଓ ତତ୍ ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟା ଯୋଗୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭୂତ କ୍ଷୟକ୍ଷତି ଘଟିଥିବା ବେଳେ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରାରମ୍ଭିକ କ୍ଷୟକ୍ଷତି ଭରଣା ନିମନ୍ତେ ରାଜ୍ୟ ସରକାର ଗୁରୁବାର କେନ୍ଦ୍ରୀୟ ଅନୁଧ୍ୟାନକାରୀ ଦଳ ନିକଟରେ ୨୫୨୬ କୋଟି ଟଙ୍କାର ଆର୍ଥକ ସହାୟତା ଦାବି କରିଛନ୍ତି। ଏହାସହିତ ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ଦୃଷ୍ଟିରୁ ଏଠାରେ ଦୃଢ଼ ଭିତ୍ତିଭୂମି ନିର୍ମାଣ ଉଦ୍ଦେଶ୍ୟରେ ଆଉ ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ଆର୍ଥକ ପ୍ୟାକେଜ୍ ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶା ନିଜର ଦାବି ଉପସ୍ଥାପନ କରିଛି।

ଅର୍ଣ୍ଣବ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରବି ଶଙ୍କରଙ୍କ ନେତୃତ୍ୱରେ ଆସିଥିବା ୮ ଜଣିଆ ଆନ୍ତଃମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ଗଜପତି ଓ ଗଞ୍ଜାମ ଜିଲ୍ଲାର ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ପରେ ଗୁରୁବାର



ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପରେ କେନ୍ଦ୍ରୀୟ ଟିମ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମଧ୍ୟ ସାକ୍ଷାତ କରି ପ୍ରଭାବିତ ଅଞ୍ଚଳର ବାସ୍ତବ ଚିତ୍ର ଉପରେ ଆଲୋଚନା କରିଥିଲେ।

ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ରାଜେଶ ପ୍ରଭାକର ପାଟିଲ କହିଛନ୍ତି ଯେ, ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରୁ ଆସିଥିବା ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଆଧାରରେ କେନ୍ଦ୍ରୀୟ ଟିମ୍ ଆଗରେ ୨୫୨୬ କୋଟି ଟଙ୍କାର ଆର୍ଥକ ସହାୟତା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାସହିତ ବନ୍ୟା ଓ ବାତ୍ୟାର ବାରମ୍ବାର ମୁକାବିଲା କରିବା ଲାଗି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅତିରିକ୍ତ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ପାଇଁ ମଧ୍ୟ ଦାବି ଉପସ୍ଥାପନ କରାଯାଇଛି। ତେବେ ଏହା ଏକ ପ୍ରାଥମିକ ଆକଳନ ମାତ୍ର, କ୍ଷେତ୍ରସ୍ତରରେ ଚାଲିଥିବା ବିସ୍ତୃତ ସର୍ଭେ ଶେଷ ହେବା ପରେ ଆସନ୍ତା ୮ରୁ ୧୦ ଦିନ ମଧ୍ୟରେ କେନ୍ଦ୍ର *(ପୃଷ୍ଠା ୭ରେ)*

ଷଷ୍ଠ ଥର ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଜିତିଲା ଭାରତ

ଫାଇନାଲରେ ଜାପାନକୁ ୪-୧ ଗୋଲରେ ହରାଇଲା

ମାହୋଲି, ୫।୧୧

ଭାରତୀୟ ପୁରୁଷ ହକି ଦଳ ଏସିଆନ ଚାମ୍ପିଅନ୍ସ ଟ୍ରଫିର ଫାଇନାଲରେ ଜାପାନକୁ ୪-୧ ଗୋଲରେ ପରାସ୍ତ କରିଛି। ମୋହାଲିରେ ଖେଳାଯାଇଥିବା ଟାଇଟଲ୍ ମ୍ୟାଚ୍‌ରେ ଜାପାନ ଦ୍ୱିତୀୟ କ୍ୱାର୍ଟର ପର୍ଯ୍ୟନ୍ତ ଅଗ୍ରଣୀ ରହିଥିଲା। କିନ୍ତୁ ଭାରତ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟରରେ ମଜଭୁତ ପ୍ରଦର୍ଶନ କରି ଲଗାତାର ଗୋଲ ସ୍କୋର କରିଥିଲା। ଏହି ବିଜୟ ସହିତ ଭାରତ ଷଷ୍ଠ ଥର ପାଇଁ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଜିତିଛି। ଭାରତୀୟ ଟିମ୍ ୨୦୧୧, ୨୦୧୬, ୨୦୧୮, ୨୦୨୩, ୨୦୨୪, ୨୦୨୬ରେ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଟାଇଟଲ୍ ଜିତିଛି। ଜାପାନ ବିପକ୍ଷରେ ଭାରତ ପାଇଁ ଶିଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂହ, ଜୁଗରାଜ ସିଂହ ଏବଂ ବିବେକ ସାଗର ପ୍ରସାଦ ଗୋଲ ଦେଇଥିଲେ। ଜାପାନର ଏକମାତ୍ର ଗୋଲ କାଜୁମାସା ମାସୁମୋଟୋ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ତିନୋଟି ଗୋଲ ଦେଇ ଭାରତ ମ୍ୟାଚକୁ ନିୟନ୍ତ୍ରଣ କରିଥିଲା। ପ୍ରଥମ କ୍ୱାର୍ଟର ତୃତୀୟ ମିନିଟରେ ଜାପାନ ପାଇଁ କାଜୁମାସା



ମାସୁମୋଟୋ ପ୍ରଥମ ଗୋଲ୍ ଦେଇ ଟିମକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ କୌଣସି ଗୋଲ୍ ହୋଇପାରି ନଥିଲା। ତା'ପରେ ଭାରତ ପାଇଁ ଶିଳାନନ୍ଦ ଲାକ୍ରା (୪୨ତମ), ଦିଲପ୍ରୀତ ସିଂହ (୪୮ତମ), ଜୁଗରାଜ ସିଂହ (୫୩ତମ) ଏବଂ ବିବେକ ସାଗର ପ୍ରସାଦ (୫୪ତମ)ଙ୍କ ଗୋଲ ଦେଇଥିଲା। ଏସୀୟ କ୍ରୀଡାର ସ୍ୱର୍ଣ୍ଣ ପଦକ ବିଜେତା ଭାରତ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ-ରବିନ୍ ଲିଗ୍ ମ୍ୟାଚରେ ଜାପାନକୁ ୪-୧ ଗୋଲରେ ପରାସ୍ତ କରିଥିଲା। ଏହା ପୂର୍ବରୁ, ଗୁରୁବାର ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାର ବ୍ରୋଞ୍ଜ ପଦକ ମୁକାବିଲାରେ ଏସୀୟ କ୍ରୀଡାର ରୌପ୍ୟ ପଦକ ବିଜେତା ମାଲେସିଆ ଦକ୍ଷିଣ କୋରିଆକୁ ୫-୨ ଗୋଲରେ ପରାସ୍ତ କରିଥିଲା।

ଗିଡିପାବାଲି ଭୂସ୍ଖଳନ ଘଟଣା ୫ ମୃତଦେହ ଉଦ୍ଧାର

ଭଞ୍ଜନଗର/ଘୁ.ଉଦୟଗିରି, ୫।୧୧
ନ୍ୟୁଜ୍ ବ୍ୟୁରୋ

ସାମୁଦ୍ରିକ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ପ୍ରବଳ ବର୍ଷା ଗଞ୍ଜାମ ଏବଂ କନ୍ଧମାଳର ସୀମାନ୍ତ ଅଞ୍ଚଳରେ ବାସ କରୁଥିବା ଲୋକେ ବର୍ଷ ବର୍ଷ ଧରି ଭୁଲିପାରିବେ ନାହିଁ। ଏହି ବିପର୍ଯ୍ୟୟ ଯୋଗୁଁ ଛାତିଥରା ଭୂସ୍ଖଳନରେ ନିଶ୍ଚିହ୍ନ ହୋଇ ପଡିଥିବା ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତର ଗିଡିପାବାଲି ଗ୍ରାମରେ ବୁଧବାର ନିଖୋଜ ୧୧ ଜଣଙ୍କ ପ୍ରତୀକାତ୍ମକ ସଂସ୍କାର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ ଘଟଣାସ୍ଥଳରେ ପହଞ୍ଚିବା ପରେ



ପରିବାରବର୍ଗଙ୍କ ନିଷ୍ପତ୍ତି ବଦଳିବା ଯୋଗୁ ତାହା ହୋଇପାରିନଥିଲା। ସେମାନଙ୍କ ପ୍ରିୟଜନଙ୍କ ସନ୍ଧାନ ଖୋଜି ବାହାର କରିବା ପାଇଁ ଯାଇଥିବା ଉଦ୍ଧରାକାରୀ ଦଳ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରୀ କରିଥିଲେ। ଫଳରେ *(ପୃଷ୍ଠା ୭ରେ)*

ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୫।୧୧
ନ୍ୟୁଜ୍ ବ୍ୟୁରୋ

ଆଇଏଏସ୍ ଅଫିସର ସ୍ତରରେ ରାଜ୍ୟ ସରକାର ଅଦଳବଦଳ କରିଛନ୍ତି। ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସଡି ଭାବେ ନିଯୁକ୍ତି ମିଳିଥିବା ବେଳେ ଗିରୀଶ ଏସ୍.ଏନ୍‌ଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର *(ପୃଷ୍ଠା ୭ରେ)*

ନିମ୍ନମାନର ଔଷଧ ଉତ୍ପାଦନ କଲେ ବାତିଲ ହେବ ଲାଇସେନ୍ସ

ନୂଆଦିଲ୍ଲୀ, ୫।୧୧

ଔଷଧର ଗୁଣବତ୍ତା ନେଇ କେନ୍ଦ୍ର ସରକାର କଠୋର ହେବାକୁ ଯାଉଛନ୍ତି। ନିମ୍ନମାନର ଔଷଧ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକର ଉତ୍ପାଦନ ଲାଇସେନ୍ସ ତୁରନ୍ତ ସ୍ଥଗିତ ରଖିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି। ଏଥିପାଇଁ ୧୯୪୫ ମସିହାର ଡ୍ରଗ୍ସ ରୁଲ୍ସରେ ସଂଶୋଧନ ଆଣିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୋଜନା କରିଛି। ଏହାଦ୍ୱାରା ଗୁଣବତ୍ତା ପରୀକ୍ଷାରେ ବିଫଳ ହେଉଥିବା ଔଷଧର ଉତ୍ପାଦନ ଓ ବିକ୍ରି ଉପରେ ଶୀଘ୍ର



ରୋକ୍ ଲଗାଯାଇପାରିବ।

ବର୍ତ୍ତମାନର ନିୟମ ଅନୁଯାୟୀ, କୌଣସି ଔଷଧ ନିମ୍ନମାନର ବୋଲି ଜଣାପଡ଼ିଲେ ଏହାର ଉତ୍ପାଦନ ଲାଇସେନ୍ସ ବାତିଲ କିମ୍ବା ସ୍ଥଗିତ କରିବା ପୂର୍ବରୁ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ୍ ଦେବା ସହ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ପାଳନ କରିବାକୁ ପଡୁଛି। ଏହି ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ନିମ୍ନମାନର ଔଷଧ ବଜାରରେ ରହିବାର ଆଶଙ୍କା ରହୁଛି। ଏହାକୁ ରୋକିବା ପାଇଁ ସରକାର ନୂଆ ବ୍ୟବସ୍ଥା ଆଣିବାକୁ ଚାହୁଁଛନ୍ତି।

ଗାଁ ମୁଁହରେ ପୁଲିସ୍ ପହରା ଆନ୍ଧ୍ରରେ ଭୋଟ ଦେଲେ ରାଇପାହାଡ଼ବାସୀ

କୋରାପୁଟ/ନନ୍ଦପୁର, ୫।୧୧
ନ୍ୟୁଜ୍ ବ୍ୟୁରୋ

ଆନ୍ଧ୍ର ପ୍ରଦେଶରେ ସମିତି ସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ନିର୍ବାଚନ ନେଇ କୋରାପୁଟ ଜିଲ୍ଲାରେ ଗତ କିଛି ଦିନ ଧରି ତାତି ବଢ଼ି ଯାଇଛି। କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକର କୋଟିଆରେ ଆନ୍ଧ୍ର ପ୍ରଦେଶର ନିର୍ବାଚନ ପୁରା ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସର୍ବ ଦଳୀୟ ରାଜନେତା ଏକାଠି ହୋଇଥିଲେ।

ଏ ପଟେ ନନ୍ଦପୁର ବ୍ଲକ ସୀମାନ୍ତ ଗଲୁର ପଞ୍ଚାୟତ ଅଧୀନସ୍ଥ ରାଇପାହାଡ଼ ଗ୍ରାମବାସୀଙ୍କ ଉପରେ ଗତ କିଛି ଦିନ ହେବ ଆନ୍ଧ୍ର ନିର୍ବାଚନରେ ଭୋଟ ନ ଦେବାକୁ ଉଭୟ ପ୍ରଶାସନ ଓ ବିଧାୟକଙ୍କ ବୁଝା ସୁଝା ପରେ ମଧ୍ୟ ଗ୍ରାମବାସୀ କଥା ନରଖିବା ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେଇଛି। ରାଇପାହାଡ଼ ଗାଁ ମୁଁହରେ ପୁଲିସର ପହରା ଲାଗିଥିବା ବେଳେ ଗ୍ରାମ ପଛ ପଟେ ଦେଇ ପ୍ରାୟ ୫୦ ଜଣ ଭୋଟର ଆନ୍ଧ୍ର ପ୍ରଦେଶର କଣ୍ଟୁ ରୁମ୍ ପଞ୍ଚାୟତର ବୁଥକୁ ଯାଇ ଭୋଟ ଦେଇଥିବା ଖବର ମିଳିଛି।

ସୂଚନାଯୋଗ୍ୟ, ଗତ କୋଡ଼ିଏ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଇ ପାହାଡ଼ବାସୀ ଆନ୍ଧ୍ରରୁ ସରକାରୀ ଯୋଜନାରୁ ଲାଭାନ୍ୱିତ ହେବା ସହ ଆନ୍ଧ୍ର ପ୍ରଦେଶର ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି। ଗତ ତିନି ବର୍ଷ ତଳେ ସୀମା ବିବାଦ ନେଇ ଉଭୟ ଆନ୍ଧ୍ର ପ୍ରଦେଶ ଏବଂ ଓଡ଼ିଶାର ପ୍ରଶାସନ ମଧ୍ୟରେ ଆଲୋଚନା ପରେ ମଧ୍ୟ ଆନ୍ଧ୍ର ତାର ପ୍ରତିଶ୍ରୁତିକୁ ପାଳନ କରିନାହିଁ। ରାଇପାହାଡ଼ ଗ୍ରାମରେ ମୋଟ ୧୯ ପରିବାର ରହିଥିବା *(ପୃଷ୍ଠା ୭ରେ)*



ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗଞ୍ଜାମର ମନ୍ତ୍ରୀ ଓ ବିଧାୟକ

ଭୁବନେଶ୍ୱର, ୫।୧୧
ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବ ଓ ତା ପରବର୍ତ୍ତୀ ବନ୍ୟା ପରିସ୍ଥିତି ଯୋଗୁଁ ଗଞ୍ଜାମ ଜିଲ୍ଲା ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି। ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲ୍ଲାର ଅନ୍ୟ ବିଧାୟକ ମାନଙ୍କ ସହିତ ଆଲୋଚନା କରିଛନ୍ତି।

ଏହି ଆଲୋଚନାରେ ବିଧାୟକ ମାନେ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପରିସ୍ଥିତି ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ଏବଂ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ଉତ୍ତରକାଶୀ : କୋଇଲା ଗଦା ଧସି ବଡ଼ ଦୁର୍ଘଟଣା: ତିନି ମହିଳାଙ୍କ ମୃତ୍ୟୁ, ଛଅ ଆହତ।
- ବିବାଦୀୟ ୟୁଜିସି ନିୟମର ପୁନର୍ବାର ସମୀକ୍ଷା କରିବେ, ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେନ୍ଦ୍ର ସରକାର।
- ଉତ୍ତରକାଶୀର ଗଙ୍ଗନାନୀଠାରେ ଭଗୀରଥୀ ନଦୀକୁ ଖସିଲା କାର, ୪ ମୃତ, ୨ ମହିଳା ନିଖୋଜ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୬୦୨ (+୩୨୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୮୫ (+୨୯୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୯୫୨ (+୨୪୨)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୧୦ (+୧୦)

ଏକାଳ ପଖାଳ



ବାପ ପୁଅ ରାତି ଅନିଦ୍ରା
ମୁଗୁରା ପଛ ମେଲା
ସବୁ ନଗଲେ ବି କିଛିଟା ଭୋଟ
ଆନ୍ଧ୍ର ଆଡକୁ ଗଲା
କେଉଁଠି କାହିଁକି ଢିଲା ?
ହିସାବ କିତାବ ଜଲ୍‌ଦି ନକଲେ
ଦେଖୁଥିବ ଖାଲି ପାଲା।

କମୁଛି ଜନ୍ମହାର, ବଢୁଛି ବୟସ୍କଙ୍କ ସଂଖ୍ୟା



ନୂଆଦିଲ୍ଲୀ, ୫।୧୧

ଭାରତରେ ପ୍ରଜନନ ହାର (ଟୋଟାଲ୍ ଫର୍ଟିଲିଟି ରେଟ୍) କ୍ରମାଗତ ଭାବେ ହ୍ରାସ ପାଉଥିବାରୁ ଭବିଷ୍ୟତରେ ଦେଶର ଜନସଂଖ୍ୟାଗତ ସ୍ଥିତିରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି । ଶିଶୁଙ୍କ ସଂଖ୍ୟା କମିବା ସହ ବୟସ୍କଙ୍କ ଅନୁପାତ ବଢ଼ିବା ଫଳରେ ଦେଶର କାର୍ଯ୍ୟକ୍ଷମ ଜନସଂଖ୍ୟା ଓ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଦୀର୍ଘକାଳୀନ ପ୍ରଭାବ ପଡ଼ିପାରେ । ଏଭଳି ପରିବର୍ତ୍ତିତ ଜନସଂଖ୍ୟାଗତ ସ୍ଥିତିକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରସ୍ତୁତ ପୁରୁଣା ନୀତି ଓ ଆଇନର ପୁନର୍ବିଚାର କରିବାର ସମୟ ଆସିଛି ବୋଲି କୋର୍ଟ ମତ ଦେଇଛନ୍ତି ।

ଏକ ମାମଲାର ଶୁଣାଣି ସମୟରେ ଜଷ୍ଟିସ୍ ପି.ଏସ୍. ନରସିଂହ ଓ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ମତ ଦେଇଛନ୍ତି । ୨୦୦୩ରେ ଦେଶର ମୋଟ ପ୍ରଜନନ ହାର ୩.୦୨ ଥିବାବେଳେ ୨୦୨୪ରେ ଏହା ହ୍ରାସ ପାଇ ୧.୯ରେ ପହଞ୍ଚିଛି । ଜନସଂଖ୍ୟା ସ୍ଥିର ରଖିବା ପାଇଁ ଆବଶ୍ୟକ ପ୍ରଜନନ ହାର ୨.୧ ରହିଥିବାବେଳେ ଭାରତ ଏହାଠାରୁ ତଳକୁ ଖସିଯାଇଛି । ମହାରାଷ୍ଟ୍ରର ମଙ୍ଗଳା ଭୀମରାଓ ଇଙ୍ଗଲେଙ୍କ ସରପଞ୍ଚ ନିର୍ବାଚନକୁ ରଦ୍ଦ କରାଯିବା ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଏହି ପ୍ରସଙ୍ଗ *(ପୃଷ୍ଠା ୭ରେ)*

ଦିଲ୍ଲୀର ସ୍ଥିତି ସଙ୍ଗୀନ

ନୂଆଦିଲ୍ଲୀ, ୫।୧୧

ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ଅତି ଭୟଙ୍କର ସ୍ଥିତିରେ ପହଞ୍ଚିଛି। ଗୁରୁବାର ସକାଳ ୮:୦୧ ମିନିଟରେ ସମଗ୍ର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୮୨ ରେକର୍ଡ କରାଯାଇଛି, ଯାହାକି ଏହାକୁ ସଙ୍ଗୀନ ସ୍ଥିତିର ଶ୍ରେଣୀରେ ସାମିଲ କରିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ତଥ୍ୟ ଅନୁଯାୟୀ, ସହରର ୭ଟି ପ୍ରମୁଖ ମନିଟରିଂ ଷ୍ଟେସନରେ 'ଏକ୍ୟୁଆଇ' ୪୦୦ରୁ ଉପରେ ରହିଛି। ପଞ୍ଜାବୀ ବାଗରେ ସବୁଠାରୁ ଅଧିକ ୪୪୬ 'ଏକ୍ୟୁଆଇ' ରେକର୍ଡ କରାଯାଇଥିବା ବେଳେ ନରେଲା (୪୩୪), ରୋହିଣୀ (୪୩୧), ଆର.କେ. ପୁରମ୍ (୪୧୬), ବାୱାନା (୪୧୨), ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉତ୍ତର କ୍ୟାମ୍ପସ (୪୦୮) ଏବଂ ପଟପଡ଼ଗଞ୍ଜ (୪୦୫) ରେ ବାୟୁ ସଙ୍ଗୀନ ସ୍ଥିତିରେ ରହିଛି। ସେହିପରି ଓଖଲା, ଇଣ୍ଡିଆ ଗେଟ୍, ଆଇଟିଓ, ଦ୍ୱାରକା, ଚାନ୍ଦନୀ ଚୌକ୍ ଏବଂ ବସୁନ୍ଧରା ଏନକ୍ଲେଭର ବାୟୁ 'ଅତି ଖରାପ' ଶ୍ରେଣୀରେ ରହିଛି। ଗତ ୨୮୮ ଦିନ ମଧ୍ୟରେ ବୁଧବାର ଦିଲ୍ଲୀର ହାରାହାରି 'ଏକ୍ୟୁଆଇ' ୩୭୭ ଥିଲା, ଯାହା ଗତ ଜାନୁଆରୀ ୨୦ ପରଠାରୁ ସବୁଠାରୁ ଖରାପ ରେକର୍ଡ।

ସ୍ଥାନୀୟ ବାୟୁ ପ୍ରଦୂଷଣ, ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ବାୟୁର ଗତି ହ୍ରାସ ପାଇବା ଏହି ସ୍ଥିତିର ମୁଖ୍ୟ କାରଣ। ଆଇଆଇଟିଏମ୍‌ର ରିପୋର୍ଟ ଅନୁଯାୟୀ, ଦିଲ୍ଲୀର PM୨.୫ ପ୍ରଦୂଷଣରେ ନଡ଼ା ପୋଡ଼ିର ଭାଗ ୧୬.୨୮ ପ୍ରତିଶତ ଥିବା ବେଳେ *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୬ ନଭେମ୍ବର,୨୦୨୬ ଶୁକ୍ରବାର



କୋଟିଆରେ ପରିଚୟ ଅପେକ୍ଷାରେ ୨୮ଟି ଗାଁ ୨୧ ରାଜସ୍ୱ ଏବଂ ୭ ହାମଲେଟ୍‌ର ଗ୍ରାମବାସୀ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଏଠାକାର ଅଧିବାସୀ କେଉଁ ରାଜ୍ୟର; ଓଡ଼ିଶାର ନା ଆନ୍ଧ୍ରର। ବର୍ଷେ କି ଦି' ବର୍ଷ ନୁହେଁ, ୭୩ ବର୍ଷ ଧରି ଏହି ପ୍ରଶ୍ନର ଉତ୍ତର ଚାହୁଁଛନ୍ତି ରାଜ୍ୟବାସୀ। ବିବାଦର ଅନ୍ତ କେବେ ଏବଂ କେମିତି ହେବ ତାକୁ ନେଇ ଉଭୟ ରାଜ୍ୟ ଆଶଙ୍କାରେ। ଏଣେ ଅଧିକାର, ସମ୍ମାନ ଏବଂ ଭୋଟବ୍ୟାଙ୍କ ରକ୍ଷା ପାଇଁ ଚାଲିଛି ଲଢ଼େଇ। ୧୯୬୮ରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା-ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ନେଇ ବସିଥିବା ବୈଠକରେ କୌଣସି ନିର୍ଯ୍ୟାସ ନ ବାହାରିବା ପରେ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। ୨୦୦୬ରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ନେଇ ଦେଇଥିବା ନିର୍ଦ୍ଦେଶ ଆନ୍ଧ୍ର ପାଇଁ ଅନୁପ୍ରବେଶର ସୁଯୋଗ ସୃଷ୍ଟି କରିଛି। ଯାହାର ଫାଇଦା ଉଠାଇ ଆନ୍ଧ୍ର ଓଡ଼ିଶା ମାଟିର ହକ୍ ଏବଂ ଲୋକଙ୍କୁ ନିଜ ସପକ୍ଷରେ ନେବାକୁ ଲାଗିପଡ଼ିଛି। ସରକାରୀ ଯୋଜନା ନାଁ'ରେ ଆନ୍ଧ୍ର ଦେଉଥିବା ସହାୟତା ଓଡ଼ିଶା ସପକ୍ଷରେ କୋଟିଆବାସୀଙ୍କ ସମର୍ଥନକୁ ଦୁର୍ବଳ କରିବାରେ ଲାଗିଛି। ଅସଲରେ ଏହି ମାମଲା ପଛର ମୂଳ କାରଣ ଖଣି। ପୂର୍ବଘାଟ ପର୍ବତମାଳାରେ ଭରି ରହିଛି ଉନ୍ନତମାନର ବକ୍ସାଇଟ୍, ଲାଟେରାଇଟ୍ ଓ ମାଙ୍ଗାନିଜ୍। କୋରାପୁଟ ଜିଲ୍ଲାର କୋଟିଆ ଏବଂ ପଟାଙ୍ଗି ଓ ସେମିଳିଗୁଡ଼ାର ପାହାଡ଼ଗୁଡ଼ିକ ଏହି ଶ୍ରେଣୀର ବୋଲି ଭାରତୀୟ ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଜିଏସ୍ଆଇର ସର୍ଭେରୁ ଜଣାଯାଇଛି। କୋଟିଆ ପଞ୍ଚାୟତର ଶେଷ ଗାଁ ହରମାଣ୍ଡାଙ୍ଗିକୁ ଲାଗିଥିବା ଏବଂ ଉଭୟ ରାଜ୍ୟକୁ ଲମ୍ବିଥିବା ପାହାଡ଼ରେ ଗଚ୍ଛିତ ଅଛି ବିପୁଳ ମାଙ୍ଗାନିଜ୍। ମାଙ୍ଗାନିଜ୍ ଖନନ ପାଇଁ ଆନ୍ଧ୍ର ଏକ ରାଷ୍ଟ୍ରାୟତ୍ତ କମ୍ପାନୀ ସହ ଚୁକ୍ତି କରିବା ପରେ ୨୦୨୫ରେ ଖନନ ଲାଗି ସର୍ଭେ ପ୍ରକ୍ରିୟା ଆରମ୍ଭ କରିଥିଲା। ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ସର୍ଭେ କାମ ବନ୍ଦ ରହିଛି। ସେହିପରି ତଳସେମ୍ଳିରେ ମାଙ୍ଗାନିଜ୍, ଉପରସେମ୍ଳିରେ ସୁନାଖଣି ଥିବା ନେଇ କହିଛନ୍ତି କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗି। ମାଙ୍ଗାନିଜ୍ ଓ ବକ୍ସାଇଟ୍ ସନ୍ଧାନକୁ ଜିଏସ୍ଆଇ ସ୍ପଷ୍ଟ କରିଥିବା ବେଳେ ସୁନା ନେଇ ସ୍ପଷ୍ଟ ସୂଚନା ଦେଇନି। ହରମାଣ୍ଡାଙ୍ଗି, ତଳସେମ୍ଳି, ଉପରସେମ୍ଳିକୁ ଛାଡ଼ିଲେ ଏହାର ଆଖପାଖରେ ଥିବା ପାହାଡ଼ଗୁଡ଼ିକରେ ବକ୍ସାଇଟ ମଧ୍ୟ ଗଚ୍ଛିତ ରହିଛି। ଯାହା କୋଟିଆ ବିବାଦର ମୂଳ ମଞ୍ଜି ବୋଲି ରାଜନୈତିକ ଦଳ ସମେତ ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଉଭୟ ଆନ୍ଧ୍ର ଏବଂ ଓଡ଼ିଶା କୋଟିଆ ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଅଣଓସାରିଆ ପିଚୁ ରାସ୍ତାକୁ ଛାଡ଼ିଲେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ସ୍ଥାୟୀ ବିକାଶ ଦିଗରେ ଦୁଇ ରାଜ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି। ଓଡ଼ିଶା ମାସିକ ଭତ୍ତା ହଜାରେ ଟଙ୍କା ଦେଉଥିବା ବେଳେ ଆନ୍ଧ୍ର ଦେଉଛି ୪ ହଜାର। ଓଡ଼ିଶା ମୁଣ୍ଡପିଛା ୫ କେଜି ଚାଉଳ ଦେଉଥିବା ବେଳେ ଆନ୍ଧ୍ର ଘର ପିଛା ୩୫ କେଜି ଚାଉଳ ଦେଉଛି। ଆନ୍ଧ୍ରରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୫ ହଜାର ଷ୍ଟାଇପେଣ୍ଡ, ମାଗଣା ସୋଲାର ସଂଯୋଗ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ ଓ କର୍ମନିଯୁକ୍ତି କ୍ଷେତ୍ରରେ ଆନ୍ଧ୍ର ଓଡ଼ିଶା ଅପେକ୍ଷା ଅଧିକ ସହାୟତା ପ୍ରଦାନ କରୁଛି। ଯେଉଁଥିପାଇଁ କୋଟିଆରେ ଆନ୍ଧ୍ରର ନିର୍ବାଚନକୁ ସମର୍ଥନ କରୁଛନ୍ତି ବିବାଦୀୟ ଗ୍ରାମବାସୀ। ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟର ସ୍ୱତନ୍ତ୍ର ମାନ୍ୟତା ପାଇବା ପରଠାରୁ ଆନ୍ଧ୍ର ସୀମାନ୍ତରେ ଥିବା ୨୮ଟି ଗାଁ ୨୧ ରାଜସ୍ୱ ଏବଂ ୭ ହାମଲେଟ୍ ଓଡ଼ିଶାର କୋଟିଆ ପଞ୍ଚାୟତରେ ରହିଆସିଛି। ୧୯୫୩ରେ ଆନ୍ଧ୍ରପ୍ରଦେଶ ଗଠନ ପରେ ଏହି ଅଞ୍ଚଳ ନିଜର ବୋଲି ଦାବି କରିଆସୁଛି। ୧୯୫୨ରୁ କୋଟିଆରେ ସାଧାରଣ ଓ ପଞ୍ଚାୟତ ନିର୍ବାଚନ କରି ଆସୁଛି ଓଡ଼ିଶା। ଏହା ସତ୍ତ୍ୱେ ଆନ୍ଧ୍ର କୋଟିଆରେ ଅନୁପ୍ରବେଶ କରି ଜୋରଜବରଦସ୍ତ ନିର୍ବାଚନ କରୁଛି। ୨୦୨୧ରେ ମଧ୍ୟ ଆନ୍ଧ୍ର କୋଟିଆରେ କରିଥିବା ପଞ୍ଚାୟତ ନିର୍ବାଚନକୁ ବିରୋଧ କରିଥିଲା ଓଡ଼ିଶା। ନିର୍ବାଚନ ସରିବା ପରେ ଓଡ଼ିଶା ଚୁପ୍ ହୋଇ ବସିଯାଉଥିବା ବେଳେ ଆନ୍ଧ୍ର ପ୍ରତି ଗାଁରେ ମାସିକ ୧୦ ହଜାରରେ ଏଜେଣ୍ଟ ନିଯୋଜିତ କରି ସମର୍ଥନ ଗୋଟାଇବା ଲାଗି ବର୍ଷତମାମ୍ କାର୍ଯ୍ୟକ୍ରମ ଜାରି ରଖୁଛି। ଯାହା ଓଡ଼ିଶା ଅପେକ୍ଷା କୋଟିଆ ଅଞ୍ଚଳରେ ଆନ୍ଧ୍ର ସପକ୍ଷରେ ଜନମତ ବୃଦ୍ଧିର ଅନ୍ୟତମ କାରଣ। ରାଜ୍ୟ ସରକାର ରାସ୍ତା ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ କୋଟିଆ ବାସୀ ଆନ୍ଧ୍ରର ବିଭିନ୍ନ ଯୋଜନାରେ ପ୍ରଲୋଭିତ ହେଉଥିବା ଲକ୍ଷ୍ୟ କରାଯାଉଛି।



ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର : ରୋଷେଇ ଘରେ ଚାଲିଛି ପିଲାଙ୍କ ପାଠପଢ଼ା

ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ

କୁନିକୁନି ପିଲାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ଗାଁ ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲାଯାଇଛି। ହେଲେ କେତେକ ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନାହିଁ ତ' ଆଉ କେଉଁଠି ବିପଜ୍ଜନକ ଅବସ୍ଥାରେ ପିଲାଏ ପାଠ ପଢୁଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଗ୍ରାମବାସୀ ଫେରାଦ ହେବା ପରେ ମଧ୍ୟ କୌଣସି ସୁଫଳ ମିଳିପାରୁନି। ବଲାଙ୍ଗୀର ପୁଇଁତଳା ବ୍ଲକ ହେଡକ୍ୱାଟରଠାରୁ ୨କିମି ଦୂରରେ ରହିଛି କାଲସାଏପାଲି ଗାଁର ଅଙ୍ଗନୱାଡ଼ି କେନ୍ଦ୍ର।

କେନ୍ଦ୍ର କହିଲେ କୋଠାବାଡ଼ି କିଛି ନାହିଁ। କାଲସାଏପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ ଜରାଜୀର୍ଣ୍ଣ ରୋଷେଇ ଘରେ ପିଲାଙ୍କୁ ଏକାଠି କରି ପଢ଼ାନ୍ତି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା। ଛାତ ଉପରୁ ସିମେଣ୍ଟ ଅତଡ଼ା ଖସୁଛି। କୋଠା ଆଖପାଖରେ ପାଣି ଜମି ରହୁଥିବାରୁ ଝରକା ପଟେ ବିଷାକ୍ତ ସାପ ମଧ୍ୟ ପଶି ଆସୁଥିବା ଅଭିଯୋଗ ହେଉଛି। ବର୍ଷ ବର୍ଷ ଧରି ବିପଦସଙ୍କୁଳ ପରିବେଶରେ ପାଠ ପଢୁଛନ୍ତି କୁନିକୁନି ପିଲା। ଏନେଇ ବିଭାଗୀୟ ଅଧିକାରୀ ଏବଂ ପୁଇଁତଳା ବିଡିଓଙ୍କୁ ଲିଖିତ ଅଭିଯୋଗ ପରେ ବି କିଛି ସୁଫଳ ମିଳୁନି। ଶେଷରେ ବାଧ ହୋଇ ଲୋକେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିର ଦ୍ୱାରସ୍ଥ ହୋଇଛନ୍ତି।

ଜନଶୁଣାଣିରେ ଅଭିଯୋଗ ପରେ, ସିଡିପିଓ ଘଟଣାସ୍ଥଳକୁ ଆସି ତଥ୍ୟ ସଂଗ୍ରହ କରିଛନ୍ତି। ସ୍କୁଲ ରୋଷେଇ ଘର ପରିବର୍ତ୍ତେ ଶ୍ରେଣୀଗୃହରେ ସକାଳ ୭ଟାରୁ ୯ଟା ୩୦ ଯାଏଁ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ଏହା କ'ଣ ସ୍ଥାୟୀ ସମାଧାନ? ସୂଚନା ଅନୁସାରେ, ଅଙ୍ଗନୱାଡ଼ି କେନ୍ଦ୍ରର କୋଠା ନିର୍ମାଣ ପାଇଁ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଜାଗା ମଧ୍ୟ ଚିହ୍ନଟ ସରିଛି। କିନ୍ତୁ ଦୀର୍ଘ ବର୍ଷ ହେବ କୋଠା ନିର୍ମାଣ ଆରମ୍ଭ ହୋଇପାରୁନି। ବର୍ଷା ଦିନେ କିମ୍ବା ସ୍କୁଲର କୌଣସି କାର୍ଯ୍ୟକ୍ରମ ରହିଲେ ଅଙ୍ଗନବାଡ଼ି ପିଲାଙ୍କର ମଧ୍ୟ ଛୁଟି ରହୁଛି। କାଲସାଏପାଲିର ଏହି ଚିତ୍ର କେବଳ ଗୋଟିଏ ଗାଁର ନୁହେଁ, ବରଂ ବଲାଙ୍ଗୀରର ଅନେକ ଅଙ୍ଗନବାଡ଼ି କେନ୍ଦ୍ରର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। କାଗଜପତ୍ରରେ ଯୋଜନା ଓ ଅର୍ଥ ଆବଣ୍ଟନ ହୋଇଥିଲେ ମଧ୍ୟ ପ୍ରଶାସନର ଶିଥିଳତା ଯୋଗୁଁ କୁନିକୁନି ପିଲାଙ୍କ ଭବିଷ୍ୟତ ବିପଦ ମଧ୍ୟକୁ ଠେଲି ହୋଇଯାଇଛି।

ଧଉଳିରେ ଘୋର ଅବ୍ୟବସ୍ଥା : ପର୍ଯ୍ୟଟକଙ୍କ ପାଇଁ ପାଣି ନାହିଁ କି ଶୌଚାଳୟ ନାହିଁ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ



ଧଉଳିର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ହେଲେ ଏଠାକାର ଅବ୍ୟବସ୍ଥା ସେମାନଙ୍କ ମନ ଭାଙ୍ଗି ଦେଉଛି। ଶୀତ ଋତୁ ଆରମ୍ଭ ହେବା ସହ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହେଉଥିଲେ ବି ନାନା ସମସ୍ୟା ଘେରକୁ ଠେଲି ହୋଇଯାଇଛି ପର୍ଯ୍ୟଟନ ସ୍ଥଳୀ। ଖତ ଖାଉଛି ଦାମୀ ଗାଡ଼ି। ଶୌଚାଳୟ ଅବସ୍ଥା ବେହାଲ୍। ପାନୀୟ ଜଳ ବ୍ୟବସ୍ଥା ଥାଇ ବି ନଥିଲା ଭଳି। ମିଡ୍ ପିଟିସି ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ନେଇଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଶାନ୍ତିସ୍ତୂପ ଧଉଳିର ଏ ଅବସ୍ଥା। ପୂର୍ବ ସରକାରଙ୍କ ଅମଳରେ ହୋଇଥିବା ନୂଆ ବସ୍ଷ୍ଟାଣ୍ଡକୁ ଓଟିଡିସି ହାତକୁ ନେଇଥିଲେ ମଧ୍ୟ ଏହା ଏବେ ସମ୍ପୂର୍ଣ୍ଣ ଅବହେଳିତ। ହଜାର ହଜାର ପର୍ଯ୍ୟଟକଙ୍କ ସେବା ପାଇଁ ଅଛନ୍ତି ମାତ୍ର ୧୫ ଠିକା କର୍ମଚାରୀ। ପିଇବା ପାଣି ଏବଂ ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ହନ୍ତସନ୍ତ ହେଉଛନ୍ତି ପର୍ଯ୍ୟଟକ। ଅନେକ ସମୟରେ ଶୌଚାଳୟରେ ପଡୁଛି ତାଲା।

ଲଖନପୁରରେ ମୋବାଇଲ୍ ନେଟୱର୍କ ସମସ୍ୟା : ହନ୍ତସନ୍ତ ଉପଭୋକ୍ତା

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ମୋବାଇଲ୍ ନେଟୱର୍କ ସେବାରେ ବାରମ୍ବାର ବାଧା ସୃଷ୍ଟି ହେଉଥିବାରୁ ଉପଭୋକ୍ତାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଏୟାରଟେଲ୍ ଓ ଜିଓ ନେଟୱର୍କରେ ଦୀର୍ଘ ମାସ ଧରି ଦେଖାଦେଇଥିବା ସମସ୍ୟା ଯୋଗୁଁ କଲ୍ କରିବାଠାରୁ ଆରମ୍ଭ କରି ଇଣ୍ଟରନେଟ୍ ବ୍ୟବହାର ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଲୋକେ ଅସୁବିଧା ଭୋଗୁଛନ୍ତି।

ବର୍ତ୍ତମାନର ଡିଜିଟାଲ୍ ଯୁଗରେ ମୋବାଇଲ୍ ନେଟୱର୍କ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଶିକ୍ଷା, ବ୍ୟାଙ୍କିଂ, ୟୁପିଆଇ ପେମେଣ୍ଟ, ଅନଲାଇନ୍ କାରବାର ଓ ସରକାରୀ ଯୋଜନାରେ ଆବେଦନ ଭଳି ଅତ୍ୟାବଶ୍ୟକ କାର୍ଯ୍ୟର ଏକ ପ୍ରମୁଖ ଆଧାର ପାଲଟିଛି। ଏପରି ସ୍ଥିତିରେ ଦୁର୍ବଳ ସିଗ୍ନାଲ୍, ବାରମ୍ବାର କଲ୍ କଟିଯିବା ଏବଂ ଇଣ୍ଟରନେଟ୍‌ର ମନ୍ଥର ଗତି ଯୋଗୁଁ ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜରୁରୀ ସମୟରେ ମଧ୍ୟ ଠିକ୍ ଭାବେ ଯୋଗାଯୋଗ କରିବା ସମ୍ଭବ ହେଉନଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

ମୋବାଇଲ୍ ନେଟୱର୍କ ଆଜିର ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ହୋଇଥିବା ବେଳେ ଏଭଳି ସେବା ବିଭ୍ରାଟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ଲଖନପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ନେଟୱର୍କ ସ୍ଥିତିର ଯାଞ୍ଚ କରିବା ସହ ଆବଶ୍ୟକ ବୈଷୟିକ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତାମାନେ ଦାବି କରିଛନ୍ତି। ଏୟାରଟେଲ୍ ଓ ଜିଓ କମ୍ପାନୀ କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ନେଟୱର୍କ କଭରେଜ୍ ଓ ସେବାର ଗୁଣବତ୍ତା ବୃଦ୍ଧି ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। କେବଳ ସାମୟିକ ମରାମତି ନୁହେଁ, ବରଂ ଦୀର୍ଘଦିନର ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ଲଖନପୁର ବ୍ଲକବାସୀଙ୍କୁ ନିରବଚ୍ଛିନ୍ନ ଓ ଉନ୍ନତ ମୋବାଇଲ୍ ସେବା ଯୋଗାଇଦେବାକୁ ସାଧାରଣରେ ଦାବି ଜୋର୍ ଧରିଛି।

କଫ୍ ସିରପ୍ ନିଶାରେ ଯୁବପିଢ଼ି : ଚିନ୍ତାରେ ଅଭିଭାବକ

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଗଞ୍ଜେଇ ଓ ବ୍ରାଉନ୍ ସୁଗାର ପରେ ଏବେ କଫ୍ ସିରପ୍ ନିଶାର କବଳରେ ଯୁବପିଢ଼ି। କାଶ ଉପଶମ ପାଇଁ ବ୍ୟବହୃତ ଔଷଧ ଏବେ କେତେକ ଯୁବକଙ୍କ ପାଇଁ ନିଶାର ମାଧ୍ୟମ ପାଲଟିଥିବା ଅଭିଯୋଗ ହୋଇଛି। ବିଶେଷକରି କୋଡିନଯୁକ୍ତ କଫ୍ ସିରପ୍‌ର ବେଆଇନ କାରବାର ଯୁବସମାଜ ପାଇଁ ଚିନ୍ତାର କାରଣ ହୋଇଛି। ପଶ୍ଚିମ ଓଡ଼ିଶାରେ ଏହି ବେଆଇନ କାରବାର ବଢୁଥିବା ଅଭିଯୋଗ ମଧ୍ୟରେ କୋଲାବିରା ଓ ଏହାର ଆଖପାଖ ଅଞ୍ଚଳ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ବିଭିନ୍ନ ସମୟରେ ବିପୁଳ ପରିମାଣର ବେଆଇନ କଫ୍ ସିରପ୍ ଜବତ ହେଉଥିଲେ ମଧ୍ୟ ଏହାର ଚୋରା କାରବାର ଉପରେ ସମ୍ପୂର୍ଣ୍ଣ ଅଙ୍କୁଶ ଲାଗିପାରୁନାହିଁ। ଚଢ଼ଉ ଓ ଗିରଫଦାରୀ ସତ୍ତ୍ୱେ ଏହି କାରବାର ଜାରି ରହିବା ନିଶା ନିୟନ୍ତ୍ରଣ ବ୍ୟବସ୍ଥାର ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି। ଦୀର୍ଘ ବର୍ଷ ଧରି ଏହି ନିଶାର ପ୍ରଭାବରେ ଯୁବପିଢ଼ିଙ୍କ ଭବିଷ୍ୟତ ବିପନ୍ନ ହେଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସାଧାରଣତଃ କାଶ ଓ ଥଣ୍ଡାଜନିତ ସମସ୍ୟାର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କଫ୍ ସିରପ୍ ସେବନ କରାଯାଇଥାଏ। କିନ୍ତୁ ଏଥିରେ ଥିବା କୋଡିନ୍ ଭଳି ଉପାଦାନଯୁକ୍ତ ଔଷଧକୁ ନିର୍ଦ୍ଧାରିତ ମାତ୍ରାଠାରୁ ଅଧିକ ସେବନ କଲେ ଏହା ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଓ ନିଶାସକ୍ତ ହେବାର କାରଣ ହୋଇପାରେ। ମଦ୍ୟପାନର ବିକଳ୍ପ ଭାବେ କେତେକ ବ୍ୟକ୍ତି ଏହି ଔଷଧର ଅପବ୍ୟବହାର କରୁଥିବା ଅଭିଯୋଗ ରହିଛି। ସହଜରେ ମିଳିବା ଓ ତୁଳନାତ୍ମକ ଭାବେ କମ୍ ମୂଲ୍ୟରେ ଉପଲବ୍ଧ ହେବା ଏହି ପ୍ରବୃତ୍ତିକୁ ଆହୁରି ବଢ଼ାଉଥିବା କୁହାଯାଉଛି।

ଅନ୍ୟପକ୍ଷରେ କେତେକ ନାମୀ ଔଷଧ କମ୍ପାନୀର କଫ୍ ସିରପ୍ ବେଆଇନ ଭାବେ ପରିବହନ ଓ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହି ମାମଲାରେ ବିଭିନ୍ନ ସମୟରେ ଗିରଫଦାରୀ ହେଉଥିଲେ ମଧ୍ୟ ବେଆଇନ କାରବାର ସହ ସମ୍ପୃକ୍ତ ଆର୍ଥିକ ନେଟୱର୍କ ଓ ଯୋଗାଣ ଶୃଙ୍ଖଳ ଉପରେ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ସମ୍ପୃକ୍ତଙ୍କ ବ୍ୟାଙ୍କ ଖାତା ଓ ଆର୍ଥିକ କାରବାରର ଯାଞ୍ଚ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଗଲେ ଏହି ଚୋରା ବ୍ୟବସାୟର ମୂଳୋତ୍ପାଟନ ସମ୍ଭବ ହୋଇପାରିବ। କଫ୍ ସିରପ୍‌ର ଅବାଧ ବିକ୍ରି ରୋକିବା ପାଇଁ ଔଷଧ ଦୋକାନଗୁଡ଼ିକରେ ନିୟମିତ ଯାଞ୍ଚ, ଔଷଧର ଷ୍ଟକ୍ ଓ ବିକ୍ରି ରେକର୍ଡ ଯାଞ୍ଚ ଏବଂ ସନ୍ଦେହଜନକ ଯୋଗାଣ ଉପରେ ନଜର ରଖିବା ଜରୁରି। ଏଥିସହ ନିଶାଦ୍ରବ୍ୟର ଅପବ୍ୟବହାର ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରିବା ସହ ନିଶାସକ୍ତ ଯୁବକଙ୍କୁ ଚିକିତ୍ସା ଓ ପରାମର୍ଶ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସୂଚନା ଅନୁଯାୟୀ, ହିମାଚଳ ପ୍ରଦେଶ, ସିକ୍କିମ୍ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ କେତେକ କଫ୍ ସିରପ୍ ପ୍ରସ୍ତୁତ ହେଉଥିବା ବେଳେ ସେଠାରୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଦେଇ ଚୋରା ଚାଲାଣ ହେଉଥିବା ଅଭିଯୋଗ ରହିଛି। କଲକାତା ଓ ରାୟପୁର ମାର୍ଗରେ ଏହା ଓଡ଼ିଶାକୁ ପ୍ରବେଶ କରୁଥିବା କୁହାଯାଉଛି। ତେବେ ଏହି ଚୋରା ଚାଲାଣ ଶୃଙ୍ଖଳକୁ ଭାଙ୍ଗିବା ପାଇଁ ଆନ୍ତଃରାଜ୍ୟ ସମନ୍ୱୟ, ଗୁଇନ୍ଦା ତଥ୍ୟ ସଂଗ୍ରହ ଓ ନିୟମିତ ତଦାରଖ ଅତ୍ୟନ୍ତ ଜରୁରି। କଫ୍ ସିରପ୍ ଭଳି ଔଷଧର ଅପବ୍ୟବହାର ଯୁବସମାଜର ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ଜୀବନକୁ ପ୍ରଭାବିତ କରିବା ପୂର୍ବରୁ ପ୍ରଶାସନ, ଔଷଧ ନିୟନ୍ତ୍ରଣ ବିଭାଗ, ପୁଲିସ ଓ ସମାଜର ସମସ୍ତ ବର୍ଗ ମିଳିତ ଭାବେ ପଦକ୍ଷେପ ନେବା ଆବଶ୍ୟକ। କେବଳ ଜବତ ଓ ଗିରଫଦାରୀରେ ସୀମିତ ନ ରହି ଏହି ବେଆଇନ କାରବାରର ମୂଳ ଉତ୍ସକୁ ଠାବ କରିବା ସହ ଯୁବପିଢ଼ିଙ୍କୁ ନିଶା କବଳରୁ ମୁକ୍ତ କରିବା ଏବେ ସମୟର ଆହ୍ୱାନ।

ଧାମନଗରରେ ବନ୍ୟା ପ୍ୟାକେଜ ଫେଲ୍ : ବିହନ ଅଛି, ଚାଷୀ ପ୍ରସ୍ତୁତ; ଡିବିଟି ପୋର୍ଟାଲ ବନ୍ଦ, ଅଟକିଛି ସହାୟତା

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ବନ୍ୟାରେ ଫସଲ ଉଜୁଡ଼ିଲା, ଚାଷୀଙ୍କ ଆଶା ଉଜୁଡ଼ିବାକୁ ବସିଲାଣି। ଚାଷୀଙ୍କୁ ପୁନର୍ବାର ଚାଷ କାର୍ଯ୍ୟରେ ସହାୟତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍‌ରେ ୧୦ କୋଟି ଟଙ୍କା ଘୋଷଣା ହୋଇଥିଲେ ମଧ୍ୟ ଧାମନଗର ବ୍ଲକରେ ଏହାର ସୁଫଳ ମିଳିବା ନେଇ ଅନିଶ୍ଚିତତା ଦେଖାଦେଇଛି। ବିହନ ମହଜୁଦ ଅଛି, ଚାଷୀ କିଣିବାକୁ ପ୍ରସ୍ତୁତ; ହେଲେ ଡିବିଟି ବିକ୍ରି ପୋର୍ଟାଲ୍ ବନ୍ଦ ଥିବାରୁ ବିହନ କିଣା ଅଟକି ରହିଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ବାରମ୍ବାର ବନ୍ୟା ଯୋଗୁଁ ଧାନ ସମେତ ବିଭିନ୍ନ ପନିପରିବା ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ ବିହନ କିଣିବା ପାଇଁ ଡିବିଟି ମାଧ୍ୟମରେ ସହାୟତା ଦେବାକୁ ସରକାର ଘୋଷଣା କରିଥିଲେ। କିନ୍ତୁ ନିୟମ ଅନୁଯାୟୀ, ଚାଷୀଙ୍କୁ ପ୍ରଥମେ ନିଜ ଖର୍ଚ୍ଚରେ ବିହନ କିଣିବାକୁ ପଡ଼ିବ ଏବଂ ପରେ ଅର୍ଥ ତାଙ୍କ ବ୍ୟାଙ୍କ ଖାତାକୁ ଫେରସ୍ତ ହେବ।ଏଥିପାଇଁ ବିରି ବିହନ କ୍ୱିଣ୍ଟାଲ ପ୍ରତି ୧୨,୬୨୫ ଟଙ୍କା ଓ ଧାନ ବିହନ କ୍ୱିଣ୍ଟାଲ ପ୍ରତି ୪,୧୮୦ ଟଙ୍କା ଦେଇ କିଣିବାକୁ ହେବ। ମାତ୍ର ଡିବିଟି ବିକ୍ରି ପୋର୍ଟାଲ୍ ବନ୍ଦ ଥିବାରୁ ଚାଷୀ ବିହନ କିଣିବାରୁ ବଞ୍ଚିତ ହେଉଥିବା କୁହାଯାଉଛି। ଫଳରେ ସରକାରଙ୍କ ଘୋଷଣା ଓ ତୃଣମୂଳ ସ୍ତରର ବାସ୍ତବ ସ୍ଥିତି ମଧ୍ୟରେ ତାରତମ୍ୟ ସ୍ପଷ୍ଟ ହୋଇଛି।ଚାଷର ଉପଯୁକ୍ତ ସମୟରେ ବିହନ ନମିଳିଲେ ଚାଷୀଙ୍କ କ୍ଷତି ଆହୁରି ବଢ଼ିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଡିବିଟି ପୋର୍ଟାଲ୍ ଖୋଲିବା ସହ ବିହନ ବିକ୍ରି ବ୍ୟବସ୍ଥା ସ୍ୱାଭାବିକ କରି ଚାଷୀଙ୍କୁ ପ୍ୟାକେଜର ସୁଫଳ ଯୋଗାଇଦେବାକୁ ଦାବି ହେଉଛି। ନଚେତ୍ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍ ଧାମନଗର ଚାଷୀଙ୍କ ପାଇଁ କେବଳ ଘୋଷଣାରେ ସୀମିତ ରହିଯିବା ଆଶଙ୍କା ଦେଖାଦେଇଛି।

ୟୁଜିସି-୨୦୨୬ ନୂତନ ନିୟମାବଳୀର ପୁନର୍ବିଚାର ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବ୍ରାହ୍ମଣ ମହାସଂଘ ନେତୃତ୍ୱରେ ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ବିଡ଼ିଓଙ୍କ ଜରିଆରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୌଦ୍ଧ ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ମଧ୍ୟ ଆଞ୍ଚଳିକ ରାଜ୍ୟ ସମ୍ପାଦକ ଅନ୍ତର୍ଯ୍ୟାମୀ ତ୍ରିପାଠୀ, ଜିଲ୍ଲା ସଭାପତି ଗୁରୁପ୍ରସାଦ ଦାଶ ଓ ଜିଲ୍ଲା ସମ୍ପାଦକ ଦେବାଶିଷ ପୁରୋହିତଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ନ୍ୟାୟ ସୁରକ୍ଷା ଓ ମର୍ଯ୍ୟାଦା ମିଳିବା ସହିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟାଳୟରେ ଦାବିପତ୍ର ଗ୍ରହଣ କରିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଶିକ୍ଷାବିତ୍ ପ୍ରଭାସ ଚନ୍ଦ୍ର ମିଶ୍ର, ଶକ୍ତିବାହିନୀ ପକ୍ଷରୁ ସଭାପତି ପଦ୍ମାଳୟା ମିଶ୍ର, ମଧୁସ୍ମିତା ତ୍ରିପାଠୀ, ସଂଯୁକ୍ତାରାଣୀ ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଆଶାରାଣୀ ମିଶ୍ର, ପ୍ରମୋଦିନୀ ଯୋଶୀ, ମଧୁମିତା ମିଶ୍ର, ପଣ୍ଡିତ ପ୍ରଦ୍ୟୁମ୍ନ ମିଶ୍ର, ରିତ କୁମାର ହୋତା, ନୃସିଂହ ଚରଣ ହୋତା, ଶିବ ପ୍ରସାଦ ପାଣିଗ୍ରାହୀ, ପର୍ଶୁରାମ ବାହିନୀ ପକ୍ଷରୁ ଅଭିଜିତ ମହାପାତ୍ର, ସୁଧୀର କୁମାର ମହାପାତ୍ର, ଅନ୍‌ସୁଲ ବିନାୟକ ପାଢ଼ୀ ପ୍ରମୁଖ ଶତାଧିକ ବ୍ରାହ୍ମଣ ଦେବତା ଯୋଗଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏହାର ବିଚାର କରାନଗଲେ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ମହାସଂଘ ପକ୍ଷରୁ ନିଷ୍ପତ୍ତି ନିଆଯିବ।

ପର୍ଯ୍ୟଟକଙ୍କ ଅସଚେତନତାରେ ରମ୍ପାଲୁଗା ଅଣନିଃଶ୍ୱାସୀ : ପିକନିକ୍ ଋତୁ ପୂର୍ବରୁ ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ଦାବି

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ



ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟ, ହୀରାକୁଦ ଜଳଭଣ୍ଡାରର ବିସ୍ତୀର୍ଣ୍ଣ ଜଳରାଶି ଓ ବୋଟିଂର ଆକର୍ଷଣ। ଏସବୁକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ରମ୍ପାଲୁଗାରେ ଜମେ ପର୍ଯ୍ୟଟକଙ୍କ ଭିଡ଼। ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ଛତିଶଗଡ଼ରୁ ମଧ୍ୟ ବହୁ ପର୍ଯ୍ୟଟକ ଏଠାକୁ ଆସନ୍ତି। ହେଲେ ପ୍ରକୃତିର ଏହି ମନୋରମ ପରିବେଶକୁ ଉପଭୋଗ କରିବାକୁ ଆସୁଥିବା କିଛି ପର୍ଯ୍ୟଟକଙ୍କ ଅସଚେତନତା ଏବେ ଏହି ସୌନ୍ଦର୍ଯ୍ୟ ମୟ ଅଞ୍ଚଳ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍, ଖାଦ୍ୟ ପ୍ୟାକେଟ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ପରିବେଶ ପ୍ରଦୂଷିତ ହେଉଥିବାରୁ ଆଗାମୀ ପିକନିକ୍ ଋତୁ ପୂର୍ବରୁ ଏହାର ନିୟନ୍ତ୍ରଣ ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ରବିବାର ଓ ଛୁଟିଦିନରେ ରମ୍ପାଲୁଗାରେ ପର୍ଯ୍ୟଟକଙ୍କ ଭିଡ଼ ବଢୁଥିବା ବେଳେ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଏକ ବଡ଼ ଆହ୍ୱାନ ହୋଇଛି। ପିକନିକ୍ ସାରି ଫେରିବା ବେଳେ ଅନେକ ଲୋକ ନିଜ ବ୍ୟବହୃତ ପ୍ଲାଷ୍ଟିକ୍ ଓ ପଲିଥିନ୍‌କୁ ନିର୍ଦ୍ଧାରିତ ସ୍ଥାନରେ ନ ପକାଇ ଏଣେତେଣେ ଫିଙ୍ଗି ଦେଉଛନ୍ତି। ଏହାଦ୍ୱାରା ଚାରିପାଖର ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ଜୀବଜନ୍ତୁ ଓ ପକ୍ଷୀଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି। ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆସି ତାକୁ ଆବର୍ଜନାରେ ଭରିଦେବା ପର୍ଯ୍ୟଟନର ମୂଳ ଉଦ୍ଦେଶ୍ୟକୁ ହିଁ ପ୍ରଶ୍ନବାଚୀ କରିଛି।

ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ରଖାଯାଇଥିଲେ ମଧ୍ୟ ଏହାର ସଠିକ୍ ବ୍ୟବହାର ହେଉନାହିଁ। ଫଳରେ ଏଣେତେଣେ ପଡ଼ିରହୁଛି ପ୍ଲାଷ୍ଟିକ୍ ଓ ପଲିଥିନ୍ ଆବର୍ଜନା। ଅନ୍ୟପଟେ, ପର୍ଯ୍ୟଟକଙ୍କୁ ସଚେତନ କରିବା ଓ ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇବାକୁ ବୁଝାଇବା ପାଇଁ ଆବଶ୍ୟକ ସଂଖ୍ୟକ ସ୍ୱେଚ୍ଛାସେବୀ ନାହାନ୍ତି। ବନ ବିଭାଗ ପକ୍ଷରୁ ବୋଟିଂ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ବନ ସୁରକ୍ଷା ସମିତିର ସଦସ୍ୟମାନେ ଏକାଧିକ ଦାୟିତ୍ୱ ତୁଲାଉଥିବାରୁ ପରିବେଶ ସୁରକ୍ଷା ଉପରେ ଆବଶ୍ୟକ ନଜର ରଖିବା କଷ୍ଟକର ହେଉଛି। କେବଳ ଡଷ୍ଟବିନ୍ ରଖିଦେଲେ ପ୍ରଦୂଷଣ ସମସ୍ୟାର ସମାଧାନ ହେବ ନାହିଁ। ଏଥିପାଇଁ ପ୍ରଶାସନ, ବନ ବିଭାଗ, ସ୍ଥାନୀୟ ସଂସ୍ଥା ଓ ପରିବେଶପ୍ରେମୀଙ୍କ ମିଳିତ ଉଦ୍ୟମ ଆବଶ୍ୟକ। ପିକନିକ୍ ଋତୁ ଆରମ୍ଭ ପୂର୍ବରୁ ସ୍ୱତନ୍ତ୍ର ସଫେଇ ଅଭିଯାନ, ସଚେତନତା ଶିବିର, ସୂଚନା ଫଳକ ଓ ନିୟମିତ ତଦାରଖ ବ୍ୟବସ୍ଥା କରାଯିବା ଦରକାର। ପ୍ଲାଷ୍ଟିକ୍ ଓ ପଲିଥିନ୍ ବର୍ଜ୍ୟକୁ ନିର୍ଦ୍ଧାରିତ ସ୍ଥାନରେ ପକାଇବା ସହ ବ୍ୟବହାରଯୋଗ୍ୟ ପୁନଃବ୍ୟବହାରକ୍ଷମ ସାମଗ୍ରୀକୁ ପ୍ରୋତ୍ସାହନ ଦେବା ଉଚିତ୍।

ଏଥିସହ ନିୟମ ଉଲ୍ଲଂଘନ କରି ଯେଉଁମାନେ ଏଣେତେଣେ ଆବର୍ଜନା ପକାଉଛନ୍ତି, ସେମାନଙ୍କ ବିରୋଧରେ ନିୟମାନୁଯାୟୀ ଜରିମାନା ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ଆବଶ୍ୟକ। ପର୍ଯ୍ୟଟନସ୍ଥଳୀର ସ୍ୱଚ୍ଛତା ରକ୍ଷା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ; ପ୍ରତ୍ୟେକ ପର୍ଯ୍ୟଟକଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି। ରମ୍ପାଲୁଗାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜୈବବିବିଧତାକୁ ସୁରକ୍ଷିତ ରଖିବା ପାଇଁ ଏବେଠାରୁ ପଦକ୍ଷେପ ନ ନିଆଗଲେ ପିକନିକ୍ ଋତୁରେ ପ୍ରଦୂଷଣ ସମସ୍ୟା ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ତେଣୁ 'ପ୍ରକୃତିକୁ ଉପଭୋଗ କରନ୍ତୁ, ଆବର୍ଜନା ଛାଡ଼ି ଯାଆନ୍ତୁ ନାହିଁ' - ଏହି ବାର୍ତ୍ତାକୁ ଜନଆନ୍ଦୋଳନରେ ପରିଣତ କରିବା ଆଜିର ଆବଶ୍ୟକତା। ରମ୍ପାଲୁଗାର ସୌନ୍ଦର୍ଯ୍ୟ ବଜାୟ ରଖିବା ହିଁ ହେଉ ପ୍ରତ୍ୟେକ ପର୍ଯ୍ୟଟକଙ୍କ ସଂକଳ୍ପ।

ଆନ୍ଧ୍ର ବ୍ୟବସାୟୀଙ୍କ କବ୍‌ଜାରେ ସରକାରୀ ଜମି : ନଦୀ ଉପରେ ଚାଲିଛି ବେଆଇନ ପୋଲ ନିର୍ମାଣ

ମ.ରାମପୁର, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲାରେ ଆନ୍ଧ୍ର ବ୍ୟବସାୟୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସରକାରୀ ଜମି ଜବରଦଖଲ କରି ସେମାନେ ବ୍ୟବସାୟ କରୁଛନ୍ତି। ହେଲେ ପ୍ରଶାସନ ନିରବଦ୍ରଷ୍ଟା ସାଜୁଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମ.ରାମପୁର ନିକଟସ୍ଥ କୁସୁମଖାଲ ଗାଁରେ ସରକାରୀ ଜମି ଜବରଦଖଲ କରି ପାମ ଗଛ ଲଗାଇଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏକର ଏକର ସରକାରୀ ଜମିରେ ପାମଗଛ ବିନା ଅନୁମତିରେ ଲଗାଯାଇଛି।



ରାଜସ୍ୱ ବିଭାଗର ତଥ୍ୟ ଅନୁସାରେ ଜଣେ ଆନ୍ଧ୍ର ବ୍ୟବସାୟୀ ୧୩୫ ଏକର ୭୭ଡେସିମିଲ ଜମି କିଣିଛନ୍ତି। ସେଥିରେ ସେ ପାମଗଛ ଲଗେଇଛନ୍ତି। ଅନ୍ୟ ୫୧ଏକର ୧୭ଡେସିମିଲ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରି ଚାଷ କରିବା ନେଇ ରାଜସ୍ୱ ବିଭାଗ ନିରୁତ୍ତର। ତା ସହିତ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କୁ ଦିଆଯାଇଥିବା ୩୩ଏକର ୯୫ ଡେସିମିଲ ଜମିକୁ ସେମାନଙ୍କ ସହ ବୁଝାମଣା କରି ଚାଷ କରୁଥିବା ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ଏସବୁ ଜାଣିବା ପରେ ରାଜସ୍ୱ ବିଭାଗ ଜାରିମାନା କାଟି ତାର କାମ ସାରିଦେଇଛି। ଆବଶ୍ୟକ ମୁତାବକ ଜରିମାନା କାଟିନଥିବା ଅଭିଯୋଗ ହେଉଛି। ଏକ ବର୍ଷ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପୂର୍ବରୁ ମ.ରାମପୁରରେ କାର୍ଯ୍ୟରତ ଥିବା ତହସିଲଦାର ସୁଧାକର ରଇତ ଏସବୁ ଜାଣି ଆନ୍ଧ୍ର ବ୍ୟବସାୟୀଙ୍କୁ ଜରିମାନା କାଟିବା ସହ ଜବରଦଖଲ କରିଥିବା ସରକାରୀ ଜମି ଏକମାସ ଭିତରେ ଖାଲି କରିବାକୁ ନୋଟିସ କରିଥିଲେ। ହେଲେ ଏକବର୍ଷ ବିତିଯାଇଥିଲେ ହେଁ ଜମି ଖାଲି କରିନାହିଁ। ତେଣୁ ରାଜସ୍ୱ ବିଭାଗ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେଉଛି।

ଆନ୍ଧ୍ର ବ୍ୟବସାୟୀଙ୍କ ପ୍ରତି ରାଜସ୍ୱ ବିଭାଗର ଅନୁକମ୍ପା କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାଜସ୍ୱ ବିଭାଗ ଓ ଆନ୍ଧ୍ର ବ୍ୟବସାୟୀଙ୍କ ମଧ୍ୟରେ ଭିତିରି ବୁଝାମଣା ନାହିଁ ତ ବୋଲି ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ବାହାର ରାଜ୍ୟରୁ ଆସି ବ୍ୟବସାୟୀମାନେ ବେଧଡ଼କ ଜମି ଦଖଲକରି ଚାଷ କରୁଥିଲେ ହେଁ ରାଜସ୍ୱ ବିଭାଗ ସେମାନଙ୍କୁ ସୁଯୋଗ ଦେଉଥିବା ଅଭିଯୋଗ ହେଉଛି। କାହା ସ୍ୱାର୍ଥରେ ରାଜସ୍ୱ ବିଭାଗର ଅଧିକାରୀମାନେ ସରକାରୀ ଜମି ଜବରଦଖଲ ପାଇଁ ବ୍ୟବସାୟୀଙ୍କୁ ଟେକି ଦେଉଛନ୍ତି ତାହା ସାଧାରଣରେ ଆଲୋଚନା ହେଉଛି। ସେହିପରି ବର୍ତ୍ତମାନ କୁସୁମଖାଲ ଗାଁ ନିକଟରେ ଥିବା ଅନ୍ଧାରୀ ବୁରେଇ ନଦୀ ଉପରେ ବେଆଇନ ଭାବେ ଆନ୍ଧ୍ର ବ୍ୟବସାୟୀ ପୋଲ ନିର୍ମାଣ କାମ ଆରମ୍ଭ କରୁଛି।

ରାଜସ୍ୱ ବିଭାଗ କିଭଳି ଜାଣିପାରୁନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କାହା ନିର୍ଦ୍ଦେଶରେ, କାହା ଅନୁମତିରେ ପୋଲ ନିର୍ମାଣ କରୁଛି। ରାଜସ୍ୱ ବିଭାଗ ଅଧିକାରୀଙ୍କ ସହ ଭିତିରି ବୁଝାମଣାକରି ନିର୍ମାଣ କାମ କରୁନି ତ ତାହା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏନେଇ ତହସିଲଦାର ମୀମାଂସା ସାହୁଙ୍କୁ ପଚାରିବାରୁ ଜମି ଜବରଦଖଲ ଅଭିଯୋଗକୁ ସ୍ୱୀକାର କରିବା ସହ ଏ ସମ୍ପର୍କରେ ରାଜସ୍ୱ ବିଭାଗ ଏଡିଏମଙ୍କୁ ଜଣାଇଛୁ। ନଦୀ ଉପରେ ପୋଲ ନିର୍ମାଣ କରବା କୌଣସି ନିୟମ ନାହିଁ। ଏ ସମ୍ପର୍କରେ ବୁଝି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଦେଖାଯାଉ ରାଜସ୍ୱ ବିଭାଗ କେବେ ଆନ୍ଧ୍ର ବ୍ୟବସାୟୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି।

ଲାଞ୍ଜିଗଡ଼ରେ ହାତୀ ଆତଙ୍କ : ଦଳିଚକଟି ନଷ୍ଟ କଲେ ଏକର ଏକର ଚାଷଜମି

ଲାଞ୍ଜିଗଡ, ନ୍ୟୁଜ୍ ବ୍ୟୁରୋ

କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଲାଞ୍ଜିଗଡ଼ ବ୍ଲକ କାନକୁଟରୁ ପଞ୍ଚାୟତ ଅନ୍ତର୍ଗତ ଉପର କଳାସୁର ଗ୍ରାମରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି।

ଦୀର୍ଘଦିନ ହେବ ବିଶ୍ୱନାଥପୁର ରେଞ୍ଜରେ ଥିବା ଲାଞ୍ଜିଗଡ଼, ବେନଗାଁ, ତ୍ରିଲୋଚନପୁର, ଲାଖବାହାଲି ବିଜେପୁର, କଦମଗୁଡ଼ା, ବେ କୁମଖାଲ ଓ ଭୁର୍ତ୍ତିଗଡ଼ ପଞ୍ଚାୟତରେ ନିୟମିତ ଭାବେ ଜଙ୍ଗଲୀ ହାତୀଙ୍କ ଉପଦ୍ର ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଅନେକ ଲୋକଙ୍କ ଜନ ଜୀବନ ସମେତ ଲୋକଙ୍କ ଘର, ଭାଙ୍ଗି ଆସବାବପତ୍ର ନଷ୍ଟ କରୁଥିବା ଚିତ୍ର ସାମ୍ନାକୁ ଆସୁଛି। ହାତୀ ମଣିଷ ଲଢ଼େଇ ଭିତରେ ଦୁର୍ଗମ ଅଞ୍ଚଳରେ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି।

ଉପର କଳାସୁର ଗାଁରେ ପଶି ଜଙ୍ଗଲୀ ହାତୀପଲ ଉପଦ୍ରବରେ ଶ୍ରବଣୁ ମାଝୀ, କନ୍ଧା ମାଝୀ, ଦାନା ମାଝୀ, ଲକଣା ମାଝୀ,



ଗୋରା ମାଝୀ ଓ ସୁଲପୁ୍ୟ ମାଝୀଙ୍କ ସମେତ ବହୁ ଚାଷ ଜମିରେ ପଶି ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଚାଷୀ ମାନଙ୍କ ବର୍ଷକର ପରିଶ୍ରମ ମାଟିରେ ମିଶିଯାଇଛି। ଅଞ୍ଚଳର ଚାଷୀମାନେ ଦିନରାତି ପରିଶ୍ରମ କରି ଫସଲ ଉତ୍ପାଦନ କରୁଥିବା ବେଳେ ହାତୀଙ୍କ ଉପଦ୍ରବରେ ଫସଲ ନଷ୍ଟ ହେବା ସେମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ତେଣୁ ତୁରନ୍ତ ବନ ବିଭାଗ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ସଠିକ ଆକଳନ କରିବା ସହ ପ୍ରଭାବିତ ଚାଷୀଙ୍କୁ ସରକାରୀ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ହାତୀଙ୍କ ଉପଦ୍ରବ ରୋକିବା ପାଇଁ ବନ ବିଭାଗ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

ସୂଚନା ଥାଉକି, ଗତ ଅଗଷ୍ଟ ମାସ ୨୫ ତାରିଖ ମଙ୍ଗଳବାର ବିଳମ୍ବିତ ରାତିରେ ମୁଷାନାଳ ଓ ବିଜେପୁର ବନବିଭାଗ ଅଧୀନରେ ଥିବା ବେନଗାଁ ପଞ୍ଚାୟତ ଅନ୍ତର୍ଗତ ପଦ୍ମଥୋପା ଗାଁରେ ଏବଂ ଘୋଡାପୋଖରୀ ଗାଁରେ ରାଜୁ କାଣ୍ଡ ଓ କପୁର ହରିଜନଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ, ଶସ୍ୟ ଖାଇବା ସମେତ ଘରେ ଥିବା ଅଓସବାବ ପତ୍ର ନଷ୍ଟ କରି ଦେଇଥିଲେ ଏବଂ ଘୋଡ଼ାପୋଖରୀ ଗ୍ରାମର ବିଦ୍ୟାଳୟର ପାଚେରି ଓ ଫାଟକ ଭାଙ୍ଗିବା ସହିତ ଗୋପୀ ବେନାଲଙ୍କ କୁକୁଡ଼ା ଫାର୍ମ ମଧ୍ୟ ଭାଙ୍ଗିଦେଇଥିଲେ।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୬ ନଭେମ୍ବର ୨୦୨୬ ଶୁକ୍ରବାର



ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି ଆଜି

କଟକ, ନ୍ୟୁଜ୍ ବ୍ୟୁରୋ

ପୂର୍ବତନ ଜେଲ୍ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗରେ ଓଏସଡି ଭାବେ କାର୍ଯ୍ୟରତ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଶାନ୍ତ ନାଥଙ୍କୁ ନେଇ ଚାଲିଥିବା ଯୌନ ନିର୍ଯାତନା ମାମଲାରେ ହାଇକୋର୍ଟରେ ହେବାକୁ ଥିବା ଆଗୁଆ ଜାମିନ୍ ଆବେଦନର ଶୁଣାଣି ଘୁଞ୍ଚିଛି। ହାଇକୋର୍ଟ ଏହି ଆବେଦନର ଶୁଣାଣି ଆସନ୍ତା ନଭେମ୍ବର ୬ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେହିପରି ଏହି ମାମଲାର ଅନ୍ୟତମ ଅଭିଯୁକ୍ତ କୁଳଦୀପ ରଥଙ୍କ ଆଗୁଆ ଜାମିନ୍ ଆବେଦନର ଶୁଣାଣି ମଧ୍ୟ ସମାନ ଦିନକୁ ଘୁଞ୍ଚାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଚୌଦ୍ୱାର ଜେଲର ପୂର୍ବତନ ମହିଳା ଜେଲରଙ୍କ ପକ୍ଷରୁ ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ଚୌଦ୍ୱାର ଥାନା ପୋଲିସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଗିରଫଦାରୀ ଆଶଙ୍କା କରି ଗତ ସୋମବାର ସୁଶାନ୍ତ ନାଥ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ ଆବେଦନ କରିଥିଲେ। ଏଥିସହ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଖାରଜ କରିବାକୁ ମଧ୍ୟ ସେ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣାରେ ମଧ୍ୟସ୍ଥି ଭାବେ ଅଭିଯୋଗ ହୋଇଥିବା କୁଳଦୀପ ରଥ ମଧ୍ୟ ହାଇକୋର୍ଟରେ ଆଗୁଆ ଜାମିନ୍ ସହ ମାମଲା ଖାରଜ ପାଇଁ ଆବେଦନ କରିଛନ୍ତି। ତାଙ୍କ ଆବେଦନର ଶୁଣାଣି ମଧ୍ୟ ନଭେମ୍ବର ୬ ତାରିଖକୁ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଅଭିଯୋଗକାରିଣୀ ତଥା ଚୌଦ୍ୱାର ଜେଲ୍ର ପୂର୍ବତନ ମହିଳା ଜେଲରଙ୍କ ବୟାନ ଟାଙ୍ଗୀ କୋର୍ଟର ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ରେକର୍ଡ କରାଯାଇଛି। ଏହା ପୂର୍ବରୁ ଚୌଦ୍ୱାର ଥାନାରେ ମଧ୍ୟ ତାଙ୍କ ବୟାନ୍ ରେକର୍ଡ ହୋଇଥିଲା। ତେଣୁ ଆସନ୍ତା ୬ ତାରିଖରେ ହାଇକୋର୍ଟରେ ହେବାକୁଥିବା ଶୁଣାଣି ଏହି ମାମଲାରେ ଗୁରୁତ୍ୱ ବହନ କରୁଛି।

ବେଆଇନ୍ ପାର୍କିଂ ଯୋଗୁ ସର୍ଭିସ୍ ରୋଡ଼ରେ ବଢ଼ୁଛି ସମସ୍ୟା

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ



ଚୌଦ୍ୱାର ସହର ମଧ୍ୟ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯାତାୟାତ ପାଇଁ ତିଆରି ହୋଇଥିବା ସର୍ଭିସ୍ ରୋଡ଼ ଉପରେ ଗାଡ଼ି ମଟର ସବୁ ବେଆଇନ୍ ପାର୍କିଂ କରୁଥିବାରୁ ରାସ୍ତା ସଂକୁଚିତ ହେବା ସହିତ ବାରମ୍ବାର ଦୁର୍ଘଟଣାମାନ ଘଟି ଧନ ଜୀବନ ହାନୀ ହେଉଥିବା ଦେଖିବାକୁ ମିଳୁଛି। ଚୌଦ୍ୱାର ମହାବିଦ୍ୟାଳୟର ସମ୍ମୁଖ ବିପରିତ ପାଖ ସର୍ଭିସ୍ ରୋଡ଼ ପାଖରେ ଥିବା ଏକ ଅମ୍ବୁଲାନ୍ସ ସର୍ଭିସିଂ ଓ ରିପ୍ୟାରିଂ ଗ୍ୟାରେଜ୍ ସମ୍ମୁଖରେ ରାସ୍ତା ଉପରେ ବହୁ ସଂଖ୍ୟକ ଆମ୍ବୁଲାନ୍ସ ବେଆଇନ୍ ପାର୍କିଂ କରାଯାଉଥିବାରୁ ଏହି ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ବାରମ୍ବାର ଦୁର୍ଘଟଣା ଘଟୁଛି। ପ୍ରକାଶଯେ ସରକାରୀ ସେବା ଯୋଗାଉଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକୁ ସଜାଡ଼ିବା ପାଇଁ ଏହି ଗ୍ୟାରେଜ୍ଟି ପ୍ରତିଷ୍ଠା କରାଯାଇଛି। ଏହି ଗ୍ୟାରେଜ୍କୁ ଆସୁଥିବା ୧୦୮ ଅମ୍ବୁଲାନ୍ସ ଗାଡ଼ିଗୁଡ଼ିକୁ ଗ୍ୟାରେଜ୍ ସମ୍ମୁଖରେ ସର୍ଭିସ୍ ରୋଡ଼ ଉପରେ ରଖିଦେଇ ଗାଡ଼ି ଡ୍ରାଇଭର ଓ ହେଲ୍ପର ପଳାଉଛନ୍ତି। ଫଳରେ ଏହି ସ୍ଥାନରେ ରାସ୍ତାଟି ଅତିମାତ୍ରାରେ ସଂକୁଚିତ ହେବାଯୋଗୁଁ ସର୍ଭିସ୍ ରୋଡ଼ର ଉଭୟ ପଟରୁ ଯାତାୟାତ କରୁଥିବା ସ୍ଥାନୀୟ ଲୋକ, ଛାତ୍ରଛାତ୍ରୀ ତଥା ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶୀକାର ହେଉଥିବା ନିତିଦିନିଆ ଘଟଣା ହେଲାଣି। ସ୍ଥାନୀୟ କିଛି ଲୋକ ଓ ବ୍ୟବସାୟୀ ଏ ସମ୍ପର୍କରେ ଗ୍ୟାରେଜ୍ କର୍ମଚାରୀଙ୍କୁ ଅଭିଯୋଗ କରିଥିଲେ ହେଁ ସମସ୍ୟାର କୌଣସି ସୁଫଳ ମିଳୁନାହିଁ। ଏଥିସହିତ ଏହି ରାସ୍ତା କଡ଼ରେ ଚାଲିଥିବା କିଛି ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲ ସମ୍ମୁଖରେ ପ୍ରତିଦିନ ସନ୍ଧ୍ୟାରେ ଅତି ମାତ୍ରାରେ ବେଆଇନ୍ ପାର୍କିଂ ରହୁଥିବାରୁ ଉକ୍ତ ସ୍ଥାନ ମାନଙ୍କରେ ମଧ୍ୟ ସମାନ ସମସ୍ୟା ସୃଷ୍ଟି ହେଉଛି। ଏହା ସହିତ ଚୌଦ୍ୱାରରେ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସଠିକ୍ ଭାବେ ପରିଚାଳିତ ହେଉନଥିବାରୁ ଏହି ସର୍ଭିସ୍ ରୋଡ଼ ଦୁଇଟିରେ ବହୁ ମାତ୍ରାରେ ଭାରିଜାନ ମଧ୍ୟ ଚଳାଚଳ କରିବା ଫଳରେ ଉକ୍ତ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ସହିତ ତୁରନ୍ତ ରାସ୍ତାରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ସମାଧାନ କରିବାପାଇଁ ଜନସାଧାରଣଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

ଭିଜିଲାନ୍ସ ଜାଲରେ ଫସିଥିବା ଯନ୍ତ୍ରୀଙ୍କ ଲକ୍କରରୁ ୬୦୬ ଗ୍ରାମ୍ ସୁନା ଜବତ



କଟକ, ନ୍ୟୁଜ୍ ବ୍ୟୁରୋ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ମହାନଦୀ ଉତ୍ତର ଡିଭିଜନ୍ର ଅଧୀକ୍ଷଣ ଯନ୍ତ୍ରୀ ପ୍ରସନ୍ନଜିତ ଦାସଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କର ଏକ ବ୍ୟାଙ୍କ ଲକ୍କରରୁ ୬୦୬.୩୦ ଗ୍ରାମ୍ ଓଜନର ସୁନା ଅଳଙ୍କାର ଜବତ କରିଛି ଓଡ଼ିଶା ଭିଜିଲାନ୍ସ। ତିନି ଦିନିଆ ପୋଲିସ ରିମାଣ୍ଡ ଅବଧି ଶେଷ ହେବା ପରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମାମଲାର ଅଧିକ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀ ପ୍ରସନ୍ନଜିତ ଦାସଙ୍କୁ ପୋଲିସ ରିମାଣ୍ଡରେ ନେବାକୁ ଭୁବନେଶ୍ୱରର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଆବେଦନ କରିଥିଲେ। ଅଦାଲତ ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ତିନି ଦିନ ପାଇଁ ରିମାଣ୍ଡ ଅନୁମତି ଦେଇଥିଲେ। ରିମାଣ୍ଡ ସମୟରେ ତାଙ୍କୁ ବରଗଡ଼ା ସ୍ଥିତ ଆକ୍ସିସ୍ ବ୍ୟାଙ୍କକୁ ନିଆଯାଇ ତାଙ୍କ ଦ୍ୱାରା ପରିଚାଳିତ ଲକ୍କରର ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଲକ୍କରରୁ ୬୦୬.୩୦ ଗ୍ରାମ୍ ସୁନା ଅଳଙ୍କାର ମିଳିଥିଲା। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୭ ତାରିଖରେ ଏକ ଇଣ୍ଟରସେପ୍ସନ୍ ଅପରେସନ୍ ସମୟରେ ପ୍ରସନ୍ନଜିତ ଦାସଙ୍କ ଠାରୁ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହାପରେ ତାଙ୍କର ବିଭିନ୍ନ ବାସଭବନରେ ଏକକାଳୀନ ଚଢ଼ଉ କରାଯାଇ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ଜବତ ହୋଇଥିଲା। ଫଳରେ ତାଙ୍କଠାରୁ ଜବତ ମୋଟ୍ ନଗଦ ଟଙ୍କାର ପରିମାଣ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାରେ ପହଞ୍ଚିଥିଲା। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୨୪/୨୦୨୬ ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ୍, ୨୦୧୮ର ଧାରା ୧୩(୨) ସହ ୧୩(୧)(ବି) ଅନୁଯାୟୀ ମାମଲାର ତଦନ୍ତ ଚାଲିଛି। ନଗଦ ଟଙ୍କା ଜବତ ପରେ ବ୍ୟାଙ୍କ ଲକ୍କରରୁ ବିପୁଳ ପରିମାଣର ସୁନା ମିଳିବା ଘଟଣା ତଦନ୍ତକୁ ନୂଆ ଦିଗ ଦେଇଛି। ମାମଲାର ତଦନ୍ତ ଜାରି ରହିଛି।

୮ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର ପ୍ରଦାନ



ଖୋର୍ଦ୍ଧାରୋଡ଼, ନ୍ୟୁଜ୍ ବ୍ୟୁରୋ

ସୁରକ୍ଷିତ ଓ ସୁଚାରୁ ରେଳ ଚଳାଚଳ ସୁନିଶ୍ଚିତ କରିବା ଦିଗରେ ନିଜର ନିଷ୍ଠା, ସଜାଗତା ଏବଂ ଅତୁଳନୀୟ ଯୋଗଦାନ ପାଇଁ ଖୋର୍ଦ୍ଧାରୋଡ଼ ମଣ୍ଡଳର ୮ ଜଣ ରେଳ କର୍ମଚାରୀଙ୍କୁ ଖୋର୍ଦ୍ଧାରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ମଣ୍ଡଳ ରେଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମାରୋହରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମିନାଙ୍କ ସମେତ ମଣ୍ଡଳର ଶାଖା ଅଧିକାରୀ ଉପସ୍ଥିତ ଥିଲେ। ସମ୍ମାନିତ କର୍ମଚାରୀମାନେ ହେଲେ ଇମ୍ରାନ ଅହମଦ, ବରିଷ୍ଠ ସହକାରୀ ଲୋକୋ ପାଇଲଟ/ ଯଖପୁରା, ସୁନୀଲ କୁମାର, ଲୋକୋ ପାଇଲଟ/ଯଖପୁରା, ସରୋଜ କୁମାର ସାହୁ, ଲୋକୋ ପାଇଲଟ /ଯଖପୁରା, ମହମ୍ମଦ ଜିଶାନ ଅଶ୍ରଫ, ବରିଷ୍ଠ ସହକାରୀ ଲୋକୋ ପାଇଲଟ /ଖୋର୍ଦ୍ଧା ରୋଡ, ହେମନ୍ତ କୁମାର ମହନ୍ତ, ଲୋକୋ ପାଇଲଟ /ଖୋର୍ଦ୍ଧା ରୋଡ, ପୀୟୂଷ କୁମାର ମିଶ୍ର, ଟି.ପି.ଏମ୍.ବି/ ଟାଙ୍ଗିରିଆପାଲ, ଅଜୟ କୁମାର ବେହେରା, ଲୋକୋ ପାଇଲଟ୍/ପାରାଦୀପ ସମାରୋହରେ ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଡି. ସୁନିଲ ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କର କର୍ତ୍ତବ୍ୟନିଷ୍ଠା, ସଜାଗତା ଓ ତତ୍ପରତାକୁ ପ୍ରଶଂସା କରିଥିଲେ। ସମ୍ଭାବ୍ୟ ସୁରକ୍ଷା ବିପଦକୁ ରୋକିବା ସହ ଟ୍ରେନ୍ଗୁଡ଼ିକର ସୁରକ୍ଷିତ ଓ ସୁଚାରୁ ଚଳାଚଳ ସୁନିଶ୍ଚିତ କରିବାରେ ସେମାନଙ୍କର ତ୍ୱରିତ ପଦକ୍ଷେପ ଓ ସଚେତନତାକୁ ସେ ପ୍ରଶଂସା କରିଥିଲେ। ସମସ୍ତ ରେଳ କର୍ମଚାରୀଙ୍କୁ ସୁରକ୍ଷାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ସହ ନିଜ କର୍ତ୍ତବ୍ୟ ପ୍ରତି ସର୍ବଦା ସଜାଗ ଓ ପ୍ରତିବଦ୍ଧ ରହିବାକୁ ସେ ଆହ୍ୱାନ୍ ଦେଇଥିଲେ। ସୁରକ୍ଷା ପ୍ରତି ଅସାଧାରଣ ନିଷ୍ଠା ପ୍ରଦର୍ଶନ କରୁଥିବା କର୍ମଚାରୀମାନଙ୍କୁ ସମ୍ମାନିତ କରିବା ପାଇଁ ଖୋର୍ଦ୍ଧା ରୋଡ଼ ଡିଭିଜନ୍ ସଦା ସର୍ବଦା ପ୍ରତିବଦ୍ଧ। ଏହା ସୁରକ୍ଷିତ, ନିରାପଦ ଏବଂ କାର୍ଯ୍ୟକ୍ଷମ ରେଳ ଚଳାଚଳ ଉପରେ ଭାରତୀୟ ରେଳବାଇର ଅବିଚଳ ଧ୍ୟାନକୁ ଆହୁରି ସୁଦୃଢ଼ କରିଥାଏ ଏହି କାର୍ଯ୍ୟକ୍ରମଟି ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନାଙ୍କ ମାର୍ଗଦର୍ଶନରେ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ଚଳିତ ବର୍ଷ ବାଲିଯାତ୍ରା ହେବ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ମୁକ୍ତ

ଅନ୍ତର୍ଜାତୀୟ ରୂପ ଦେବାକୁ ଚାଲିଛି ବ୍ୟାପକ ପ୍ରସ୍ତୁତି

କଟକ, ନ୍ୟୁଜ୍ ବ୍ୟୁରୋ

ଚଳିତ ବର୍ଷ କଟକର ଐତିହାସିକ ବାଲିଯାତ୍ରାକୁ ପରିବେଶ ଅନୁକୂଳ କରିବା ସହ ପ୍ଲାଷ୍ଟିକ୍ ମୁକ୍ତ ମହୋତ୍ସବ ଭାବେ ଆୟୋଜନ କରିବାକୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଆସନ୍ତା ନଭେମ୍ବର ୨୪ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆଠ ଦିନ ଧରି ଏହି ଐତିହାସିକ ମହାମେଳା ଆୟୋଜିତ ହେବ। ଏଥର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ, ଶୃଙ୍ଖଳିତ ଓ ଆନ୍ତର୍ଜାତିକ ସ୍ତରରେ ପରିଚିତ କରିବା ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ବାଲିଯାତ୍ରାର ସଫଳ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ କୋଟି ଟଙ୍କାର ଅନୁଦାନ ପ୍ରସ୍ତାବ ରହିଛି। ଅନ୍ୟପକ୍ଷରେ ଓରମାସ୍ ପକ୍ଷରୁ ୫୦୦ଟି ଷ୍ଟଲ୍ ମାଧ୍ୟମରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ, ହସ୍ତଶିଳ୍ପ ଓ ବିଭିନ୍ନ କାରିଗରୀ ସାମଗ୍ରୀ ପ୍ରଦର୍ଶନ କରାଯିବ। ଏହାଦ୍ୱାରା ରାଜ୍ୟର କାରିଗର ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ନିଜ ଉତ୍ପାଦର ବଜାର ସୃଷ୍ଟି କରିବା ସହ ନିଜର କଳା ଓ କୌଶଳ ପ୍ରଦର୍ଶନ ପାଇଁ ଏକ ବଡ଼ ମଞ୍ଚ ମିଳିବ। ଚଳିତ ବର୍ଷର ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ହେବ ଓଡ଼ିଶା ଓ ବାଲି ଦ୍ୱୀପ ମଧ୍ୟରେ ରହିଥିବା ପ୍ରାଚୀନ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ। ଏଥିପାଇଁ ବାଲି ଦେଶରୁ ଏକ ପ୍ରତିନିଧି ମଣ୍ଡଳୀ ଯୋଗଦେବାର ଯୋଜନା ରହିଛି। କଟକ-ଇନ୍-କଟକ ପାଭିଲିୟନ୍ରେ ଏହି ଐତିହାସିକ ସମ୍ପର୍କକୁ ଆଧାର କରି ସ୍ୱତନ୍ତ୍ର ପ୍ରଦର୍ଶନୀ ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିସହ ଦର୍ଶକଙ୍କ ପାଇଁ ଏକ ସ୍ୱତନ୍ତ୍ର ଡିଜିଟାଲ୍ ଇନ୍ଫର୍ମେସନ୍ ୱାଲର ବ୍ୟବସ୍ଥା ରହିବ। ଏହା ମାଧ୍ୟମରେ ବାଲି ଓ ପ୍ରାଚୀନ କଳିଙ୍ଗ ମଧ୍ୟରେ ଥିବା ସମ୍ପର୍କ, ନୌବାଣିଜ୍ୟ, ଐତିହ୍ୟ ଓ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଦର୍ଶକମାନେ ବିଭିନ୍ନ ତଥ୍ୟ ଜାଣିବାର ସୁଯୋଗ ପାଇବେ। ବାଲିଯାତ୍ରାକୁ ଏକ ଆନ୍ତର୍ଜାତିକ ସାଂସ୍କୃତିକ ମଞ୍ଚରେ ପରିଣତ କରିବା ସହ ପରିବେଶ ସୁରକ୍ଷାକୁ ଏହାର ମୁଖ୍ୟ ଆଧାର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ, ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ପରିବେଶ ଅନୁକୂଳ ଆୟୋଜନ ମାଧ୍ୟମରେ ଏଥରର ମହୋତ୍ସବକୁ ଏକ ନୂଆ ପରିଚୟ ଦେବାକୁ ଯୋଜନା କରାଯାଇଛି। ଏ ସମ୍ପର୍କରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବାଲିଯାତ୍ରାର ସୁପରିଚାଳନା, ବିଭିନ୍ନ ବିଭାଗର ଦାୟିତ୍ୱ, ଆର୍ଥିକ ବ୍ୟବସ୍ଥା, ଷ୍ଟଲ୍ ପରିଚାଳନା ଓ ସାଂସ୍କୃତିକ ଆୟୋଜନ ସମେତ ଅନ୍ୟାନ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଛି। ସାମଗ୍ରିକ ଭାବେ ଚଳିତ ବର୍ଷର ବାଲିଯାତ୍ରା କେବଳ ଏକ ବାଣିଜ୍ୟିକ ଓ ମନୋରଞ୍ଜନ ମେଳା ମଧ୍ୟରେ ସୀମିତ ନରହି ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ, ପାରମ୍ପରିକ କଳା ଓ ଆନ୍ତର୍ଜାତିକ ସାଂସ୍କୃତିକ ସମ୍ପର୍କର ଏକ ଜୀବନ୍ତ ପ୍ରତିଛବି ଭାବେ ଉଭା ହେବାକୁ ଯାଉଛି।

ସ୍ୱଚ୍ଛତାକୁ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ




କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ସହରକୁ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ସୁସ୍ଥ ପରିବେଶଯୁକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ଶାନ୍ତସାହି ଠାରେ ଏକ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟର, ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ପୌରପାଳିକାର କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦାମାନେ ଯୋଗଦେଇଥିଲେ। ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣରେ ଅଞ୍ଚଳର ସଫେଇ କାର୍ଯ୍ୟ କରାଯିବା ସହ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସ ଭାବେ ଗ୍ରହଣ କରିବା ସହ ସହରର ପରିବେଶକୁ ସୁସ୍ଥ ଓ ସ୍ୱଚ୍ଛ ରଖିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଅପରିହାର୍ଯ୍ୟ ବୋଲି ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ଅଭିଯାନ ସହିତ ପୌରପାଳିକା ପକ୍ଷରୁ ଏକ ଏନ୍ଫୋର୍ସମେଣ୍ଟ କାର୍ଯ୍ୟ ମଧ୍ୟ କରାଯାଇଥିଲା। ଏହି ସମୟରେ କେତେକ ହୋଟେଲ ଓ ଜଳଖିଆ ଦୋକାନରେ ବାଣିଜ୍ୟିକ କାର୍ଯ୍ୟରେ ଘରୋଇ ଏଲପିଜି ସିଲିଣ୍ଡର ବ୍ୟବହାର ହେଉଥିବା ଚିହ୍ନଟ କରାଯାଇଥିଲା। ନିୟମ ଉଲ୍ଲଂଘନ କରି ଏଭଳି ବ୍ୟବହାର କରାଯାଉଥିବା ଘରୋଇ ଗ୍ୟାସ୍ ସିଲିଣ୍ଡରଗୁଡ଼ିକୁ ଅଭିଯାନ ସମୟରେ ଜବତ କରାଯାଇଥିଲା। ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ନିୟମ ଅନୁଯାୟୀ ବାଣିଜ୍ୟିକ ଏଲ୍ପିଜି ସିଲିଣ୍ଡର ବ୍ୟବହାର କରିବା ଉଚିତ ବୋଲି ଏହି କାର୍ଯ୍ୟ ମାଧ୍ୟମରେ ସ୍ପଷ୍ଟ ବାର୍ତ୍ତା ଦିଆଯାଇଥିଲା। କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ସମସ୍ତ ନାଗରିକଙ୍କୁ ନିଜ ଆଖପାଖ ପରିବେଶ ସଫା ରଖିବା, ଏଣେତେଣେ ଅଳିଆ ଆବର୍ଜନା ନପକାଇବା, ନିର୍ଦ୍ଧାରିତ ସ୍ଥାନରେ ଆବର୍ଜନା ପକାଇବା ଏବଂ ପୌରପାଳିକାର ସ୍ୱଚ୍ଛତା ପଦକ୍ଷେପରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ଶ୍ରୀମା' ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ରାୟଗଡ଼ା ସହର

ରାୟଗଡ଼, ନ୍ୟୁଜ୍ ବ୍ୟୁରୋ





ଏହି ଉତ୍ସବରେ ଶ୍ରୀ ମା' ଗଜଲକ୍ଷ୍ମୀଙ୍କ ଦୈନନ୍ଦିନ ରୀତିନୀତି, ମୀନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ, ଅସ୍ଥାୟୀ ଷ୍ଟଲ୍ ଇତ୍ୟାଦି ଅନ୍ତର୍ଭୁକ୍ତ। କମିଟି ସ୍ଥାନୀୟ ପ୍ରତିଭାମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସୁଯୋଗ ଦେଉଛି ଏବଂ ଭକ୍ତଙ୍କ ପାଇଁ ମାତ୍ର ୩୦ ଟଙ୍କାରେ ଶ୍ରୀ ମା' ଗଜଲକ୍ଷ୍ମୀ ପୂଜା ଅନ୍ନ ପ୍ରସାଦ ପ୍ରଦାନ କରୁଛି। ଶ୍ରୀ ମା' ଗଜଲକ୍ଷ୍ମୀ ପୂଜା ଉତ୍ସବ ୨୫ ରୁ ୦୬ ତାରିଖ ପର୍ଯ୍ୟନ୍ତ ୧୨ ଦିନ ପାଇଁ ପାଳନ କରିବାକୁ ଯୋଜନା କରାଯାଇଥିବା ବେଳେ, ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବାତ୍ୟା ଅର୍ଣ୍ଣବ ସମୟରେ ମୀନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦୋକାନଗୁଡ଼ିକ ୨୭ ରୁ ୨୯ ତାରିଖ ପର୍ଯ୍ୟନ୍ତ ତିନି ଦିନ ପାଇଁ ବନ୍ଦ ରହିଥିଲା। କମିଟି ଏହି ୩ ଦିନ ପାଇଁ କେବଳ ମାଁ ଗଜଲକ୍ଷ୍ମୀ ପୂଜା ରୀତିନୀତି କରିଥିଲା। ୩୦ରୁ ପୁନଶ୍ଚ ସମସ୍ତ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପ ପୁନଃ ଆରମ୍ଭ ହୋଇଛି। କମିଟିର ସଦସ୍ୟମାନେ ଉତ୍ସାହିତ ଅଛନ୍ତି ଓ ପୂଜା ଏବଂ ଉତ୍ସବକୁ ସଫଳ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି। ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ସହାୟତା ପାଇଁ କମିଟି ଜିଲ୍ଲାପାଳ, ଉପ-ଜିଲ୍ଲାପାଳଙ୍କ, ପୋଲିସ, ଅଗ୍ନିଶମ, ବୈଦ୍ୟୁତିକ, ଯାନ୍ତ୍ରିକ ବିଭାଗ, ପୌରପାଳିକା ଇତ୍ୟାଦି ସ୍ଥାନୀୟ ପ୍ରଶାସନକୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତାର ସହ ଧନ୍ୟବାଦ ଜଣାଇଛନ୍ତି। କମିଟି ସମସ୍ତ ଗଣମାଧ୍ୟମ ଏବଂ ସମସ୍ତ ଜନସାଧାରଣଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ଶ୍ରୀ ଶ୍ରୀ ମା' ଗଜଲକ୍ଷ୍ମୀ ପୂଜା କମିଟିର ବିଭିନ୍ନ ସଦସ୍ୟମାନେ ସଭାପତି- ସନ୍ତୋଷ କୁମାର ପାତ୍ର, ଉପସଭାପତି- ବିନୋଦ ସାହୁ, ସାଧାରଣ ସମ୍ପାଦକ- ଏନ୍ ତ୍ରିନାଥ ରାଓ, ସଂଗଠନିକ ସମ୍ପାଦକ- ସନ୍ତୋଷ କୁମାର ବ୍ରହ୍ମା, ଯୁଗ୍ମ ସମ୍ପାଦକ- ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ- ଦିଲୀପ କୁମାର ସାହୁ, ସଂଯୋଜକ, ସୁଧୀର କୁମାର ପଣ୍ଡା, ଅନୁପ କୁମାର ପାତ୍ର, ଲକ୍ଷ୍ମୀକାନ୍ତ ଦାଶ, ଜଗନ୍ନାଥ ସାହୁ, ବିଶ୍ୱନାଥ ବ୍ରହ୍ମା, ପୂଜା ସଂଯୋଜକ, ଅବିନାଶ ବିଶୋୟୀ ପ୍ରମୁଖ ସହଯୋଗ କରୁଛନ୍ତି।

ନମ୍ବର ବିହୀନ ଚୋରା ମୋରମ ବୋଝେଇ ଟ୍ରାକ୍ଟର ଜବତ



ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା ବ୍ୟାସନଗର ପୌରପାରିଷଦ ଅନ୍ତର୍ଗତ ୨୬ ନମ୍ବର ୱାର୍ଡ ଖଣ୍ଡାହତା ଗ୍ରାମ ସ୍କୁଲ ପାଖ ରାସ୍ତାରେ ମୋରମ ଟ୍ରାକ୍ଟର ଓଲଟି ପଡ଼ିଥିବା ବେଳେ ଯାଜପୁର ରୋଡ ବନବିଭାଗ ଦ୍ୱାରା ଜବତ ହୋଇଛି। ସୂଚନା ଅନୁଯାଇ ବୁଧବାର ସକାଳୁ ଏକ ନମ୍ବର ବିହୀନ ଟ୍ରାକ୍ଟର ଗାଡି ମୋରମ୍ ବୋଝେଇ କରି ଦ୍ରୁତ ବେଗରେ ଯାଉଥିବା ସମୟରେ ସ୍କୁଲ ଆଗରେ ଓଲଟି ପଡିଥିଲା। ଟ୍ରାକ୍ଟରଟିକୁ ଅନୁସରଣ କରି ବନବିଭାଗର ଦୁଇଜଣ କର୍ମଚାରୀ ଗାଡି ପାଖରେ ପହଞ୍ଚିଥିଲେ। ଏହି ଘଟଣାକୁ ଦେଖି ଖଣ୍ଡାହତା ଗ୍ରାମର କିଛି ଯୁବକମାନେ ମଧ୍ୟ ସେଠାରେ ଉପସ୍ଥିତ ହୋଇଯାଇଥିଲେ। ଗ୍ରାମର ଯୁବକମାନେ ଖଣ୍ଡାହତା ମୌଜା ଜଗନ୍ନାଥ ମନ୍ଦିର ପଛପଟୁ ମୋରମ ଚୋରି କରୁଥିବା ଟ୍ରାକ୍ଟରଟିକୁ ଅଟକ ରଖିବା ସହିତ ଯାଜପୁର ଜିଲ୍ଲା ଯାଜପୁର ରୋଡ ବନବିଭାଗ ରେଞ୍ଜର ପାଖକୁ ଏକ ଦରଖାସ୍ତ ଲେଖି ବନବିଭାଗର ଏସ୍ଆଇ ଚିତ୍ତରଞ୍ଜନ ବିଶ୍ୱାଳଙ୍କୁ ଟ୍ରାକ୍ଟରଟିକୁ ହସ୍ତାନ୍ତର କରିବା ସହିତ କିପରି ଭବିଷ୍ୟତରେ ମୋରମ୍ ଚୋରି ନହେବା ତାହାର ଉଚିତ୍ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଟ୍ରାକ୍ଟରଟି ନମ୍ବର ବିହୀନ ଥିବାବେଳେ ମାଲିକ ଘର ଦାନିଆବାର (ନେଳିବାରୀ) ଅଞ୍ଚଳ ନୂଆସାହି ବୋଲି ଶୁଣିବାକୁ ମିଳୁଛି।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସମ୍ମାନିତ

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ପାଇଁ ଆଉ ଏକ ଗୌରବର ମୁହୂର୍ତ୍ତ। ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (DSWO) ତନୁଶ୍ରୀ ମିଶ୍ର ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା 'ଆଦ୍ୟାଶା' କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଶ୍ରେଷ୍ଠ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାବେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱର ଠାରେ ଆୟୋଜିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ବାର୍ଷିକ ଉତ୍ସବ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମହିଳା ଓ ଶିଶୁଙ୍କ କଲ୍ୟାଣ ତଥା ସଶକ୍ତୀକରଣ ଦିଗରେ ତାଙ୍କର ନିଷ୍ଠା, ସମର୍ପଣ ଓ କାର୍ଯ୍ୟଦକ୍ଷତାର ଏହା ଏକ ସ୍ୱୀକୃତି। ଏହି ସଫଳତା ନବରଙ୍ଗପୁର ଜିଲ୍ଲା ପାଇଁ ଗର୍ବ ଓ ଗୌରବର ବିଷୟ। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀମତୀ ମିଶ୍ରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ସଫଳତା କାମନା କରାଯାଇଛି।



ଓର୍ମାସ୍ ପକ୍ଷରୁ ଦୀପାବଳି ଷ୍ଟଲ୍ ଉଦ୍ଘାଟିତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଦୀପାବଳି ଅବସରରେ ଗ୍ରାମୀଣ କାରିଗର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (SHG) ଓ ଉତ୍ପାଦକ ଗୋଷ୍ଠି, ଉତ୍ପାଦକ ଉଦ୍ୟୋଗ ଗୁଡ଼ିକର ଉତ୍ପାଦକୁ ବଜାରରେ ସୁବିଧା ଯୋଗାଇଦେବା ସହ ସେମାନଙ୍କୁ ସିଧାସଳଖ ଗ୍ରାହକଙ୍କ ସହ ଯୋଡ଼ିବା ଉଦ୍ଦେଶ୍ୟରେ ଓରମାସ୍ (ORMAS), ସୁବର୍ଣ୍ଣପୁର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହଯୋଗରେ ସୁବର୍ଣ୍ଣପୁର ବ୍ଲକ୍ ଛକ ଠାରେ ଏକ ଦୀପାବଳି ଷ୍ଟଲ୍ ଆୟୋଜନ କରାଯାଇଛି। ଏହି ଷ୍ଟଲ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦେବାଶିଷ ସିଂହ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ସିଡିଓ ତଥା ଇଓ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଉପ-ମୁଖ୍ୟ ନିର୍ବାହୀ ଅଧିକାରୀ, ଓର୍ମାସ୍ ସମୀର କୁମାର ନାୟକ, ଡିପିସି (ମିଶନ ଶକ୍ତି) ବିଶ୍ୱଜିତ ପରିଡ଼ାଙ୍କ ସମେତ ଓର୍ମାସ୍ର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଓଡ଼ିଶା କ୍ରିକେଟ ଜଗତ ପାଇଁ ରାସ ବିହାରୀଙ୍କ ଅବଦାନ ଅତୁଳନୀୟ

କଟକ, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା କ୍ରିକେଟ୍ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର ପୂର୍ବତନ ସଭାପତି ତଥା ବରିଷ୍ଠ କ୍ରୀଡ଼ା ପ୍ରଶାସକ ରାସବିହାରୀ ବେହେରାଙ୍କର ବୁଧବାର ୮୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଓଡ଼ିଶାର କ୍ରୀଡ଼ା ଓ କ୍ରିକେଟ୍ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ବେହେରା ଜଣେ ପ୍ରମୁଖ ଜନନେତା, ପୂର୍ବତନ ମନ୍ତ୍ରୀ ଏବଂ ଦକ୍ଷ କ୍ରୀଡ଼ା ପ୍ରଶାସକ ଭାବେ ସୁପରିଚିତ ଥିଲେ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ର ସଭାପତି ଭାବେ କାର୍ଯ୍ୟ କରିବା ସମୟରେ ରାଜ୍ୟରେ କ୍ରିକେଟ୍ ପ୍ରଶାସନର ମୂଳଦୁଆକୁ ସୁଦୃଢ଼ କରିବାରେ ତାଙ୍କର ଦୂରଦୃଷ୍ଟି, ନେତୃତ୍ୱ ଓ ନିଷ୍ଠାପର ଉଦ୍ୟମର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କର ଦୀର୍ଘ ଅନୁଭବ ଓ କ୍ରୀଡ଼ା ପ୍ରତି ସମର୍ପଣ ଓଡ଼ିଶାର କ୍ରିକେଟ୍ ପ୍ରଶାସନକୁ ଏକ ନୂତନ ଦିଗ ଦେଇଥିଲା। ତାଙ୍କ ବିୟୋଗରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଆସୋସିଏସନ୍ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଓସିଏ ପକ୍ଷରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍ଗତି ଓ ଚିରଶାନ୍ତି କାମନା କରାଯାଇଛି। ରାସବିହାରୀ ବେହେରାଙ୍କ ବିୟୋଗ କେବଳ ଓସିଏ ପାଇଁ ନୁହେଁ, ସମଗ୍ର ଓଡ଼ିଶାର କ୍ରୀଡ଼ା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇଛି।

ଆଜିର ଭଲମନ୍ଦ




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଂ ୧ଙ୍କ

ତା୬।୧୧।୨୦୨୬, କାର୍ତ୍ତିକ ଦ୨୧ନ, ଶୁକ୍ରବାର

ସୂର୍ଯ୍ୟୋଦୟ- ଘ ୫।୫୧।୧୧ ଚନ୍ଦ୍ରୋଦୟ- ରାଘ୩।୫୫।୦୮


ଦ୍ୱାଦଶୀ ଦିଘ ୧୦।୩୧ ପର୍ଯ୍ୟନ୍ତ। ହସ୍ତା ନକ୍ଷତ୍ର ନିଘ ୪।୪୫ ପର୍ଯ୍ୟନ୍ତ, କନ୍ୟା ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ, ମସୁର ଡାଲି ଦିଘ ୧୦।୩୧ ଗତେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଦିଘ ୬।୪୦ ମଧ୍ୟେ ଦିଘ ୧୧।୫୪ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ଧନ୍ତେରସ୍, ଲକ୍ଷ୍ମୀ ପୂଜା, ଯମ ଦୀପ ଦାନ।




ମେଷ: ଆୟର ପରିମାଣ ବଢ଼ିବ। ବ୍ୟବସାୟରେ ଲାଭବାନ୍ ହେବେ। କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ। ଘରେ ସୁଖ ଶାନ୍ତି ଲାଭ ହେବ। ଦେହ ଓ ମନ ଭଲ ରହିବ।




ବୃଷ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଆୟର ପରିମାଣ ଅଧିକ ହେବ। ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ।



ମିଥୁନ: ଧନ ଲାଭର ସମ୍ଭାବନା ରହୁଛି। ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ।



କର୍କଟ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ଖୁସିର ବାତାବରଣ ଦେଖାଦେବ।




ସିଂହ: ପ୍ରତୀକ୍ଷିତ ଖବରଟି ହଠାତ୍ ମିଳିପାରେ। ବନ୍ଧୁ ଦର୍ଶନର ସୁଯୋଗ ରହିଛି। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ମହିଳାମାନେ ସୁଖୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।



କନ୍ୟା: ଆଜି ଆପଣଙ୍କର ଦିନଟି ଭଲରେ କଟିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟର ପରିମାଣ ବଢ଼ିବ। ଗୃହେ ଆନନ୍ଦ ଲାଭ କରିବେ। ଦୂରକୁ ଯାତ୍ରା କରିପାରନ୍ତି।




ତୁଳା: ଅଟକି ରହିଥିବା କାମଟି ଆପଣଙ୍କର ଆରମ୍ଭ ହୋଇପାରେ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ ଶରୀର ସୁସ୍ଥ ରହିବ। ଧନ ଲାଭର ସମ୍ଭାବନା। ପାରିବାରିକ ଜୀବନ ସୁଖମୟ ହେବ।




ବିଛା: କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଆୟ ଓ୍ୟୟ ସମାନ ରହିବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ। ଗୃହେ ଶାନ୍ତି ଅବ୍ୟାହତ ରହିବ।



ଧନୁ: ବ୍ୟବସାୟରେ ଲାଭବାନ୍ ହେବେ। ଆୟର ସ୍ଥିତି ବଳବତ୍ତର ରହିବ। ବନ୍ଧୁଙ୍କ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



ମକର: ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ଖର୍ଚ୍ଚର ମାତ୍ରା ସାମାନ୍ୟ ବୃଦ୍ଧି ପାଇବ। ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ମହିଳାମାନେ ଗର୍ବୀ ହୋଇପାରନ୍ତି।



କୁମ୍ଭ: କର୍ମକ୍ଷେତ୍ରରେ ଆତ୍ମସନ୍ତୋଷ ଲାଭ କରିବେ। ଶରୀର ସାମାନ୍ୟ ସୁସ୍ଥ ରହିବ। ଆର୍ଥିକ ସ୍ଥିତି ଭଲ ରହିବ। ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ଘରେ ଖୁସି ରହିବ। ଦେବ ଦର୍ଶନ ଯୋଗ।



ମୀନ: କର୍ମକ୍ଷେତ୍ରରେ ଶୁଭଫଳ ପ୍ରାପ୍ତ ହେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଶୁଭ ଖବର ପାଇ ଆନନ୍ଦିତ ହେବେ।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅଂ ୧ଙ୍କ

ତା୭।୧୧।୨୦୨୬, କାର୍ତ୍ତିକ ଦ୨୨ନ, ଶନିବାର

ସୂର୍ଯ୍ୟୋଦୟ- ଘ ୫।୫୧।୪୨ ଚନ୍ଦ୍ରୋଦୟ- ନିଘ୪।୫୦।୨୨

ତ୍ରୟୋଦଶୀ ଦିଘ ୧୦।୫୦ ପର୍ଯ୍ୟନ୍ତ। ଚିତ୍ରା ନିଘ ୫।୫୩ ପର୍ଯ୍ୟନ୍ତ, କନ୍ୟା ଚନ୍ଦ୍ର ସଂଘ ୫।୧୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। ସଂଘ ୫।୧୭ ଗତେ ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ, ମକର ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। ସଂଘ ୫।୧୭ ଗତେ ନାହିଁ। **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୦।୫୦ ଗତେ ବିରି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୨୫ ଗତେ ଦିଘ ୮।୪୫ ମଧ୍ୟେ ଦିଘ ୧୧।୫୪ ଗତେ ଦିଘ ୧୨।୫୬ ମଧ୍ୟେ। **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା, ଧନ୍ୱନ୍ତରୀ ତ୍ରୟୋଦଶୀ।

32 YEARS
ସମ୍ବାଦ କଳିକା

ଭାରତର ସେନସେକ୍ସ-ନିଫ୍ଟି ଦେଖାଇଲା କମାଲ

ଆମେରିକାରେ ହୋଇଥିବା ମିଡଟର୍ମ ନିର୍ବାଚନର ଫଳାଫଳ ଆସିଛି । ଆମେରିକୀୟ ସଂସଦରେ ଡେମୋକ୍ରାଟିକ୍ ପାର୍ଟି ପାଇଥିବା ବହୁମତ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ଏବେ ଏହାର ପ୍ରଭାବ ବିଶ୍ୱ ଷ୍ଟକ୍ ମାର୍କେଟ୍‌ରେ ଦେଖିବାକୁ ମିଳିଛି । ବୁଧବାର ଏସିଆର ପ୍ରମୁଖ ଷ୍ଟକ୍ ମାର୍କେଟରେ ଅସ୍ଥିରତା ସୃଷ୍ଟି କରିଛି । ଏଥିରେ ବଡ଼ ଧରଣର ହ୍ରାସ ରେକର୍ଡ ହୋଇଛି । ଜାପାନଠାରୁ ଦକ୍ଷିଣ କୋରିଆ ପର୍ଯ୍ୟନ୍ତ ଅନେକ ଦେଶର ଷ୍ଟକ୍ ଇଣ୍ଡେକ୍ସ ଲାଲ୍ ଚିହ୍ନରେ କାରବାର କରିଛି । ବିଶେଷ କରି ଟେକ୍ନୋଲୋଜି ଓ ସେମିକଣ୍ଡକ୍ଟର ଶିଳ୍ପ ସହ ଜଡ଼ିତ କମ୍ପାନୀଗୁଡ଼ିକର ସେୟାରରେ ହ୍ରାସ ଘଟିଛି । ତେବେ ଏସିଆର ଅନ୍ୟ ଷ୍ଟକ ବଜାରରେ ହ୍ରାସ ସତ୍ତ୍ୱେ ଭାରତୀୟ ଷ୍ଟକ୍ ମାର୍କେଟ୍ ନିଜର ଦୃଢ଼ ସ୍ଥିତି ବଜାୟ ରଖିଛି । ଏସିଆର ଷ୍ଟକ୍ ବଜାରଗୁଡ଼ିକ ମଧ୍ୟରେ ଜାପାନ ସବୁଠାରୁ ଅଧିକ କ୍ଷତି ସହିଛି । ଜାପାନର ପ୍ରମୁଖ ସୂଚକାଙ୍କ Nikkei ୨୨୫ ପ୍ରାୟ ୪.୫ ପ୍ରତିଶତ ଖସିଥିବା ବେଳେ Topix ଇଣ୍ଡେକ୍ସରେ ୨ ପ୍ରତିଶତ ହ୍ରାସ ହୋଇଛି । ସେହିପରି ଦକ୍ଷିଣ କୋରିଆର Kospi ଇଣ୍ଡେକ୍ସ ମଧ୍ୟ ପ୍ରାରମ୍ଭିକ ବୃଦ୍ଧିକୁ ବଜାୟ ରଖିପାରିନଥିଲା । କାରବାର ସମୟରେ ଏହା ପ୍ରାୟ ୪ ପ୍ରତିଶତ ତଳକୁ ଖସିଥିଲା । ତାଇୱାନର ଷ୍ଟକ୍ ମାର୍କେଟ୍‌ରେ ପ୍ରାୟ ୩ ପ୍ରତିଶତ ହ୍ରାସ ହୋଇଥିବା ବେଳେ MSCI Asia Pacific Index ମଧ୍ୟ ୨.୩ ପ୍ରତିଶତ ଖସିଛି । ଅନ୍ୟପଟେ ଚୀନ୍‌ର CSI ୩୦୦ ଓ ହଂକଂର Hang Seng Indexରେ ତୁଳନାତ୍ମକ ଭାବେ ସାମାନ୍ୟ ଦୁର୍ବଳତା ଦେଖାଦେଇଛି । ଏସିଆର ଅନ୍ୟ ଦେଶଗୁଡ଼ିକରେ ସେୟାର ବଜାର ତଳମୁହାଁ ହୋଇଥିବା ବେଳେ ଭାରତୀୟ ନିବେଶକଙ୍କ ପାଇଁ ବୁଧବାର ଲାଭଦାୟକ ରହିଛି । ଗତ ଚାରିଟି କାରବାର ଦିନରୁ ଜାରି ରହିଥିବା ବୃଦ୍ଧି ପଞ୍ଚମ ଦିନରେ ମଧ୍ୟ ଜାରି ରହିଛି । କାରବାର ଆରମ୍ଭରୁ BSE ସେନ୍‌ସେକ୍ସ ଓ NSE ନିଫ୍ଟି ଉଭୟ ସବୁଜ ସଙ୍କେତରେ ଖୋଲିଥିଲେ । ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୩୮୩.୫୫ ପଏଣ୍ଟ ବା ୦.୫୦ ପ୍ରତିଶତ ବୃଦ୍ଧି ସହ ୭୭,୩୦୧.୪୦ ସ୍ତରରେ ବନ୍ଦ ହୋଇଥିଲା । ସେହିପରି ନିଫ୍ଟି ୧୪୯.୭୫ ପଏଣ୍ଟ ବା ୦.୬୩ ପ୍ରତିଶତ ବଢ଼ି ୨୩,୯୬୦.୬୦ ସ୍ତରରେ ପହଞ୍ଚିଥିଲା ।

ଭାରତୀୟ ଷ୍ଟକ୍ ମାର୍କେଟ୍‌ରେ ଏହି ବୃଦ୍ଧିର ସିଧାସଳଖ ଲାଭ ନିବେଶକଙ୍କୁ ମିଳିଛି । ନଭେମ୍ବର ୩ ତାରିଖରେ BSEରେ ତାଲିକାଭୁକ୍ତ ସମସ୍ତ କମ୍ପାନୀର ମୋଟ ବଜାର ପୁଞ୍ଜି ୪୮୭.୬୫ ଲକ୍ଷ କୋଟି ଟଙ୍କା ଥିଲା । କିନ୍ତୁ ନଭେମ୍ବର ୪ ତାରିଖରେ ଏହା ବୃଦ୍ଧି ପାଇ ୪୯୩.୪୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ମାତ୍ର ଗୋଟିଏ କାରବାର ଦିନରେ ନିବେଶକଙ୍କ ସମ୍ପତ୍ତିରେ ପ୍ରାୟ ୫.୮୩ ଲକ୍ଷ କୋଟି ଟଙ୍କା ଯୋଡ଼ି ହୋଇଛି । ଏସିଆ ବଜାରରେ ହୋଇଥିବା ବିକ୍ରିର ସବୁଠାରୁ ଅଧିକ ପ୍ରଭାବ AI ଓ ସେମିକଣ୍ଡକ୍ଟର ଶିଳ୍ପ ଉପରେ ପଡ଼ିଛି । ଜାପାନର Kioxia Holdings ର ସେୟାର ୧୧ ପ୍ରତିଶତରୁ ଅଧିକ ଖସିଥିବା ବେଳେ Advantest ରେ ପ୍ରାୟ ୮ ପ୍ରତିଶତ ଓ Tokyo Electron ରେ ପ୍ରାୟ ୬ ପ୍ରତିଶତ ହ୍ରାସ ହୋଇଛି । ଦକ୍ଷିଣ କୋରିଆର ପ୍ରମୁଖ କମ୍ପାନୀ ସାମସଙ୍ଗ ଇଲେକ୍ଟ୍ରୋନିକ୍ସର ସେୟାର ପ୍ରାୟ ୨ ପ୍ରତିଶତ ଖସିଥିବା ବେଳେ SK Hynixରେ ୩ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି । ଏହି ଦୁଇ କମ୍ପାନୀ ବିଶ୍ୱର ମେମୋରି ଚିପ୍ ଓ ଏଆଇ ଭିତ୍ତିଭୂମି ଯୋଗାଣ ଶୃଙ୍ଖଳର ପ୍ରମୁଖ ଅଂଶ । ଏହାଛଡ଼ା ହଂକଂର Hang Seng Tech Index ମଧ୍ୟ ୧ ପ୍ରତିଶତ ଦୁର୍ବଳ ହୋଇଛି । ଆଲିବାବା ଓ Xiaomie ସେୟାର ମଧ୍ୟ ୨ ପ୍ରତିଶତରୁ ଅଧିକ ଖସିଛି । ଆମେରିକାର ମିଡଟର୍ମ ନିର୍ବାଚନ ଫଳାଫଳ ପରେ ନିବେଶକଙ୍କ ମଧ୍ୟରେ ଏକ ବଡ଼ ଆଶଙ୍କା ସୃଷ୍ଟି ହୋଇଛି । ଆମେରିକା ସଂସଦର ଉଭୟ ସଦନରେ ଡେମୋକ୍ରାଟିକ୍ ପାର୍ଟିର ବହୁମତ ଯୋଗୁଁ ଏଆଇ କମ୍ପାନୀଗୁଡ଼ିକ ଉପରେ ସରକାରୀ ନିୟନ୍ତ୍ରଣ ଓ କଟକଣା ବଢ଼ିପାରେ ବୋଲି ବଜାରରେ ଆଶଙ୍କା କରାଯାଉଛି । ଏସିଆର ଅନେକ ବଡ଼ ଟେକ୍ କମ୍ପାନୀଙ୍କ ବ୍ୟବସାୟ ଆମେରିକାର ଏଆଇ ନିବେଶ ଓ ଚିପ୍ ଚାହିଦା ଉପରେ ନିର୍ଭର କରେ । ତେଣୁ ଆମେରିକାର ନୀତିରେ ପରିବର୍ତ୍ତନ ହେଲେ ଏହି କମ୍ପାନୀଗୁଡ଼ିକର ବ୍ୟବସାୟ ପ୍ରଭାବିତ ହୋଇପାରେ ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ମୋକ୍ଷ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏଇଠି ଗୋଟେ କଥା ମନକୁ ଆସୁଛି, ଯିଏ ଆସୁଛି ସେ କହୁଛି ପ୍ରଭୁଙ୍କୁ ମୋତେ ମୁକ୍ତି ଦିଅ ମୁକ୍ତି ଦିଅ ବା ମୋତେ ଏ ମାନବ ଜନ୍ମରୁ ମୋକ୍ଷ କରାଇଦିଆ କିନ୍ତୁ ଏ ମୋକ୍ଷର ଅର୍ଥ କ'ଣ ? ଏହାର ତାତ୍ପର୍ଯ୍ୟ କଣ ? ଏହାର ଉତ୍ପତି ସ୍ଥିତି କେଉଁଠି । ନବୁଝି ନସୁଝି ମୋତେ ମୋକ୍ଷ୍ୟ ଦିଅ ବୋଲି ଚିତ୍କାର କଲେ କଣ ମୋକ୍ଷ୍ୟ ମିଳିଯିବ । ସନାତନ ଧର୍ମର ମୂଳ ମନ୍ତ୍ର ହେଲା ତିନଟି ମାର୍ଗ ସେ ମାର୍ଗ ହେଉଛି ଜିବ, ବ୍ରହ୍ମ,ମାୟା ଜୀବ ସହିତ ବ୍ରହ୍ମ ଲାଗିକରିଅଛି । କିନ୍ତୁ ତାକୁ ମାୟା ମୋହର ପିଞ୍ଜରାରେ ଆବଦ୍ଧ କରି ରଖିଛି। ସେ ଆବଦ୍ଧକୁ ଯଦି ତୁମେ ଭାଙ୍ଗି ନଦେଉଛ ଛିଣ୍ଡାଇ ନପକାଇଛ ତୁମକୁ ମୋକ୍ଷ କିଏ କରାଇବ । (ମୋହକୁ ତ୍ୟାଗ କଲେ ସିନା ମୋକ୍ଷ) ହେବ । ମୋହକୁ ତ ତୁମେ ଜାବୁଡି ଧରିଛ ତୁମକୁ କିଏ ମୋକ୍ଷ ଦେବ । ତୁମକୁ କିଏ ସତ୍ୟର ସନ୍ଧାନ ଦେଖାଇବ । ତୁମକୁ କିଏ ଧର୍ମର ବାଣୀ ଶୁଣାଇବ । ତୁମେତ ଏକ ପ୍ରକାର କାଲ, ତୁମେତ ଏକପ୍ରକାର ମୋହାନ୍ଧ ତୁମେତ ଧର୍ମାନ୍ଧ । ତୁମେତ ତୁମର ନୁହଁ ତୁମେ ଅନ୍ୟର କିପରି ହେବ । ଈଶ୍ୱର ତୁମକୁ ଧରିଛନ୍ତି ସତ କିନ୍ତୁ ତୁମେ ଈଶ୍ୱରଙ୍କୁ ପ୍ରକୃତରେ ଧରିନାହଁ । ତୁମେ ଥରେ ତୁମ ହୃଦୟର ସ୍ପନ୍ଦନକୁ ଶୁଣିବାକୁ ଚେଷ୍ଟା କରିଛ । କେଭେ ଭାବିଛ ଏତେ ସୁନ୍ଦର ହୃଦୟ ପ୍ରଭୁ ଆମକୁ ଦେଇଛନ୍ତି ପ୍ରକୃତରେ କାହାପାଇଁ କଣ କେବଳ ତୁମରି ପାଇଁ ହେ ଭକ୍ତ ମାନବ ଜନ୍ମ ପାଇ ଥରୁଟିଏ ବୁଝିବାକୁ ଚେଷ୍ଟାକର ତୁମେ କିଏ ? ଆପେ ଆପେ ତୁମେ ସବୁ ବନ୍ଧନରୁ ମୁକ୍ତ ହୋଇ ମୁକ୍ତାର ପଥପାଇଯିବ । ହରି ଓଁ ।

ନୀତିନିଷ୍ଠ ଆଚାର୍ଯ୍ୟ ପଣ୍ଡିତ ନୀଳକଣ୍ଠ



ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ସତ୍ୟବାଦୀ ଯୁଗର ପଞ୍ଚସଖା ନିଜ ନିଜର ବ୍ୟକ୍ତିତ୍ୱ ବଳରେ ଯେଉଁ ପ୍ରତିଷ୍ଠା ଲାଭ କରିଥିଲେ ତାହା ଅବିସ୍ମରଣୀୟ ହୋଇ ରହିଛି । ସେମାନଙ୍କ ଉର୍ଷ୍ୱଗୀକୃତ ଜୀବନ, ସାଧନା ଓ ତ୍ୟାଗ ଜନ ମାନସରେ ଅମ୍ଳାନ ଜ୍ୟୋତି ଭାବେ ଲିପିବଦ୍ଧ ହୋଇ ରହିବ, ଏହା ନିଃସନ୍ଦେହ। ଏହିପରି ଜଣେ ନୀତିନିଷ୍ଠ ଆଚାର୍ଯ୍ୟ, ସାମ୍ବାଦିକ, ସଂସ୍କାରକ, ସାହିତ୍ୟିକ, ଗବେଷକ, ଆଦର୍ଶ ରାଜନୀତିଜ୍ଞ ଓ ସର୍ବୋପରି ଭଗବତ୍ ଗୀତାର ଭାଷ୍ୟକାର ଥିଲେ ପଣ୍ଡିତ ନୀଳକଣ୍ଠ ଦାସ । ଉଭୟ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସେ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ । ପଣ୍ଡିତ ଉପାଧି ପ୍ରକୃତରେ ତାଙ୍କୁହିଁ ଶୋଭା ପାଉଥିଲା। ଆଜୀବନ ପାଣ୍ଡିତ୍ୟର ଗାରିମା ରକ୍ଷା କରିଥିଲେ ସେ।

ଏହି ଯୋଗଜନ୍ମା ସାଧକ ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମ ଗ୍ରହଣ କରିଥିଲେ । ପିତା ଥିଲେ ଆନନ୍ଦ ଦାଶ ଓ ମାତା ହୀରା ଦେବୀ । ତାଙ୍କ ମେଧାଶକ୍ତି ଥିଲା ଅତୁଳନୀୟ । ପରିବାରର ଆର୍ଥିକ ଦୁଃସ୍ଥିତି ତାଙ୍କ ପ୍ରତିଭାର କଣ୍ଠରୋଧ କରିପାରିନଥିଲା । ଅସୀମ ମନୋବଳ ଓ କଠୋର ଅଧ୍ୟବସାୟ ଯୋଗୁଁ ସେ ଉନ୍ନତିର ଚରମ ସୋପାନରେ ପହଞ୍ଚି ପାରିଥିଲେ । ଘରେ ପରିବାରର ଆଦର୍ଶ, ଶିକ୍ଷାଗୁରୁ ଚନ୍ଦ୍ରମୋହନ ମହାରଣା, ବଙ୍ଗ ଭଙ୍ଗ ଆନ୍ଦୋଳନର ନେତା ଶଶୀଭୂଷଣ ଚୌଧୁରୀ, ଦେଶପ୍ରାଣ ରାମଚନ୍ଦ୍ର ଦାଶଙ୍କ ପ୍ରଭାବ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣା ଏବଂ ସାହଚର୍ଯ୍ୟ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । ଆଉ ତାପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ । କଲେଜ ଶିକ୍ଷା ଶେଷ ପରେ ଦେଶ ଓ ଜାତିକୁ ଗଢ଼ିବା ନିମନ୍ତେ ସେ ସତ୍ୟବାଦୀ ବନ ବିଦ୍ୟାଳୟରେ ଯୋଗଦାନ କରି ନିଜର କର୍ମମୟ ଜୀବନର ଶୁଭାରମ୍ଭ କରିଥିଲେ।

ଅସାଧାରଣ ବିଦ୍‌ବତ୍ତାର ଅଧିକାରୀ ଥିଲେ ନୀଳକଣ୍ଠ । ଓଡ଼ିଶା ମାଟିରେ ଗୁଡ଼ିଏ ମଣିଷ ତିଆରି ହୋଇଯାଆନ୍ତୁ ଏହାହିଁ ଥିଲା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ । କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍.ଏ ପାଶ୍ ପରେ ସେ ଚାହିଁଥିଲେ ଅନେକ ବଡ ଚାକିରି କରିପାରିଥାଆନ୍ତେ । ମାତ୍ର ଅତୀର ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ମାତ୍ର ତିରିଶ ଟଙ୍କା ବେତନରେ ସେ ୧୯୧୨ ମସିହାରେ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିଥିଲେ । ଗୁରୁକୁଳ ଆଶ୍ରମର ସକଳ ସ୍ମାରକୀ ବହନ କରୁଥିବା ବନ ବିଦ୍ୟାଳୟର କାର୍ଯ୍ୟ ପ୍ରତିଭାତ ହୋଇଥିଲା ତାଙ୍କ ସ୍ୱକୀୟ ପ୍ରତିଭାରେ । ଜ୍ଞାନଦୀପ୍ତରେ ଭରା ଚକ୍ଷୁ ଦୁଇଟି ତାଙ୍କର ଓଜସ୍ୱିନୀ ପ୍ରତିଭାର ନିଛକ ପ୍ରତିଛବି ଥିଲା । ଏହି ବିଦ୍ୟାଳୟ ସୁପରିଚାଳନାରେ ତାଙ୍କ ସହିତ ସହଯୋଗ କରିଥିଲେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଲିଙ୍ଗରାଜ ମିଶ୍ରଙ୍କ ପରି ବିଦ୍ୱାନ ବ୍ୟକ୍ତିଗଣ । ଏମାନଙ୍କ ସମ୍ମିଳିତ କର୍ମନିଷ୍ଠା, ହାର୍ଦ୍ଦିକ ସହଯୋଗ ଓ ଏକନିଷ୍ଠ ସାଧନା ଫଳରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଓ ପ୍ରସିଦ୍ଧି ଲାଭ କରିଥିଲା ।

ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ସଂସ୍କାରକ । ବାଲ୍ୟରୁ ସଂସ୍କାର ପ୍ରବୃତ୍ତି ତାଙ୍କ ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା । ତେଣୁ ବ୍ୟକ୍ତି ଠାରୁ ନୀତିକୁ ସେ ବେଶୀ ଗୁରୁତ୍ୱ ଦେଉଥିଲେ । ଥରେ ସେ ଯାହା ଚିନ୍ତା କରୁଥିଲେ ତାକୁ କାର୍ଯ୍ୟରେ ପରିଣତ କରି ଦେଖାଉଥିଲେ। କୌଣସି ପରିସ୍ଥିତିରେ ସେ ସେଥିରୁ ଓହରି ଯାଉନଥିଲେ । ସେତେବେଳେ ବ୍ରାହ୍ମଣ ସମାଜରେ ଦାଢ଼ି କାଟି ନିଶ ରଖିବା ମନା ଥିଲା । ଏହାର ପ୍ରତିବାଦ କରି ନୀଳକଣ୍ଠ ଓ ଗୋଦାବରୀଶ ଦାଢ଼ି କାଟି ନିଶ ରଖିଥିଲେ। ଯାହାକି ସେତେବେଳେ "ନିଶ ଆନ୍ଦୋଳନ" ନାମରେ ପରିଚିତ । ସେଥିପାଇଁ ତାଙ୍କୁ ଶାସନୀ ବ୍ରାହ୍ମଣ ସମାଜ ଦ୍ୱାରା ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ମାତ୍ର ସେଥିପ୍ରତି ଭ୍ରୂକ୍ଷେପ ନଥିଲା ତାଙ୍କର। ପରେ ସେ ଦାଢ଼ି ରଖିଲେ । ବ୍ରାହ୍ମଣମାନଙ୍କର ଦୌରାତ୍ମ୍ୟକୁ ପ୍ରତିବାଦ କରିବାକୁ ଯାଇ ସେ "ମୋ ନିଶ" ଭଳି ପ୍ରବନ୍ଧ ରଚନା କରି ଧର୍ମ ନାମରେ ବ୍ରାହ୍ମଣମାନଙ୍କର ତଥାକଥିତ ଆଚରଣକୁ ତୀବ୍ର ବିଦ୍ରୁପ କରିଥିଲେ । ଏପରିକି ନୀଳକଣ୍ଠ ଜାତି ଭେଦ ମାନୁ ନଥିଲେ । ବନବିଦ୍ୟାଳୟର ଛାତ୍ରାବାସରେ ସେ ଛାତ୍ରଛାତ୍ରୀଙ୍କ ମନରୁ ଭେଦଭାବର ପାଚେରୀକୁ ଭାଙ୍ଗି ଦେଇଥିଲେ । ଜଣେ ସଂସ୍କାରକ ଭାବେ ଏପରି ପ୍ରବୃତ୍ତିରୁ ନିବୃତ୍ତ ରହିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରୁଥିଲେ ।

ନୀଳକଣ୍ଠଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପ୍ରସାରିତ ଥିଲା । ସେ ଥିଲେ ଜଣେ ଉଚ୍ଚକୋଟୀର ସାହିତ୍ୟ ଗବେଷକ ଓ ସମୀକ୍ଷକ । ଓଡ଼ିଆ ସମାଲୋଚନା ସାହିତ୍ୟ ମଧ୍ୟରେ ଲାବଣ୍ୟବତୀ କାବ୍ୟ, ଫକୀର ମୋହନ ଓ ଓଡ଼ିଆ ଉପନ୍ୟାସ ଇତ୍ୟାଦି ତାଙ୍କ ସାରସ୍ୱତ ପ୍ରତିଭାର ମୂଲ୍ୟାୟନ କରେ। ସବୁଠୁ ବଡକଥା ହେଲା ଶିଶୁ, ପଲ୍ଲୀ ଜନତା ଓ ବୁଦ୍ଧିଜୀବୀ ଏହିପରି ସବୁ ବର୍ଗର ଲୋକଙ୍କ ପାଇଁ ନୀଳକଣ୍ଠ ସାହିତ୍ୟ ରଚନା କରିଥିଲେ । ଜଣେ ଉଚ୍ଚ ମାନର ପ୍ରାବନ୍ଧିକ ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ସେ ଲେଖିଥିବା ପ୍ରବନ୍ଧ ଭିତରେ ମୋ ନିଶ, ନୀତି ଓ ପ୍ରକୃତି, ଇଂରାଜୀ ଶିକ୍ଷାର ମୋହ, ଯୌବନର ପ୍ରଭାବ ଓ ପ୍ରତିଷ୍ଠା ଆଦି ଉଲ୍ଲେଖଯୋଗ୍ୟ । ସବୁଠୁ ଉର୍ଦ୍ଧ୍ୱରେ ଥିଲା ତାଙ୍କର ସ୍ୱଦେଶ ଭାବନା ଓ ଚିନ୍ତା । "ସଂସ୍କୃତ ଓ ସଂସ୍କୃତି" ଗ୍ରନ୍ଥ ପଢ଼ିଲେ ତାଙ୍କ ଅଗାଧ ପାଣ୍ଡିତ୍ୟର ପ୍ରମାଣ ମିଳେ, ଏଥିରେ ଦ୍ୱିରୁକ୍ତି ନାହିଁ। ଖାଲି ସେତିକି ନୁହେଁ, ନୀଳକଣ୍ଠଙ୍କର "ମୋ ରଜା" କବିତା ଏବେ ମଧ୍ୟ ଆବାଳ ବୃଦ୍ଧବନିତାଙ୍କୁ ଆମୋଦିତ କରେ । ସେହିପରି ଗୀତା ଭଳି ପବିତ୍ର ଗ୍ରନ୍ଥର ସୁନାମଧନ୍ୟ ଭାଷ୍ୟକାର ରୂପେ ସେ ପ୍ରତିଷ୍ଠା ଅର୍ଜନ କରିପାରିଥିଲେ ।

ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଭାବେ ନୀଳକଣ୍ଠଙ୍କର ନିଆରା ପରିଚୟ ଥିଲା। ସେହିପରି ଦୀର୍ଘଦିନ ଧରି ଓଡ଼ିଶା ରାଜନୀତିରେ ମଧ୍ୟ ସକ୍ରିୟ ଥିଲେ । ଅସହଯୋଗ ଆନ୍ଦୋଳନ ଓ ଲବଣ ସତ୍ୟାଗ୍ରହ ସମୟରେ ସେ ଦେଶ ପାଇଁ କାରାବରଣ କରିଥିଲେ । ନୀଳକଣ୍ଠ ବହୁଦିନ ଯାଏ ଓଡ଼ିଶା କଂଗ୍ରେସର ମୁଖ୍ୟ ପୁରୋଧା ଥିଲେ । ଏପରିକି ୧୯୩୮ ମସିହାରେ ସେ ଉତ୍କଳ କଂଗ୍ରେସ କମିଟିର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ବହୁବାର ସେ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ଥିଲେ । ୧୯୨୭ ମସିହା ଫେବୃଆରୀ ୮ ତାରିଖରେ କେନ୍ଦ୍ର ଆସେମ୍ବ୍ଲିରେ ଓଡ଼ିଆ ଭାଷା ଅଞ୍ଚଳଗୁଡିକର ଏକତ୍ରୀକରଣ ପାଇଁ ପ୍ରସ୍ତାବ ରଖିଥିଲେ। ୧୯୫୭ ମସିହାରେ ପଣ୍ଡିତ ନୀଳକଣ୍ଠ କଂଗ୍ରେସ ପ୍ରାର୍ଥୀ ଭାବେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ଓଡ଼ିଶା ବିଧାନସଭାରେ ବାଚସ୍ପତି ପଦ ଗ୍ରହଣ କରିଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପଦ ଅଳଙ୍କୃତ କରି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିବାରେ ସମର୍ଥ ହୋଇଥିଲେ । ପତ୍ରିକା ସମ୍ପାଦନାରେ ତାଙ୍କର ଦକ୍ଷତା ଅତୁଳନୀୟ ଥିଲା । ଗୋପବନ୍ଧୁଙ୍କ ମୃତ୍ୟୁ ପରେ ପଣ୍ଡିତ ନୀଳକଣ୍ଠ 'ସମାଜ' ସମ୍ପାଦନା ଦାୟିତ୍ୱ ନେଇଥିଲେ । 'ସମାଜ' ସହିତ ସେ 'ନବଭାରତ' ପତ୍ରିକାର ସମ୍ପାଦନା କରିଥିଲେ ଯାହାକୁ ପରବର୍ତ୍ତୀ କାଳରେ 'ସମାଜ' ଅନୁଷ୍ଠାନକୁ ଦାନ କରିଥିଲେ। ଅନେକ ପୁରସ୍କାର ଓ ସମ୍ମାନ ଆପେ ଆପେ ଆସିଛି ତାଙ୍କ ପାଖକୁ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପଣ୍ଡିତ ନୀଳକଣ୍ଠଙ୍କୁ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା । ୧୯୫୧ ମସିହାରେ ନୀଳକଣ୍ଠଙ୍କୁ 'ଉତ୍କଳଗୁରୁ' ଉପାଧିରେ ଭୂଷିତ କରାଯାଇଥିଲା। ୧୯୫୮ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ । ୧୯୬୩ ମସିହାରେ 'ଆତ୍ମଜୀବନୀ' ନିମନ୍ତେ ତାଙ୍କୁ ଭାରତୀୟ ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏତେସବୁ ସମ୍ମାନର ଅଧିକାରୀ ହୋଇ ମଧ୍ୟ ଗର୍ବ ଓ ଅହଙ୍କାର ତାଙ୍କୁ ସ୍ପର୍ଶ କରିନଥିଲା । ବାସ୍ତବିକ୍ ସେ ଥିଲେ ଏକ ଫଳନ୍ତି ଜ୍ଞାନବୃକ୍ଷ ଯିଏକି ଜ୍ଞାନ ଭାରରେ ନଇଁ ପଡୁଥିଲେ । ଉତ୍କଳମାତାର ଏହି ପ୍ରତିଭାଦୀପ୍ତ ମଣିଷ ଆଜି ଆମ ଗହଣରେ ନାହାଁନ୍ତି। ୧୯୬୭ ମସିହା ନଭେମ୍ବର ୬ ତାରିଖରେ ତାଙ୍କ ଜୀବନଦୀପ ନିର୍ବାପିତ ହୋଇଯାଇଛି। ହେଲେ ତାଙ୍କ ଚିନ୍ତା, ଚେତନା ଓ ଆଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି । ସେ ପାଣ୍ଡୁଲିପିକୁ ପଢ଼ି ତାର ସାରମର୍ମକୁ ବୁଝିବାର ଅଛି । ସେ ଦାୟିତ୍ୱ ଆମ ସମସ୍ତଙ୍କର ।

ବିକ୍ରୀ ହେଉଛି ଭବିଷ୍ୟତ: ବେପାର କୋଟି କୋଟି ଟଙ୍କାର



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଏବେ ଭବିଷ୍ୟତ ବିକ୍ରୀ ହେଉଛି । କଥାଟା କେମିତି କେମିତି ଲାଗିଲେ ମଧ୍ୟ ଏକଥା ସତ୍ୟ। ମୋବାଇଲ (ସ୍ମାର୍ଟଫୋନ) ରେ ଅନେକ ସମୟରେ ଜ୍ୟୋତିଷ, ଭବିଷ୍ୟତ ବକ୍ତାଙ୍କ ପ୍ରଚାର ପ୍ରସାର ହେଉଛି । ସ୍ମାର୍ଟଫୋନ ବ୍ୟବହାରକାରୀ ମାନେ ନିଶ୍ଚୟ ଏଭଳି ଭବିଷ୍ୟବକ୍ତା ଏଆଇ ମାନଙ୍କ ବାବଦରେ ନିଶ୍ଚୟ ଜାଣିଥିବେ। ମୋବାଇଲ ସ୍କ୍ରିନରେ ଆସୁଥିବା ଭବିଷ୍ୟତ ସମ୍ପର୍କୀତ ରିଲକୁ ଦେଖି ଅନେକ ମଧ୍ୟ ସେହି ମୋବାଇଲ ଆପ୍‌କୁ ଡ଼ାଉନଲୋଡ୍ କରୁଛନ୍ତି ଓ ଅନେକ ପ୍ରଶ୍ନ ମଧ୍ୟ ପଚାରୁଥିବା ବାବଦରେ ଜଣାପଡ଼ିଛି । ଆଷ୍ଟ୍ରୋଟକ, ରେଭା ଭଳି ଅନେକ ମୋବାଇଲ ଆପ୍ ଗୁଗ୍‌ଲ ପ୍ଲେଷ୍ଟୋରରେ ରହିଛି ଯାହାକୁ ଡ଼ାଉନଲୋଡ଼ କରି ପ୍ରଶ୍ନ ପଚାରିବା ପାଇଁ ପ୍ରଚାର କରାଯାଉଛି । ମୋବାଇଲରେ ପ୍ରସାରିତ ଏସବୁ ଜ୍ୟୋତିଷୀ ଆପ୍ ସମ୍ପର୍କୀତ ରିଲ/ଭିଡ଼ିଓରୁ ସ୍ପଷ୍ଟ ଯେ ଜ୍ୟୋତିଷ ଶାସ୍ତ୍ର ଏବେ ଜ୍ଞାନ ନୁହେଁ ବରଂ ସାମଗ୍ରୀ ପାଲଟି ଯାଇଛି ଯେଉଁଠି ଭବିଷ୍ୟ ନିର୍ଣ୍ଣୟ କରିବା ସାଧନା ନୁହେଁ ବରଂ ବ୍ୟବସାୟ ଅଟେ। ଚିନ୍ତା ଜ୍ୟୋତିଷ ବା ସେଇ ଶାସ୍ତ୍ର ପାଇଁ ନୁହେଁ ବରଂ ଚିନ୍ତା ହେଉଛି ଯିଏ ଭବିଷ୍ୟବାଣୀକୁ ପ୍ରଚାରତନ୍ତ୍ର (ସାମାଜିକ ଗଣମାଧ୍ୟମ) ରେ ପରିଣତ କରିଦେଇଛି ତାକୁ ନେଇ। ପୂର୍ବରୁ ଜ୍ୟୋତିଷଙ୍କୁ ଲୋକେ ଭେଟୁଥିଲେ। ଜନ୍ମ ସମୟ, ଜାତକଦେଖାଇ ପ୍ରଶ୍ନ ପଚାରୁଥିଲେ, ଅନେକ ଆଲୋଚନା ହେଉଥିଲା କିନ୍ତୁ ଏବେ ସେହି ଜ୍ୟୋତିଷ/ଜ୍ୟୋତିଷୀ ମୋବାଇଲ ସ୍କ୍ରିନେରେ କିନ୍ତୁ ଉତ୍ତରଦାୟୀତ୍ୱ ନାହିଁ। ମୋବାଇଲ ସ୍କ୍ରିନ୍‌ର ଜ୍ୟୋତିଷ (ଏଆଇ) ଲୋକଙ୍କ ଦୁଃଖ ଜାଣେନି, କିନ୍ତୁ କ'ଣ କହିଲେ ବା କେଉଁ ଶବ୍ଦ ପ୍ରୟୋଗ କଲେ ଲୋକଙ୍କ ନଜରକୁ ଆସି ପାରିବ ସେ କଥା ହିଁ କହିଥାଏ। ମୋବାଇଲର ଏହି ଭବିଷ୍ୟବାଣୀ ଏବେ ବ୍ୟବସାୟରେ ପରିଣତ ହୋଇଯାଇଛି ଓ ବ୍ୟବସାୟର ଆକାର ମଧ୍ୟ ଛୋଟ ନୁହେଁ। ଏକ ରିପୋର୍ଟ ଅନୁସାରେ ଆଷ୍ଟ୍ରୋଟକ ନାମକ ଏକ ଭବିଷ୍ୟବାଣୀ କରୁଥିବା ୱେବସାଇଟ ୨୦୨୬ ଅଗଷ୍ଟ ମାସରେ ଏକ ଅରବ ଡ଼ଲାରରୁ ଅଧିକ ବ୍ୟବସାୟ କରିଛି। ଏହି ୱେବସାଇଟର ଆୟ ୨୦୨୨-୨୩ ରେ ପାଖାପାଖି ୨୮୩ କୋଟି ଥିଲା କିନ୍ତୁ ୨୦୨୪-୨୫ ଏହାର ଆୟ ୧୧୨୬ କୋଟି ଟଙ୍କାରେ ପହଞ୍ଚିଥିଲା। ୨୦୨୫-୨୬ ରେ ଏହି ୱେବସାଇଟ ସରକାରଙ୍କୁ ଟିକସ ଦେବା ପରେ ୨୮୫ କୋଟି ଟଙ୍କା ଲାଭ କରିଛି । ରୁଦ୍ରାକ୍ଷ, ରତ୍ନ ଏବଂ କ୍ରିଷ୍ଟାଲ ଭଳି ବସ୍ତୁ ବିକ୍ରୀରୁ ଏହି ସଂସ୍ଥାର ଏକ ସହଯୋଗୀ ସଂସ୍ଥା ୨୦୨୫ ରେ ୧୪୦ କୋଟିରୁ ଅଧିକ ଆୟ କରିଥିଲେ। ଏହା କେବଳ ଆଷ୍ଟ୍ରୋକର କଥା। ଏମିତି ଅନେକ ଆପ୍/ୱେବସାଇଟ ଅଛନ୍ତି ସେମାନେ ମଧ୍ୟ ଆୟ କରୁଥିବେ। ଭବିଷ୍ୟ କହିବା ଏସବୁ ଆପ୍/ୱେବସାଇଟର ପ୍ରଥମ ପାହାଚ ଯାହା ଅନେକ ସମୟରେ ମାଗଣ ଅଥବା ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରାଯାଏ କିନ୍ତୁ ପରବର୍ତ୍ତି ସମୟରେ ଏହା ଦର୍ଶକ (ୱେବସାଇଟ ବ୍ୟବହାରକାରୀ)ଙ୍କ ଚିନ୍ତା ପାଇଁ ଅନେକ ପରାମର୍ଶ ଦେଇଥାନ୍ତି, ଅନେକ ଉପାୟ ବତାଇବା ସହ ବିଭିନ୍ନ ରତ୍ନ କିଣିବା ପାଇଁ ଏକ ପ୍ରକାର ମାନସିକ ଚାପ ପ୍ରୟୋଗ କରିଥାନ୍ତି। ଭରଷା, ଭୟ ପ୍ରଦର୍ଶନ ଏବଂ ପରେ ରତ୍ନ ବା ରୁଦ୍ରାକ୍ଷ ଭଳି ବସ୍ତୁର ବିକ୍ରୟ ଏହି ଧନ୍ଦାର ଅସଲ ପୁଞ୍ଜି ଅଟେ। ମୋବାଇଲ ମାଧ୍ୟମରେ ରିଲ/ଭିଡ଼ିଓ ପ୍ରସାର କରି ଡ଼ର ସୃଷ୍ଟି କରିବା ପରେ ବ୍ୟକ୍ତିଗତ ସମ୍ବନ୍ଧ ଏବଂ ଗ୍ରହଦୋଷରୁ ମୁକ୍ତି ପାଇଁ ତୁରନ୍ତ ଉପାୟ କଥା କୁହାଯାଏ। ଭବିଷ୍ୟବାଣୀ ଏଠି ଭବିଷ୍ୟ ବାବଦରେ ସୂଚନା ନୁହେଁ ଆକର୍ଷଣ କରିବାର ବ୍ୟବସ୍ଥା ଏବଂ ଉପାୟ ଧର୍ମ ନୁହେଁ ଏଠି ସାମଗ୍ରୀ ବିକ୍ରୀର ବ୍ୟବସ୍ଥାରେ ପରିଣତ ହେଉଛି। ଯେତେବେଳେ କୌଣସି ଜ୍ୟୋତିଷ ଯୁଦ୍ଧ, ଆର୍ଥୀକ ଅବ୍ୟବସ୍ଥା ଅଥବା ପ୍ରାକୃତିକ ଦୁର୍ବିପାକ ପ୍ରସଙ୍ଗରେ ଭବିଷ୍ୟବାଣୀ କରିଥାନ୍ତି ସେତେବେଳେ ଲକ୍ଷଲକ୍ଷ ଲୋକଙ୍କ ମନରେ ଚିନ୍ତା ବଢ଼ିଥାଏ ଏବଂ ଭବିଷ୍ୟବାଣୀ ଭୁଲ ହେଲେ ତାକୁ ନେଇ କେହି କେବେ କାହାରିକୁ ଦୋଷୀ ବୋଲି କହିନଥାନ୍ତି। ଭବିଷ୍ୟବକ୍ତାଙ୍କୁ କୌଣସି ଦଣ୍ଡ ନାହିଁ। ଭବିଷ୍ୟବାଣୀର ଏହି ବଜାରରେ ଠିକ୍ ଏବଂ ଭୁଲର ମାନଦଣ୍ଡ ବଦଳି ଯାଇଛି। ରିଲ/ଭିଡ଼ିଓର ସଫଳତା ସତ୍ୟତାରେ ନୁହେଁ ବରଂ କେତେ ଲୋକଙ୍କ ପାଖରେ ପହଞ୍ଚି ପାରୁଛି ସେଥିରୁ ସ୍ଥିର ହୋଇଥାଏ। ଯେଉଁ ଭବିଷ୍ୟବାଣୀ ଅଧିକ ଲୋକଙ୍କ ପାଖରେ ପହଞ୍ଚେ ତାହା ସତ୍ୟ ପାଲଟିଥାଏ। ଗୀତାରେ ଉଲ୍ଲେଖ ଅଛି କର୍ମ କର ଫଳର ଇଚ୍ଛା କରନାହିଁ। ଗୀତାର ଏହି ବାଣୀରେ ବିଶାଳ ନୈତିକ ସାହସ ରହିଛି, ଫଳ ଉପରେ ନିଜର ଅଧିକାରକୁ ଛାଡ଼ିଦିଅ, ତଥାପି ପ୍ରୟାସ କରିଚାଲ। କିନ୍ତୁ ଆଜିର ରିଲ/ଭିଡ଼ିଓ ବା ଜ୍ୟୋତିଷ ୱେବସାଇଟ ଏହାର ଓଲଟା କରୁଛି ଓ କହୁଛି। ଏମାନଙ୍କ ମତରେ ଫଳର ଚିନ୍ତା କର,ଏଥିପାଇଁ ଉପାୟ କ୍ରୟ କର ଏବଂ କର୍ମକୁ ଗ୍ରହମାନଙ୍କ କୃପା ଉପରେ ଛାଡ଼ିଦିଅ। ଏଠି ଏକ ବିରୋଧାଭାଷ ରହିଛି, ଯେଉଁ ଜ୍ୟୋତିଷକୁ କର୍ମର ବ୍ୟାଖ୍ୟା କୁହାଯାଏ ସେଇ ଜ୍ୟୋତିଷ ଏବେ ବ୍ୟକ୍ତିକୁ କର୍ମ ଠାରୁ ଅଲଗା କରିଦେଇଛି। ଆଧାତ୍ମ୍ୟ ଯେତେବେଳେ ଆତ୍ମନୀରିକ୍ଷଣ ର କଥା କହେ ସେତେବେଳେ ସେ ମୁକ୍ତ କରିଥାଏ କିନ୍ତୁ ଯେତେବେଳେ ଅଭିଶାପ ଏବଂ ନିବାରଣର ଭାଷା କହିଥାଏ ସେତେବେଳେ ସେ ବେଡ଼ିରେ ପରିଣତ ହୋଇଯାଏ। ଥରେ ଭାବିବା ଉଚିତ୍ ଯେ ଏହି ବେଡ଼ି (ବନ୍ଧନ) ର ଲାଭାର୍ଥୀ କିଏ? ଲାଭାର୍ଥୀ ହେଉଛି ବ୍ୟବସ୍ଥା। ଏହି ବ୍ୟବସ୍ଥା ଅନୁସାରେ କୁହାଯାଏ ଯେ ବେରୋଜଗାରୀ ଆପଣଙ୍କ କୁଣ୍ଡଳୀ (ଜାତକ) ରେ ରହିଛି ଏହା ନୀତିର ବିଫଳତା ବୋଲି କେବେ କୁହାଯାଏ ନାହିଁ। ଯେତେବେଳେ ଦୋଷ ଗ୍ରହ ନକ୍ଷତ୍ର ଏବଂ ବ୍ରହ୍ମାଣ୍ଡ ଉପରେ ଢ଼ାଳି ଦିଆଯାଏ ସେତେବେଳେ ଦାୟୀତ୍ୱରେ ଥିବା ବ୍ୟକ୍ତି ଏବଂ ସଂସ୍ଥା ନିର୍ଦ୍ଦୋଷ ପାଲଟିଯାଏ। ଗ୍ରହ ନକ୍ଷତ୍ର ମାନେ ଉତ୍ତର ଦେଇପାରନ୍ତି ନାହିଁ ସେଥିପାଇଁ ଏହି ବ୍ୟବସ୍ଥା ରିଲ/ଭିଡ଼ିଓ ଓ ୱେବସାଇଟ ପାଇଁ ଅଧିକ ଉପଯୋଗୀ ହୋଇପାରିଛି। ଭବିଷ୍ୟବାଣୀ କରୁଥିବା ସବୁ ୱେବସାଇଟ ଯେ ଭୁଲ କରୁଛନ୍ତି ତାହା ନୁହେଁ। କିଛି ଜ୍ଞାନ ବାଣ୍ଟୁଛନ୍ତି ଏବଂ କିଛି ମଧ୍ୟ ସାନ୍ତ୍ୱନା ଦେଉଛନ୍ତି। ସମସ୍ୟା ବ୍ୟକ୍ତିର ନୁହେଁ ପ୍ରେରଣାର ଯେତେବେଳେ ଉଦ୍ଦେଶ୍ୟ ଦର୍ଶକ ବା ୱେବସାଇଟ ବ୍ୟବହାର କାରୀଙ୍କ ମୁକ୍ତି ହୋଇଥାଏ ସେତେବେଳେ ତାକୁ ସେବା କୁହାଯିବ ଅନ୍ୟଥା ଏହା ବେପାର। ଯେତେବେଳେ ବ୍ୟବସାୟକୁ ଧର୍ମର ବେଶ ଦିଆଯାଏ ସେତେବେଳେ ତାକୁ ଚ୍ୟାଲେଞ୍ଜ କରାଯିବା ଆବଶ୍ୟକ। ୨୦୨୬ ମଇ ମାସରେ ତେଲେଙ୍ଗାନା ପୋଲିସ ଏକ ସାର୍ବଜନୀକ ଚେତାବନୀ ଜାରି କରିଥିଲା। ସେଥିରେ କୁହାଯାଇଥିଲା ଯେ ସାମାଜିକ ଗଣ ମାଧ୍ୟମରେ ନକଲି ଜ୍ୟୋତିଷ, ତାନ୍ତ୍ରିକ ଏପରିକି ବଶୀକରଣ ବିଶେଷଜ୍ଞ ମାନେ ପ୍ରାରମ୍ଭରେ ଲୋକଙ୍କୁ ସ୍ୱଳ୍ପ ଅର୍ଥ ପ୍ରଦାନ ପାଇଁ କହୁଛନ୍ତି କିନ୍ତୁ ପରେ ଧମକ ଦେଉଛନ୍ତି ଏପରିକି ବ୍ଲାକମେଲ କରୁଛନ୍ତି ଏବଂ ବାରମ୍ବାର ଅର୍ଥ ପ୍ରଦାନ ପାଇଁ ମାନସିକ ଚାପ ପ୍ରୟୋଗ କରୁଛନ୍ତି। ଏହାକୁ ଏକ ସାମାଜିକ ରୋଗର ଲକ୍ଷଣ ବୋଲି ମଧ୍ୟ କୁହାଯାଇପାରେ। ବ୍ୟକ୍ତି ନିଜର ବିଫଳତାର କାରଣ ଆକାଶରେ ଖୋଜୁଛି, ବ୍ୟବସ୍ଥାରେ ନୁହେଁ। ଏ ସମ୍ପର୍କରେ ଗବେଷଣା କରୁଥିବା ଏକ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଲୋକେ ଏହି ରିଲ/ଭିଡ଼ିଓ/ଆପ୍/ୱେବସାଇଟକୁ ପ୍ରଥମେ ମନୋରଞ୍ଜନ ପାଇଁ ଦେଖିଥାନ୍ତି କିନ୍ତୁ ପରେ ଭାବନାତ୍ମକ ଭାବେ ଯୋଡ଼ିହୋଇ ଯାଆନ୍ତି।

ଟେନସନ ଠାକୁର

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ବର୍ତ୍ତମାନ ସମାଜରେ ଟେନସନ କାହାର ନାହିଁ ? ଚାକିରି ଥିଲେ ଟେନସନ, ଚାକିରି ନଥିଲେ ଟେନସନ । ପରୀକ୍ଷା ଥିଲେ ଟେନସନ, ପରୀକ୍ଷା ଦେଇସାରିଲାପରେ କାଳେ ପ୍ରଶ୍ନପତ୍ର ଲିକ ହେଇଯାଇଥିବ, ପରୀକ୍ଷା କ୍ୟାନସେଲ ହେଇଯିବ ତାକୁ ନେଇ ଟେନସନ । ପ୍ରେମ କଲେ ଟେନସନ, ପ୍ରେମ ନ କଲେ ଟେନସନ, ବାହା ହେଲେ ଟେନସନ, ବାହା ନ ହେଲେ ବି ଟେନସେନ । ବାର ଲୋକେ ବାର କଥା କହିବେ । ଚାକିରି କଲେ ଟେନସନ, ବେପାର କଲେ ଟେନସନ। ରାସ୍ତାକୁ ବାହାରିଲେ ଟେନସନ, ଘରେ ରହିଲେ ଟେନସନ। ଏମିତି ବିଭିନ୍ନ କ୍ଷେତ୍ରରେ ଟେନସନରେ ଲୋକମାନେ ଅସ୍ତବ୍ୟସ୍ତ। ଆମର ସବୁ କଥା ପାଇଁ କେହି ନା କେହି ଠାକୁର ଅଛନ୍ତି । ବିଦ୍ୟା ଦେବା ପାଇଁ ସରସ୍ୱତୀ ଆଉ ଗଣେଶ ଅଛନ୍ତି, ଧନ ଦେବା ପାଇଁ ଲକ୍ଷ୍ମୀ ଅଛନ୍ତି, କୋଠାବାଡ଼ି ତିଆରି ପାଇଁ ବିଶ୍ୱକର୍ମା ଅଛନ୍ତି । ଟେନସନ ପାଇଁ କେହି ଠାକୁର ଅଛନ୍ତି କି ନାହିଁ, ଜଣାନଥିଲା ।

ଏବେ ଟେନସନ ପାଇଁ ବି ଜଣେ ଠାକୁରଙ୍କ ଆବିର୍ଭାବ ହେଇଛି ପଶ୍ଚିମବଙ୍ଗର କୁଚବିହାରରେ । ତାଙ୍କ ନାଁ ହେଲା ଟେନସନ ଠାକୁର । ଏ ଟେନସନ ଠାକୁରଙ୍କ ପୂଜା କେବେ ଆରମ୍ଭ ହେଲା ? ଆମକୁ ଫେରିଯିବାକୁ ପଡିବ ଆଠ ବର୍ଷ ପଛକୁ। ବେକାରି , ଅର୍ଥାଭାବ ଇତ୍ୟାଦି ନାନା ସମସ୍ୟାରେ ଜର୍ଜରିତ କୁଚବିହାରର ମେଖଲୀଗଞ୍ଜର କିଛି ତରୁଣ ସେଥିରୁ ମୁକ୍ତିର ପଥ ପାଇବା ପାଇଁ ସ୍ଥାନୀୟ ପୁରୋହିତ ଗଣେଶ ଅଧିକାରୀଙ୍କ ନିକଟରେ ପହଞ୍ଚିଲେ । ଏମାନଙ୍କ ସମସ୍ୟା ଶୁଣି ଗଣେଶ ଅଧିକାରୀ ତାଙ୍କୁ ଗୋଟେ ଉପାୟ କରିଲେ । କହିଲେ - ବାବୁ ଜୀବନରୁ ଟେନସନ ଦୂର କରିବା ଯେହେତୁ ଲକ୍ଷ୍ୟ ତେଣୁ ତୁମେ ଟେନସନ ଠାକୁରଙ୍କୁ ପୂଜା କର । ଟେନସନ ଠାକୁରଙ୍କ ନାଁ ତ ଆଗରୁ କେହି ଶୁଣିନଥିଲେ । ଶାସ୍ତ୍ରରେ ବି ତାଙ୍କର କୌଣସି ରୂପ ବର୍ଣ୍ଣନା ନାହିଁ, ମୂର୍ତ୍ତି କେମିତି ହବ ? ତ ସେ ଟେନସନରୁ ମୁକ୍ତି ଦେଲେ ସେ ଅଞ୍ଚଳର ଜଣେ କୁମ୍ଭାର । ସେ ଗୋଟେ ବୋଲ୍ଡରକୁ କାଟି ମଣିଷ ମୁହଁର ଆକୃତି କରିଦେଲେ ।

ସେହି ମୁହଁଟିକୁ ହିଁ ଟେନସନ ଠାକୁର ଭାବରେ ମେଖଲୀଗଞ୍ଜର ତରୁଣମାନେ ପୂଜା କଲେ । ଠାକୁରଙ୍କ ମୁଣ୍ଡରେ ରହିଛି ବାଳ, ଆଉ ହଳେ ବେଶ ମୋଟା ମାଗୁରମାଛିଆ ନିଶ । ସ୍କୁଲ ପରୀକ୍ଷା ହେଉ ବା ଚାକିରିର ଇଣ୍ଟରଭିଉ - ଏଇ ଠାକୁରଙ୍କର ଶରଣାପନ୍ନ ହେଲେ କୁଆଡେ ଟେନସନ ରୁ ମୁକ୍ତି ମିଳେ ବୋଲି ଏ ଅଞ୍ଚଳର ଲୋକଙ୍କର ବିଶ୍ୱାସ। ଠାକୁରଙ୍କ ମନ୍ଦିର ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ହେଇନଥିଲେ ବି ତାଙ୍କ ମୁଣ୍ଡରେ ଗୋଟେ ଛାଉଣି ହେଇଯାଇଛି । ପ୍ରତିବର୍ଷ ଜ୍ୟେଷ୍ଠ ସଙ୍କ୍ରାନ୍ତିରେ ଏହି ନୂଆ ଲୋକଦେବତାଙ୍କର ପୂଜା ହୁଏ। ଫଳମୂଳ ନୈବେଦ୍ୟ ଦିଆଯାଏ । ବିନା ମନ୍ତ୍ରରେ କେବଳ ଧୂପ ଝୁଣାରେ ପୂଜା ହୁଏ । ଆଉ ପୂଜା ଶେଷରେ ଭୋଗ ଲାଗେ ଖେଚୁଡ଼ି । ଆଜିର ଯୁଗରେ ଟେନସନ ନାହିଁ ଏମିତି ତ ମଣିଷ ନାହାନ୍ତି । ତେଣୁ ହୁଏତ ଟେନସନ ଠାକୁରଙ୍କ ଦରବାରରେ କ୍ରମଶଃ ଭିଡ ବଢ଼ିବ । ହୁଏତ କ୍ରମଶଃ ସାରା ବିଶ୍ୱର ବିଭିନ୍ନ ସ୍ଥାନରେ ଟେନସନ ଠାକୁରଙ୍କର ମନ୍ଦିର ବି ହେବ । ଦେଖାଯାଉ ।

ସ୍ୱାଧୀନତା ଦିବସ କେବଳ ଗୋଟିଏ ମୁଖ ରୋଚକ ଶବ୍ଦଟିଏ ମାତ୍ର ! (୮)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଦେଶବାସୀ ଇଂରେଜ ଶାସନରୁ ରକ୍ଷା ପାଇବା ପାଇଁ ଯେଉଁ ସଂଘର୍ଷ କଲୁ, ଆଉ ସ୍ୱାଧୀନତା ହାସଲ କରିଥିଲୁ ବୋଲି କହୁ, ତେବେ ଏ ନିଷ୍କର୍ଷର ସେପରି କୌଣସି ପ୍ରଭାବଶାଳୀ ସତ୍ୟତା ଏଥିରେ ନାହିଁ। ସ୍ୱାଧୀନତା କେବେବି ଏ ଭାରତୀୟଙ୍କର ନଥିଲା କି ଅଗାମୀ ଦିନରେ କେବେ ଆସିବ ତାହାର କୌଣସି ପ୍ରତିଶ୍ରୁତିବଦ୍ଧତା ନାହିଁ। ଇଂରେଜମାନଙ୍କ ପୂର୍ବରୁ ରାଜାରାଜୁଡା, ବାଦଶାହାମାନେ ଏ ଦେଶକୁ ଶାସନ କରୁଥିଲେ, ଦେଶବାସୀ ସେମାନଙ୍କ ହାତରେ ଅତ୍ୟାଚାରିତ ହେଉଥିଲେ। ସମ୍ରାଟ ବା ରାଜାଙ୍କ ମନ ଅନୁସାରେ ଦେଶ ଚାଲୁଥିଲା, ରକ୍ତପାତ ହେଉଥିଲା, ଦେଶବାସୀଙ୍କର ଇଚ୍ଛାନୁସାରେ ନୁହେଁ। ଇଂରେଜମାନଙ୍କ ସମୟରେ ସେହି ନିର୍ଯ୍ୟାତନା, ରକ୍ତପାତ ଅର୍ଥାତ୍ ପୂର୍ବବର୍ତ୍ତୀ ଅବସ୍ଥା ଅତୁଟ ରହିଲା। ଆଉ ଆଜି ସ୍ୱାଧୀନ ହୋଇବି ପୂର୍ବଭଳି ବ୍ୟବସ୍ଥାରେ ଆମେ ଗତିଶୀଳ ହେଉଛୁ। ରାଜାରାଜୁଡା, ସମ୍ରାଟ ଓ ଇଂରେଜ ଶାସକଙ୍କ ଜାଗା ନେଇଛନ୍ତି ନେତା ମନ୍ତ୍ରୀମାନେ। ରାଜାଙ୍କ ଦରବାରରେ ଯେପରି ପାତ୍ର, ମନ୍ତ୍ରୀ, ଅମାତ୍ୟ, କଟୁଆଳ ରହିଥିଲେ ଠିକ ସେହିପରି ଇଂରେଜ ସାହେବଙ୍କ ସ୍ଥାନ ପୂରଣ କରିଛନ୍ତି ଏବେକାର କଳାଦେଶୀ ବାବୁମାନେ। ସାଧାରଣ ମଣିଷମାନଙ୍କର ସ୍ଥିତି ଠିକ ପୂର୍ବଭଳି ରହିଛି। କେମିତି ଆମେ କହିବା ଏଦେଶର ଲୋକମାନଙ୍କୁ ସ୍ୱାଧୀନ ବୋଲି? ଭାରତୀୟ ଗଣତନ୍ତ୍ର ଏବେ ବୃଦ୍ଧ। ସ୍ୱାଧୀନତାକୁ ୮୦ବର୍ଷ ଚାଲିଲା, ତଥାପି ଏ ଗଣତନ୍ତ୍ରରେ ସାଧାରଣ ନାଗରିକର ସ୍ଥିତି ଅତି ସଂକଟାପନ୍ନ। ଏ ଗଣତନ୍ତ୍ରଟା ହେଉଛି ଶାସକ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର। ସରକାର ଏଠି ରାଜା, ମହାରାଜା ଓ ସମ୍ରାଟ। ଏ ସାଧାରଣ ଲୋକମାନେ ହେଲେ ପ୍ରଜା। ଏ ସରକାର ଦେଲେ ଖାଇବେ, ନଦେଲେ ଉପବାସ ରହିବେ। ନେତାମାନେ ହାତ ଟେକି ଦେଉଛନ୍ତି। ଟଙ୍କିକିଆ ଚାଉଳ, ଭତ୍ତା, ପ୍ରଜାମାନେ ତଳେ ହାତପାତି ନେଉଛନ୍ତି, ଯେପରି ବହୁଦିନ ପୂର୍ବରୁ ରାଜା, ମହାରାଜା, ବାଦଶାହାଙ୍କ ଠାରୁ ଆଉ ବ୍ରିଟିଶ ଶାସକଙ୍କ ଠାରୁ ନେଉଥିଲେ। ଏଠାରେ କିଛିବି ପରିବର୍ତ୍ତନ ହୋଇନାହିଁ। ପରିବର୍ତ୍ତନ ହୋଇଛି ଶାସକ ଗୋଷ୍ଠୀ। ଏଠାରେ ଐତିହାସିକ ପରିବର୍ତ୍ତନ ବୋଲି ସେପରି କିଛି ନାହିଁ। ଏହି ଶାସକ ଗୋଷ୍ଠୀହିଁ ଆମର ସଂସ୍କୃତି, ଆମର ଗୌରବ। ଏମାନଙ୍କ ବାହାରେ ରହୁଥିବା କୋଟି କୋଟି ଖଟିଖିଆ ମଣିଷଙ୍କର କୌଣସି ବିଶିଷ୍ଟ କ୍ଷମତା ଓ ଅଧିକାର ନାହିଁ। କେବଳ ନିର୍ବାଚନ ଆସିଲେ ଏମାନେ ପାଦ ଧୂଳି ନେଇ କ୍ଷମତାକୁ ଅକ୍ତିଆର କରନ୍ତି। କ୍ଷମତାକୁ ଆସିଗଲେ ଏ ଅକିଞ୍ଚନ ସାଧାରଣ ମଣିଷଙ୍କ କଥା କେହି ଶୁଣନ୍ତି ନାହିଁ। ତେଣୁ ଭାରତର ସ୍ୱାଧୀନତା ଗୋଟାଏ ମୁଖରୋଚକ ଶବ୍ଦ ବ୍ୟତିତ ଏହାର ବାସ୍ତବତା କିଛି ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

ପଲଙ୍କ

ଗୌରୀଶଙ୍କର ପ୍ରହରାଜ

ସେଇ ପଲଙ୍କ...

ତାଙ୍କ ପିଲାଦିନର ସ୍ମୃତି ବହନ କରି ଆଜି ବି ଘରେ ସେମିତି ପଡିରହିଛି । ତାର ଯେଉଁ ସୁନ୍ଦର କାରୁକାର୍ଯ୍ୟ ଦିନେ ଦେଖଣାହାରୀର ମନ ମୋହୁଥିଲା ଆଜି ତାହା ଗୁରୁତ୍ୱ ହରେଇଚି । ନିଜକୁ ବିଛାଇ ପଡିରହିଛି ସିନା କାହାକୁ କୋଳରେ ଧରିବାର ସୁଯୋଗ ନାହିଁ ତାର । ଏମିତି କି କେହି ତା'ଆଡେ ଚାହୁଁନାହାନ୍ତି ମଧ୍ୟ ।

କିଏ ଚାହିଁବ ଯେ?

ଯେଉଁମାନେ ପଲଙ୍କର ବ୍ୟବହାରକାରୀ ସେମାନେ ତ ବାଟ କାଟି କେବେଠୁ ଚାଲିଗଲେଣି । ଏବେ ପଲଙ୍କ ଝୁରି ହୁଏ ତାର ଦାବୀଦାରକୁ ଏବଂ ତା ଜାଗାରେ ନିରବ ନିଶ୍ଚଳ ହୋଇ ପଡି ରହେ ।

ଦିନ ଥିଲା ସେଇ ପଲଙ୍କରେ ଭିଡ ଲାଗିରହିଥିଲା ଶୋଇବାକୁ । ଏତେ ବଡ ପଲଙ୍କ ଯେ ଏକା ସାଂଗରେ ସେ ଏବଂ ତାଙ୍କର ୪ ଭାଇଭଉଣୀଙ୍କ ସମେତ ବାପା ମାଆ ମିଶି ୭ ଜଣ ଆରାମରେ ଶୋଇଯାଉଥଲେ । ରାତିରେ କାହା ଦେହରେ ହାତଗୋଡ଼ ବାଜିଗଲେ ସେଥିପ୍ରତି ଖାତିର ନ ଥିଲା । ଏକା ସାଂଗରେ ଶୋଇବାର ସେ ଯେଉଁ ମଜା... ଅପୂର୍ବ ।

ସମୟ ଗଡ଼ି ଚାଲିଲା । ସେମାନେ ବଡ଼ ହେଲେ । ନିଅଣ୍ଟ ହେଲା ପଲଙ୍କରେ ଜାଗା । ସ୍ୱାଧୀନତାର ଅବରୋଧ ହେଲା । ସମସ୍ତେ ଚାହିଁଲେ ନିଜ ମନମୁତାବକ ସ୍ୱପ୍ନ ଦେଖି ଅଲଗା ଅଲଗା ଶୋଇବାକୁ । ସେ ଓ ତାଙ୍କ ତଳ ଭଉଣୀ ପାଇଁ ତାଙ୍କ ଦାଣ୍ଡ ଘରେ ବାପା ବ୍ୟବସ୍ଥା କରିଦେଲେ ଶୋଇବାପାଇଁ । ସାନ ଭାଇଭଉଣୀ ଦୁହେଁ ବୋଉକୁ ଛାଡିପାରିଲେନି । ସେଇ ପଲଙ୍କରେ ଶୋଇଲେ । କଥା ଅଟକିଲା ତାଙ୍କ ଉପର ଭଉଣୀ ପାଖରେ । ସେ ନା ପଲଙ୍କର ମୋହ ଛାଡିପାରିଲେ ନା ପଲଙ୍କରେ ଶୋଇପାରିଲେ । ପଲଙ୍କ ତଳେ ଶୋଇବାକୁ ଲାଗିଲେ । ଯୋଗକୁ ପଲଙ୍କର ଉଚ୍ଚତା ଅଧିକ ଥିବାରୁ ତାଙ୍କୁ ଶୋଇବାରେ ଅସୁବିଧା ହେଉନଥିଲା । ତେବେ ସେଥିପାଇଁ ଅନ୍ୟମାନେ ତାଙ୍କୁ ଛିଗୁଲାଉଥିଲେ ।

ସମୟ ଆଗକୁ ବଢିଚାଲିଲା । ସେମାନେ ବଡ ହେଲେ । ବଡ ଭଉଣୀ ବାହା ହୋଇ ତାଙ୍କ ଶାଶୂଘରକୁ ଚାଲିଗଲେ । ତାଙ୍କ ସାନଭାଇ ବ୍ୟାଙ୍କ ଚାକିରି ପାଇ ବାହାରକୁ ଚାଲିଗଲେ । ସେ ନିଜେ ବ୍ୟବସାୟ କରି ଭୁବନେଶ୍ୱରରେ ରହିଲେ । ସମୟାନୁକ୍ରମେ ଅନ୍ୟ ଭାଇ ଭଉଣୀମାନଙ୍କର ମଧ୍ୟ ବିବାହ ହୋଇଗଲା । ଶେଷଯାଏ ତାଙ୍କ ସାନ ଭଉଣୀ ଏବଂ ବାପା ମାଆ ଶୋଉଥିଲେ ପଲଙ୍କରେ । ତାଙ୍କ ବୋଉଙ୍କୁ ବାହାଘର ବେଳେ ଅଜା ଦେଇଥିବା ସେହି ପଲଙ୍କଟି ତାଙ୍କମାନଙ୍କ ଜୀବନରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ନିର୍ବାହ କରିଥିଲା । ତାଙ୍କ ବାପା ଭୁବନେଶ୍ୱରରେ ଏକ ବିରାଟ ଘର କରିଥିବାରୁ ରିଟାୟାର୍ଡ ପରେ ଆସି ସେହି ଘରେ ରହିଲେ । ସେ ମଧ୍ୟ ନିଜ ପିଲାଙ୍କୁ ନେଇ ସେହି ଘରେ ଆସି ରହିଲେ । ପଲଙ୍କ ସେହି ଘରର ଅତ୍ୟନ୍ତ ଆକର୍ଷଣୀୟ ଜିନିଷ ପାଲଟିଗଲା । ଘରକୁ ଯିଏ ଆସୁଥିଲେ ଘରର ଅନ୍ୟାନ୍ୟ ଆସବାବପତ୍ର ମଧ୍ୟରେ ସେହି ପଲଙ୍କଟି ପ୍ରଥମେ ଦୃଷ୍ଟି ଆକର୍ଷଣ କରୁଥିଲା । କେହି ତାକୁ ନିରେଖି ଦେଖୁଥିଲା ତ କେହି ହାତରେ ଆଉଁସି ଦେଉଥିଲା ।

ସମୟ ଆଗକୁ ବଢିଲା । ବର୍ତ୍ତମାନ କେତେବେଳେ ଅତୀତରେ ପରିଣତ ହୋଇଗଲା କେହି ଜାଣିପାରିଲେ ନାହିଁ । ଏବେ ପଲଙ୍କ ପୁରା ଶୁନଶାନ ରାତିର ସାଥୀ । ଶୋଇବା କଥା ତ ଦୂରେ ଥାଉ ସେଥିରେ ବସିବା ପାଇଁ ବି କେହି ନାହାନ୍ତି । ପଲଙ୍କର ପ୍ରମୁଖ ବ୍ୟବହାରକାରୀ ବାପା ବୋଉ ଏଇ ୧୧ମାସ ଭିତରେ ଡକାହକା ହୋଇ ଚାଲିଗଲେ । ଘର ଭିତରେ ପଲଙ୍କ ସେମିତି ପଡିଛି । ସେ ଯେମିତି ଝୁରିହେଉଛି କାହାକୁ... ଏଇ ଆଶା ପୋଷଣ କରି ନିରବ ନିଶ୍ଚଳ ହୋଇ ପଡିରହିଛି କାଳେ କେହି ଆସି ପୁଣି ତା କୋଳ ପୂର୍ଣ୍ଣ କରିଦେବେ । ଗହଳି ଲାଗିରହିବ... ଶୋଇବାରେ ପ୍ରତିଯୋଗିତା ହେବ । ଏବେ ବି ସେ ସେହି ପଲଙ୍କକୁ ଦେଖିଲେ କୋହମୋହ ହୁଅନ୍ତି । ମନେ ପଡିଯାଏ ପିଲାଦିନ କଥା । ଏକାସାଂଗରେ ୫ଭାଇ ଭଉଣୀ ଏବଂ ବାପା ମାଆ ସାଂଗ ହୋଇ ଶୋଇବା କଥା । ସେ ପଲଙ୍କକୁ ଥରେ ମନଭରି ଦେଖିଦିଅନ୍ତି, ହାତରେ ଆଉଁସି ଦିଅନ୍ତି । ଗୋଟେ ଦୀର୍ଘଶ୍ୱାସ ଛାଡି ସେ ଘରୁ ବାହାରି ଆସନ୍ତି ।



ଭୁବନେଶ୍ୱର
ମୋ-୯୪୩୮୫୦୦୪୫୫

।।ମୀନାର ଘର।।

ସୁଧାଂଶୁ ଶେଖର ଦ୍ୱିବେଦୀ

ଡାକବାବୁଙ୍କର ଛୋଟ ଏକ ଘର । ଦିନେ ସେଇ ଘରେ କନ୍ୟା ଟିଏ ଜନ୍ମନେଲା । ଖୁସିରେ ଅଧିର ହୋଇ ଡାକ ବାବୁ ଗାଁ ସାରା ମିଠେଇ ବାଣ୍ଟିଲେ । କନ୍ୟାର ନାଁ ରଖାଗଲା ମୀନା । ମୀନା ଧୀରେ ଧୀରେ ଛୋଟରୁ ବଡ ହେଲା । ପାଠ ପଢିବାକୁ ସ୍କୁଲ ଗଲା । ଭାରି ଲାଜକୁଳୀ ଝିଅଟି । କେବେ କାହା ସହ କଳି ଝଗଡା କରେନି କି କାହାକୁ ପଦେ ତୁଟି କରି କହେନାହିଁ । ସମସ୍ତଙ୍କୁ କିଛି ନା କିଛି ସାହାଯ୍ୟ କରିବାରେ ମନ ତା'ର ବ୍ୟାକୁଳ ହୁଏ । ପାଠ ପଢ଼ାରେ ଅନ୍ୟ ସାଙ୍ଗମାନଙ୍କ ଅପେକ୍ଷା ଆଗୁଆ ହୁଏ ।ପରନ୍ତୁ ଡାକବାବୁ ତାକୁ ବେଶୀ ପଢ଼ାଇବାକୁ ଚାହୁଁ ନଥାନ୍ତି । ହେଲେ ସେ ତା' ମା' ବାପାଙ୍କୁ ବୁଝେଇ ପାଠ ପଢି ମେଟ୍ରିକ୍ ପାଶ୍ କଲା । ଛୋଟ ବୟସରେ ବାପା ତାକୁ ବିବାହ କରାଇ ଦେଲେ । ବାହାହେବା ପରେ ମୀନା ତା' ଘର ସଂସାରକୁ ନେଇ ବ୍ୟସ୍ତ ରହିଲା । କିଛି ବର୍ଷ ପରେ ସେ ବି ଜଣେ କନ୍ୟା ସନ୍ତାନର ଜନନୀ ହେଲା ।ସ୍ୱାମୀ-ସ୍ତ୍ରୀ ଓ ଝିଅକୁ ନେଇ ତା' ଦୁନିଆର ସମୟ ଗଡି ଚାଲିଥାଏ । ଝିଅ ବି ଦିନେ ବଡ ହେଲା । ବିବାହ ଯୋଗ୍ୟା ହେବାରୁ ତା'ର ମଧ୍ୟ ବିବାହ ହେଲା । ସ୍ୱାମୀ ତା'ର ବିଦେଶରେ ଚାକିରୀ କରେ । ବିବାହ ପରେ ସ୍ୱାମୀ-ସ୍ତ୍ରୀ ଦୁହେଁ ବିଦେଶକୁ ଚାଲିଗଲେ । ଦିନେ ମୀନାର ପତି କାର୍ଯ୍ୟବ୍ୟସ୍ତ ଥିବାବେଳେ ମୀନା ପଚାରିଲା-ଆଚ୍ଛା, ମୁଁ ଯଦି ଏ ଘର ଛାଡି ଚାଲିଯିବି ତୁମେ କଣ କରିବ? ଏଭଳି ପ୍ରଶ୍ନ ଶୁଣି ମୀନାର ପତି ଆଶ୍ଚର୍ଯ୍ୟ ହୋଇ କହିଲା-ଆରେ ଏ ବୟସରେ ତୁମେ ମୋତେ ଛାଡ଼ି କୋଉଠିକୁ ଯିବ? ମୀନା କିଛି ଉତ୍ତର ଦେଲା ନାହିଁ । ଚୁପ୍ ଚାପ୍ ସେଠାରୁ ଚାଲିଗଲା । ସତକୁ ସତ ଦିନେ ମୀନା ତା' ସ୍ୱାମୀ ଘର ସଂସାର ଛାଡି ଚାଲିଗଲା । ସେ କୋଉଠିକୁ ଗଲା କୁଆଡେ ଗଲା କେହି ଜାଣି ପାରିଲେ ନାହିଁ । ପତି ଚିନ୍ତାଗ୍ରସ୍ଥ ଓ ବିବ୍ରତ ହୋଇ କାନ୍ଦିବାକୁ ଲାଗିଲା । କାମ ଧନ୍ଦା ଛାଡି ମୀନାକୁ ଝୁରିହେଲା । ମୀନା ଯେ ଜଣେ ପରୀ କନ୍ୟା ଏତେ ବର୍ଷଯାଏଁ ସେ ଜାଣି ନଥିଲା ।

ପରୀମାନେ ଧରିତ୍ରୀ ପୃଷ୍ଠକୁ ଆସି ଭ୍ରମଣ କରିବାକୁ ଭାରି ଭଲ ପାଆନ୍ତି । କେତେକ ପରୀ ଧରିତ୍ରୀରେ ରହି ଅନ୍ୟକୁ ସାହାଯ୍ୟ କରିବା ଲାଗି ଇଚ୍ଛା କରିଥାନ୍ତି । ସେପାଇଁ ପରୀ ରାଣୀଠାରୁ ଅନୁମତି ନେଇ ଆସିବାକୁ ହୋଇଥାଏ ।

ମୀନା ଦୀର୍ଘ ୪୦ ବର୍ଷ ଧରିତ୍ରୀରେ ବିତାଇ ସାରିଥାଏ । ଧରିତ୍ରୀ ପୃଷ୍ଠରେ ଅବସ୍ଥାନ ସମୟ ସମାପ୍ତ ପରେ ସେ ପରୀଲୋକକୁ ଫେରିଯିବ । ପରୀଲୋକରୁ ଆସିଥିଲା ବୋଲି ପତି କି ପାଖ ପଡୋଶୀ କେହି ଜାଣି ନଥିଲେ । ଡାକ ବାବୁଙ୍କ ଘରେ ଜଣେ ସାଧାରଣ କନ୍ୟା ରୂପେ ଜନ୍ମ ନେଇଥିଲା । ମୀନାର ସ୍ୱାମୀ ପ୍ରତି ମୁହୂର୍ତ୍ତରେ ଅନୁଭବ କରେ ମୀନା ଦିନେ ଫେରି ଆସିବ । ଘରକୁ ସଜେଇ ରଖେ । ଯେମିତି ମୀନା ସଜେଇ ରଖିଥିଲା । ମୀନା ତା'ଘର-ସଂସାରକୁ ଆସେ ହେଲେ ସେ କିଛି କହିପାରେ ନାହିଁ କି କାହାକୁ ଦେଖାଯାଏ ନାହିଁ । ପରୀ ଲୋକରୁ ଆସେ ପୁଣି ପରୀ ଲୋକକୁ ଚାଲିଯାଏ । କେତେଦିନ ପରେ ତା' ଝିଅ ବିଦେଶରୁ ଫେରିଲା । ମା' ପାଇଁ ସୁନ୍ଦର ଉପହାରଟିଏ ଆଣିଥାଏ । ପରନ୍ତୁ ମା' ତ ଘରେ ନାହିଁ । ମନ ଦୁଃଖରେ ମା'କୁ ବହୁତ ଖୋଜିଲା । ମା' ପାଇଁ ଆଣିଥିବା ଉପହାର ଡ଼ବା ଖୋଲିଲା । ତା' ଭିତରେ ରୂପାରେ ନିର୍ମିତ ଏକ ସୁନ୍ଦର ଘର ଥାଏ । ରୂପା ଘରଟି ଆଲୋକ ପ୍ରକାଶରେ ଚିକ୍ ମିକ୍ କରୁଥାଏ । ରୂପାର ସେଇ ଘର ଉପରେ ଲେଖାଥିଲା – ମୀନାର ଘର ।

ବିସି-୭୪,ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

ଯଦି

ସ୍ୱାଗତିକା ସେଠୀ

ତୁମକୁ ମୋ ମନ, ହୃଦୟ ସବୁ ଖୋଲି କହିଦେବାକୁ ଭାରି ଇଚ୍ଛା ହେଉଛି । ହେଲେ... ଏବେ ଏତେ ରାତି ହେଲାଣି... ତୁମେ ଶୋଇପଡିଥିବ ନିଶ୍ଚିତ । କିନ୍ତୁ ତୁମେ ଶୋଇ ନଥିଲେ ବି ମୁଁ କ'ଣ ଏ କଥା କହି ପାରିଥା'ନ୍ତି ? ନା, ନା, ସବୁ କଥା ତ ଆଉ ଖୋଲି କହି ହୁଏନି, ତେଣୁ ଲେଖି ଦେଉଛି । ଏବେ ଏତେ ରାତି ହେଲାଣି । ମୁଁ ମଧ୍ୟ ଶୋଇଯିବା କଥା । ହେଲେ ମୁଁ ଏଇଠି ଏକାକୀ... ମୋ ଆଖିକୁ ଜମା ନିଦ ଆସୁନି । ଜାଣିଛ, ଆଜି ପାର୍ଟିରେ ବହୁତ ମଜା ହେଲା । ସମସ୍ତେ ଫୁଲ୍ ଏନଜୟ୍ କରୁଥିଲେ । ଆଉ ସମସ୍ତେ ମୋ ଲୁକ୍ ପାଇଁ ମତେ ବହୁତ କମ୍ପଲିମେଣ୍ଟ ମଧ୍ୟ ଦେଇଥିଲେ । ଘରକୁ ଫେରି ଦର୍ପଣରେ ଅନେକ ସମୟ ପର୍ଯ୍ୟନ୍ତ ନିଜକୁ ନିରେଖି ଦେଖିଲି । ସତରେ, ଆଜି ମୁଁ ବହୁତ ସୁନ୍ଦର ଦିଶୁଥିଲି । ହେଲେ ଲାଭ କ'ଣ ? ତମେ ତ ନଥିଲ ମତେ କମ୍ପଲିମେଣ୍ଟ ଦେବାକୁ । ଏତେ ଗହଳି ଭିତରେ ବି ମୁଁ ପୁରା ଏକା ଥିଲି । ହୁଁଃ!!! ଏଇଠି ବି ତ କେହି ନାହାନ୍ତି... ଓନ୍‌ଲି ମି ଆଣ୍ଡ ମାଇ ଲୋନଲିନେସ୍ । କେବେ କେବେ ମୁଁ ଭାବେ । ତମେ ଥିଲେ ବୋଧେ ଏମିତି ହୋଇଥା'ନ୍ତା, ସେମିତି ବି ହେଇ ପାରିଥା'ନ୍ତା । ମତେ ତମେ ହୁଏତ ଏମିତି କୁହନ୍ତ, ବୋଧେ ସେମିତି ବି କହିଥା'ନ୍ତ । ମୋ କଥା ଶୁଣି ତମେ କେବେ ସରପ୍ରାଇଜ୍ ହୁଅନ୍ତ, କେବେ କେବେ ହସି ମଧ୍ୟ ଦିଅନ୍ତ । ୱି ଉଡ୍ ଗୋ ପ୍ଲେସେସ୍... ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ... । ତୁମେ ମୋ କାନରେ ଚୁପି ଚୁପି କିଛି କୁହନ୍ତ । ଆଉ ମୁଁ.... ହାଓ ରୋମାଂଟିକ୍ । ଏବେ କ୍ଲାସିକ୍ ହିନ୍ଦୀ ଲଭ୍ ସଙ୍ଗସ ମୋ ମନକୁ ଖାଲି ଆସୁଚି । ମୁଁ ଏବେ ଯାଉଚି ସେଇ ଗୀତ ଶୁଣି ମୋ ଡ୍ରିମ୍ ଲ୍ୟାଣ୍ଡରେ ଭାସିବି । ଆଉ ତୁମକୁ ଚିଠି ଲେଖିବି କେତେବେଳେ??? ମୁଁ ତୁମକୁ ଚିଠି ଲେଖୁଚି କହିଲେ ତୁମେ ହସିବ, ଚିଡେଇବ । କହିବ, ଏ ହ୍ୱାଟସ୍ ଆପ, ସ୍ନାପଚାଟ୍ ଯୁଗରେ କିଏ କ'ଣ ଏ ପେନ୍ ପେପର୍ ନେଇ ଆଉ ଚିଠି ଲେଖୁଚି ? କାହା ପାଖରେ ସମୟ ନାହିଁ ଏସବୁ ଲଙ୍ଗ ମେଟାଫରିକାଲ୍ ପୋଏଟିକ୍ ଲେଖା ଲେଖିବାକୁ, ଆଉ ପଢିବାକୁ ମଧ୍ୟ । ଆଉ ଆଜିକାଲି ଏମିତି ସ୍ୱପ୍ନିଳ, ସ୍ୱପ୍ନିଳ ଲେଖାର କେହି କଦରଦାନ୍ ମଧ୍ୟ ନାହାନ୍ତି । ଛାଡ, ଯିଏ ଯାହା କହୁ ମତେ ଇଚ୍ଛା ହେଲା ମୁଁ ଲେଖିଦେଲି । ଆଉ ତୁମକୁ ହ୍ୱାଟସ୍‌ଆପରେ କୋଉ ଏଗୁଡା ଲେଖି ପଠାଇ ପାରିଥା'ନ୍ତି ଯେ? ୟୁ ଆଣ୍ଡ ସୋ ଆଜ୍ ୟୋର୍ ନମ୍ବର୍ ଡଜ୍ ନଟ୍ ଏକଜିଷ୍ଟ । ହା...ହା...ହା... ଏହେ ସକାଳ ହେଲାଣି । ଗୁଡ ମର୍ଣ୍ଣିଂ....



କେଶରୀ ଏନକ୍ଲେଭ୍,
ୟୁନିଟ-୮, ଭୁବନେଶ୍ୱର

ଜୀବନର ଜଳଛବି

ରତ୍ନକାନ୍ତି ମିଶ୍ର

କଲ୍ୟାଣ ମଣ୍ଡପ ରଙ୍ଗୀନ ଆଲୋକମାଳାରେ ଝଲମଲ ।

ସହରର ନାମଜାଦା ଆଡଭୋକେଟ୍ ଭାନୁ ପ୍ରତାପଙ୍କ ପୁଅ ବାହାଘର ଉପଲକ୍ଷେ ଏ ଭୋଜିଭାତର ଆୟୋଜନ । ଭିତରୁ ଭାସି ଆସୁଥିଲା ବାଦ୍ୟଯନ୍ତ୍ର, ହସଖୁସି ଆଉ କୋଳାହଳର ଶବ୍ଦ । ଭାସି ଆସୁଥିଲା ବି ନାନାଦି ସୁଆଦିଆ ଖାଦ୍ୟର ବାସ୍ନା । ବିବାହ ଉତ୍ସବରେ କେତେ ହଜାର ଲୋକଙ୍କ ଖାଇବା ବ୍ୟବସ୍ଥା ହୋଇଥିଲା ।

ମଣ୍ଡପ ପଛପଟ ଅଳିଆ ଗଦା ପାଖରେ ବସିଥିଲା ଭିକ୍ଷା ବୃତ୍ତିକୁ ଆଦରି ବଞ୍ଚିଥିବା ବୃଦ୍ଧ ବରଜୁ । ଦେହ ଖରାପ ଯୋଗୁଁ ଏବେ ଦୁଇ ପାଦ ଚାଲିବା ତା ପକ୍ଷରେ କଷ୍ଟ । ଆଜିକୁ ଦୁଇ ଦିନ ହେବ ପେଟକୁ ବି କିଛି ଯାଇନି । କଲ୍ୟାଣମଣ୍ଡପରେ ଦୁଇ ଦିନ ଆଗରୁ ଆରମ୍ଭ ହୋଇ ଯାଇଥିଲା ସାଜସଜ୍ଜା ତ ସେ ସେହି ଦିନଠାରୁ ସେ ଉତ୍ସବ ଦିନକୁ ଅପେକ୍ଷା କରିଥିଲା ।

ରାତି ପ୍ରାୟ ଏଗାରଟା । ଭୋଜି ସରି ଆସୁଥିଲା । କ୍ୟାଟରିଂ କାମ କରୁଥିବା ପିଲାମାନେ ବଡ଼ ବଡ଼ ଥାଳିରେ ଅଇଁଠା ଖାଦ୍ୟ ସବୁ ଆଣି ପଛପଟ ଡଷ୍ଟବିନ୍ ଭିତରେ ଢାଳିବା ଆରମ୍ଭ କଲେ । ରସଗୋଲା, ଅଧା ଖିଆ ଚିକେନ୍ ପିସ୍, ପଲାଉ ଆଉ ନାନାରକମର ଖାଦ୍ୟସବୁ ମାଟି ଓ ଅଳିଆ ସହ ମିଶି ଏକାକାର ହୋଇଯାଉଥିଲା । ବରଜୁ ହତାଶ ଆଖିରେ ଚାହିଁ ରହିଥିଲା ।

ଗୋଟିଏ ପଟେ ମଣିଷ ଖାଇ ନପାରି ଖାଦ୍ୟ ଫିଙ୍ଗି ଦେଉଛି, ଆଉ ଅନ୍ୟପଟେ ମଣିଷଟିଏ ଗୋଟିଏ ମୁଠା ଦାନା ପାଇଁ ହାଁ ହୋଇ ଚାହିଁ ରହିଛି ।

ଅଳିଆ ଗଦା ଭିତରୁ ଖାଦ୍ୟ ଉଠାଇବାକୁ ସାମର୍ଥ୍ୟ ଯୋଗାଡୁ ଥିଲା ବରଜୁ ।

ସେ ଧୀରେ ଧୀରେ ଆଗକୁ ବଢ଼ିଲା । ଠିକ୍ ସେତିକିବେଳେ ଜଣେ କର୍ମଚାରୀ ଆଉ କିଛି ବଳକା ଖାଦ୍ୟ ଭର୍ତ୍ତି ବଡ଼ ଡେକଚି ନେଇ ଅଳିଆ ଗଦା ଆଡ଼କୁ ଆସିଲେ । ଫିଙ୍ଗିବା ଆଗରୁ ବରଜୁ ଦୁଇ ହାତ ଯୋଡ଼ି ବିକଳ ସ୍ୱରରେ କହିଲା, 'ବାବୁ, ଯାକୁ ତଳେ ଫିଙ୍ଗନି...ମୋତେ ଦିଅ । ମୁଁ ଦୁଇ ଦିନ ହେଲା କିଛି ଖାଇନି ।କୁକୁର ମାନଙ୍କ ସହ ମୁକାବିଲା କରିବାକୁ ମୋର ସାହସ ନାହିଁ ।'

ଯୁବକଟି ବରଜୁର ଶୁଖିଲା ମୁହଁ, ଥରୁଥିବା ହାତ ଆଉ ଆଖିର ଅସହାୟତା ଦେଖି ଅଟକିଗଲା । ସେ ଖାଦ୍ୟକୁ ଫିଙ୍ଗିଲା ନାହିଁ । ବରଂ ପାଖରେ ଥିବା ଏକ ସଫା ଥର୍ମୋକଲ୍ ଥାଳିରେ ତାଜା ଥିବା ପଲାଉ, ଡାଲି ଆଉ କିଛି ତରକାରୀ ବାଢ଼ି ବରଜୁ ଆଡ଼କୁ ବଢ଼େଇ ଦେଲା ।

ସେହି ଥାଳିଟିକୁ ନେଇ ପାଚେରୀ କଡ଼ରେ ବସିପଡ଼ିଲା ବରଜୁ । ତା' ହାତ ଥରୁଥିଲା । ଖାଦ୍ୟ ନେଇ ପାଟି ପାଖରେ ପହଞ୍ଚାଇବାକୁ ବି ଅସମର୍ଥ ହେଉଥିଲେ ହାତ ।

ଆଉ ଗୋଟିଏ ଜାଗାରେ ମିଠା ଆଉ ଖିରି ନେଇ ଯୁବକଟି ବୃଦ୍ଧ ଜଣକ ପାଖରେ ପହଞ୍ଚି ଦେଖିଲା ବେଳକୁ ସେ ପତ୍ରକୁ ଚାଟି ସଫା କରିବାରେ ଲାଗିଥିଲା ବୁଲା କୁକୁରଟିଏ ଆଉ ବୃଦ୍ଧ ଜଣକ ଲୋଟି ପଡ଼ିଥିଲେ ଗୋଟିଏ ପଟକୁ । ତା ଆଖିରୁ ଆପେ ଲୁହ ଦୁଇ ଟୋପା ଗଡ଼ି ପଡ଼ିଲା । ବୃଦ୍ଧ ଜଣକର ମୃତ ଦେହକୁ ଚିହ୍ନଟ କଲା ଆଡଭୋକେଟ୍ ଭାନୁ ପ୍ରତାପଙ୍କ ଜଣେ ଅନୁଗତ । ବରଜୁ ଯେ ଭାନୁ ପ୍ରତାପଙ୍କ ସାମନ୍ତରାୟଙ୍କ ବାପା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବ୍ରଜନାଥ ସାମନ୍ତରାୟ ସେ ଧୀର ସ୍ୱରରେ କହିଲା ଯୁବକଟିକୁ । କଥାଟି ଆଉ ଲୁଚି ରହିଲା ନାହିଁ । ବିଜୁଳି ବେଗରେ ଖେଳିଗଲା ଚାରିଆଡ଼େ । କହିବା ବାହୁଲ୍ୟ ଶବ ଚିହ୍ନଟ କରିବାର ଧୃଷ୍ଟତା ପାଇଁ ମନେ ମନେ ପ୍ରମାଦ ଗଣୁଥିଲେ ଭାନୁ ପ୍ରତାପଙ୍କ ଅନୁଗତ ।



ଆଳି, କେନ୍ଦ୍ରାପଡା

ଅନ୍‌ଲାଇନ ପୁଅ!!

ମନୋଜ କୁମାର ବେହେରା



ମାନସବାବୁ ସକାଳ ପରଠାରୁ ମୋବାଇଲ୍‌ରେ ପୁଅକୁ ଅପେକ୍ଷା କରିଥିଲେ । ସକାଳେ ପୁଅ ମେସେଜ୍ କରିଥିଲା ବାପା..ଆଜି ଭିଡିଓ କଲ୍ ଯେମିତି ହେଲେ କରିବି । ସକାଳ ଆସି ଦ୍ୱିପହରରେ ବଦଳି ଗଲା, ଦ୍ୱିପହରଟା ଆସି କେତେବେଳେ ସଞ୍ଜରେ ପରିଣତ ହେଇଗଲା..। ପ୍ରତ୍ୟେକ ଥର ମୋବାଇଲ୍‌ର ଘଣ୍ଟି ବାଜିବା ମାତ୍ରେ ତାଙ୍କର ଆଖିରେ ଚମକ ଆସୁଥିଲା । କିନ୍ତୁ କଲ୍ ତା'ର ନଥିଲା । ଶେଷରେ ରାତି ନଅଟାରେ ପୁଅର ଭିଡିଓ କଲ୍ ଆସିଲା । 'ହ୍ୟାପୀ ବାର୍ଥଡେ..ବାପା!' ଦେଖନ୍ତୁ..ଆପଣଙ୍କ ପାଇଁ କ'ଣ ଆଣିଛି ?

'ସ୍କ୍ରିନ୍ ଉପରେ ଗୋଟିଏ ମହଙ୍ଗା କେକ୍ ଦେଖାଗଲା' । ମାନସବାବୁ ଦେଖିକରି ଟିକିଏ ହସିଦେଲେ,'ବହୁତ ଭଲ ହେଇଛି ପୁଅ' ବୋଲି କହିଲେ । ପୁଅ ପଚାରିଲା,'ବାପା ଆପଣ ଖାଇ ସାରିଲେଣି'? 'ହଁ..!' କିନ୍ତୁ ବାସ୍ତବରେ ସେ ଦ୍ୱିପହରରେ ବଳିଥିବା ଡାଲି ଆଉ ଦୁଇଟା ରୁଟିକୁ ଖାଇ ଦେଇଥିଲେ । 'ଔଷଧ ମନେକରି ଖାଇ ଦେଇଛ ନା' ବାପା'? 'ହଁ..!' ସତ କହିବାକୁ ଗଲେ ଔଷଧ ତିନିଦିନ ତଳେ ସରି ଯାଇଥିଲା ପୁଅ ଏବେ କହିଲା,'ବାପା..ଏଥର ମଧ୍ୟ ଅଫିସ୍‌ରୁ ଛୁଟି ମିଳିଲା ନାହିଁ'। ଆର ମାସରେ ଯେମିତି ହେଲେ ଘରକୁ ଯିବି ଏବେ କଲ୍ କଟିଗଲା ପୁରା ରୁମ୍‌ରେ ପୁଣି ସେହି ନୀରବତା ଖେଳିଗଲା । ମାନସବାବୁ ମୋବଇଲ୍‌ରେ ସ୍କ୍ରିନ୍ ଉପରେ ପୁଅର ଫଟୋକୁ ଟିକିଏ ଦେଖିଲେ କିଛି କ୍ଷଣ ପାଇଁ । ଆଉ ଧୀରେ କହିଲେ,'ପୁଅ! ତୋର ଡାକ ତ ସବୁଦିନେ ମିଳି ଯାଉଛି..କିନ୍ତୁ ତୋର ହାତ ଧରିବା ପାଇଁ ମୋ ପାଖରେ ଏବେ କେବଳ ଏହି ମୋବଇଲ୍ ଖାଲି ଅଛି' । ଠିକ୍ ଏହି ସମୟରେ ମୋବଇଲ୍‌ର ସ୍କ୍ରିନ୍‌ରେ ବ୍ୟାଙ୍କର ସନ୍ଦେଶ ଆସିଲା..ଆପଣଙ୍କ ଖାତାରେ କୋଡିଏ ହଜାର ଟଙ୍କା ଜମା ହେଇଛି । ମାନସବାବୁ ଏହି ସନ୍ଦେଶକୁ ଦେଖିଲେ ଆଉ ଦୁଃଖୀ ହୋଇକରି ମନରେ ଗୁଣୁଗୁଣୁ ହେଲେ, 'ଟଙ୍କାତ ଆସିଗଲା..ପୁଅ କେବେ ଆସିବ' ?

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

ସାଗୁଆତି

ଡ. ସନ୍ତୋଷ କୁମାର ପଣ୍ଡା

"ଆରେ ହରିଆ! ହରିଆ... ଘରେ ଅଛୁ କି ରେ?"
ସକାଳୁ ସକାଳୁ ଦାଣ୍ଡରୁ ମଙ୍ଗୁ ଗଳା ଫଟେଇ ଚିଲେଉଥାଏ ।
"କିଏ ରେ?"
"ମୁଁ ମଙ୍ଗୁ ।"
"ଆସ୍, ଆସ୍... ଏତେ ପାଟି କରୁଛୁ କାହିଁକି?"
"ଆରେ ତୋପାଇଁ ଦେଖ କଣ ଆଣିଛି ।"
ହରିଆ ଘରୁ ବାହାରି ଆସିଲା ।
"କ'ଣ ଆଣିଛୁ କିରେ?"
"କାଇଁ ଦେଖଉନୁ?"
"ଏଇ ଦେଖ ।"
ମଙ୍ଗୁ ହାତରେ ଧରିଥିବା ବଡ଼ ଝୁଡ଼ିଟା ଅଗଣାରେ ଥୋଇଦେଲା ।
ହରିଆ ଝୁଡ଼ି ଭିତରକୁ ଚାହିଁ କହିଲା—
"ଆରେ ବାପ୍‌ରେ!"
ମଙ୍ଗୁ କହିଲା- "ତୋ ଭୋଜିରେ ଲୋକ କେତେ କିରେ?"
"ଲୋକ ତ ଅନେକ ।"
"ତା'ହେଲେ....'
'ହେଉ ଛାଡ଼ ସେ କଥା ।'
'ଭଲ ହେଇଛି । କେମିତି ଚିହ୍ନି ଆଣିଲୁ?"
"ମୁଁ କ'ଣ ତୋ ଭଳି କିଣେକିରେ? ଦାନ୍ତ ଦେଖିଛି, ଦେହ ଦେଖିଛି, ବୟସ ଦେଖିଛି ।"
ହରିଆ ହସିଦେଲା ।
"ତୁ କିଣୁଥିଲୁ ନା ବିଭା ପାଇଁ ଝିଅ ଦେଖୁଥିଲୁ?"
ମଙ୍ଗୁ ମୁହଁ ମୋଡ଼ି କହିଲା—
"ତୋ ଭଳି ଲୋକକୁ ଭଲ ଜିନିଷ ଦେବା ମାନେ ମୋର ଭୁଲ ।"
"ଆଚ୍ଛା ଆଚ୍ଛା, ରାଗନା । ଚା' ପିଇବୁ?"
"ଚା' ନୁହେଁ । ଆଗେ ରାନ୍ଧ ।"
"ସକାଳୁ?"
"ହଁ । ବାସ୍ନାଟା ଗାଁ ସାରା ହୋଇଯାଉ ।"
ଭିତରୁ ହରିଆର ମା' ପାଟି କଲେ—
"ଆରେ! କିଏ ଆସିଛିକି ରେ?"
"ମଙ୍ଗୁ ।"
"ଓହୋ! ମଙ୍ଗୁ ଆସିଛି? ଆସ ବାପା, ଭିତରକୁ ଆ ।"
ମଙ୍ଗୁ ଭିତରକୁ ପଶୁ ପଶୁ କହିଲା—
"କାକୀ, ଆପଣଙ୍କ ପାଇଁ କିଛି ଆଣିଛି ।"
'କଣ ଆଣିଛୁକି ରେ ?'
'ଦେଖୁନା କାକୀ, ତୁମେ ନିଜେ ।'
'କାକୀ ଝୁଡି ଦେଖି- ଓହୋ ସାଗୁଆତି ।'
ସାଗୁଆତି !
'ହଁ, ହଁ ସେଇଆ ।' "ତୁ ଆଣିଛୁ ନା ହରିଆ ଆଣିଛି ବା ?"
"ମୁଁ ଆଣିଛି ।"
"ତା'ହେଲେ ଆଜି ତୋ ପାଇଁ ଭଲ ଭାବରେ ରାନ୍ଧିବି ।"
"କାକୀ, ମୋ ପାଇଁ ଟିକେ ଅଧିକ ଝୋଳ ରଖିବେ ।"
"କାହିଁକି?"
"ଭାତ ବେଶି ଖାଇବି ।"
"ତୁ ଭାତ ଖାଇବୁ ନା ସାଗୁଆତି?"
"ଦୁଇଟା ଏକା ସାଙ୍ଗରେ ।"
"ତୋର ପେଟଟା କ'ଣ ଓଦର?"
ମଙ୍ଗୁ ହସି କହିଲା—
"କାକୀ, ଆଜି ଭୋଜି ନା!"
"ହଉ, ବସ୍ । ଆଗେ ଏଇ ପିଆଜଗୁଡ଼ା କାଟି ଦେ ।"
"ମୁଁ?"
"ହଁ, ତୁ ।"
"କାକୀ, ମୁଁ ପା ସାଗୁଆତି ଆଣିଛି ।"
"ତା' ବୋଲି କ'ଣ ରୋଷେଇ ଘରେ ବସି ମନ୍ତ୍ର ପଢ଼ିବୁ?"
ମଙ୍ଗୁ ମୁହଁ ଶୁଖାଇ ବସିଗଲା ।
ହରିଆ ଦୂରରୁ କହିଲା—
"କାଟ୍‌ରେ କାଟ୍ । ଆଜି ତୁ ଅତିଥି ନୁହେଁ, ରୋଷେଇଆ ।"
"ଚୁପ୍ ରହ! ତୋ ପାଇଁ ଆଣିଛି, ତୁ ମୋତେ କାମ କରଉଛୁ ।"
"ମୋ ଘରକୁ ଆସିଛୁ, କାମ ତ କରିବୁ ।"
ଖବରଟା ଦେଖୁ ଦେଖୁ ଗାଁ ସାରା ହୋଇଗଲା ।
ବିଶୁ ଆସିଲା ।
ଗୋପାଳ ଆସିଲା ।
ନାରଣ କାକା ଆସିଲେ ।
ଆହୁରି କେତେ ଆସିଲେ ।
ନାରଣ କାକା ଦାଣ୍ଡପିଣ୍ଡାରେ ବସୁ ବସୁ ପଚାରିଲେ—
"କାଇଁ ରେ? କଣ ହୋଇଛି କି ?
ହରିଆ କହିଲା—
"କାକା, କିଛି ବୁଝିପାରୁନ ?
"ଆରେ ମୁଁ ବାସ୍ନା ବାରିବାରି ଆସିଲି ।"
ବିଶୁ ହସି ହସି କହିଲା—
"କାକା, ବଇଦ ପା ଆପଣଙ୍କୁ ମସଲା ଖାଇବାକୁ ମନା କରିଛନ୍ତି ।"
"ଛାଡ଼ ଛାଡ଼, ବଇଦ ତା' ଘରେ । ମୁଁ ମୋ ଘରେ ।"
"କାଲି ତ ପୋଖରୀ ପାଣି ଦୌଡୁଥିଲେ ।"
"ଆରେ ମୋତେ ହେଉଥିଲା ନା, ତୋର କ'ଣ ହେଲା ଯେ? ଆଜି ଆଉ କଣ ଅଛି ? ଗୋଟେ ପାନ ପଥିରେ ଏକାଥରେ ବନ୍ଦ ।'
"ତା'ହେଲେ ଆଜି?"
"ଆଜି ସାଗୁଆତି ଅଛି । ପୋଖରୀ ପାଣି ବନ୍ଦ ।"
ସମସ୍ତେ ହୋ ହୋ ହୋଇ ହସିଲେ ।
ବେଳ ବଢ଼ିଲା ।
ହାଣ୍ଡି ଚୁଲି ଉପରେ ବସିଲା ।
ପିଆଜ ଭଜା ହେଲା ।
ଅଦା-ରସୁଣ ପଡ଼ିଲା ।
ଲଙ୍କା, ଜିରା, ଧନିଆ, ଗରମ ମସଲା...
ଘର ଚାରିପଟେ ଏମିତି ବାସ୍ନା ହେଲା ଯେ ଦାଣ୍ଡରେ ଯାଉଥିବା ଲୋକେ ବି ମୁହଁ ବୁଲାଇ ଚାହିଁଲେ ।
ନାରଣ କାକା ଚୁଲି ପାଖରେ ବସି ପଡ଼ିଲେ-"ଆରେ, ହେଲା କି?"
"ନାଇଁ ।"
"ଆଉ କେତେ ଘଡି?"
"ତୁମେ ଯାଇ ବସ ।"
"ମୁଁ ତ ବସିଛି ।"
"ଚୁଲି ପାଖରେ କାହିଁକି?"
"ଗରମ ଲାଗୁଛି ।"
"ବାହାରେ ବସିଲେ ଗରମ ଲାଗିବନି?"
"ଏଠି ଗରମ ନୁହେଁ, ବାସ୍ନା ଭଲ ଆସୁଛି ।"
ମଙ୍ଗୁ ହସି କହିଲା—
"କାକା, ଆପଣ ବାସ୍ନା ଖାଇ ପେଟ ଭରିବେ କି?"
"ତୁ ଚୁପ୍ ରହ ।
ଶେଷରେ ଭୋଜି ବସିଲା ।
ପତର ପଡ଼ିଲା ।
ଭାତ ପଡ଼ିଲା ।
ଡାଲି ପଡ଼ିଲା ।
ଆଉ ଆସିଲା ସାଗୁଆତି ।
ନାରଣ କାକା ନିଜ ପତରକୁ ଚାହିଁ କହିଲେ—"ଆରେ ହରିଆ, ଏଇଟା କ'ଣ?"
"କ'ଣ ହେଲା କାକା?"
"ସାଗୁଆତି ଦେଇଛୁ ନା ସାଗୁଆତିର ଖବର ଦେଇଛୁ ବା?"
ସେପାଖରୁ ମଙ୍ଗୁ କହିଲା— "କାକା, ଆଗେ ଖାଆନ୍ତୁ । ତା'ପରେ ମାଗିବେ । ଆଉ ମିଳିବ ।'
"ତୁ ମୋତେ ଖାଇବା ଶିଖାଉଛୁ?"
"ନା ମ, ମୁଁ ମୋ ପାଇଁ ବଞ୍ଚାଉଥିଲି ନା ।"
"ଓହୋ! ତୋର ଚାଲାକି ମୁଁ ବୁଝିଲି ।"
ସମସ୍ତେ ଖାଇବାରେ ଲାଗିଗଲେ । କିଛି ସମୟ ପାଇଁ କେହି କଥା କହୁନଥିଲେ । କେବଳ ପତରରେ ଭାତ ଚକଟାଇବାର ଶବ୍ଦ । ନାରଣ କାକା ଧୀରେ କହିଲେ—
"ହରିଆ..."
"ହୁଁ?"
"ସାଗୁଆତି ତିଅଣ ଭଲ ହେଇଛି ।"
"ସତ?"
"ହଁ ।"
"ଆଉ କିଛି?"
"ଆଉ ଗୋଟେ ଟୁକୁଡ଼ା ଦେ ।"
ହରିଆ ହସିଦେଲା ।
"ମୁଁ ଜାଣିଥିଲି ।"
"କ'ଣ ଜାଣିଥିଲୁ?"
"ଆପଣଙ୍କ 'ଭଲ ହେଇଛି'ର ଅର୍ଥ ଆଉ ଦରକାର ।"
ଭୋଜି ସରିଲା ।
ରାତି ହୋଇଗଲା ।
ଲୋକେ ଘରକୁ ଫେରିଲେ ।
ଅଗଣା ନିରବ ।
ହରିଆ ଏକା ବସିଥିଲା ।
ମା' ଆସି ପାଖରେ ବସିଲେ ।
"କ'ଣ ଭାବୁଛୁ?"
"ବାପାଙ୍କ କଥା ମନେ ପଡୁଛି ।"
ମା' ଚୁପ୍ ।
ହରିଆ କହିଲା—
"ବାପା ଥିଲେ ସାଗୁଆତି ଭୋଜି ହେଲେ କେତେ ଖୁସି ହେଉଥିଲେ ।"
ମା' ଧୀରେ କହିଲେ—
"ତୋ ବାପା ସାଗୁଆତି ପାଇଁ ଯେତିକି ଖୁସି ହେଉନଥିଲେ....
ହରିଆ ଚାହିଁଲା ।
"ତା'ହେଲେ?"
ମା' ହସିଲେ ।
"ତୋତେ ଖୁଆଇବେ ବୋଲି ଖୁସି ହେଉଥିଲେ ।"
ହରିଆ କିଛି କହିଲା ନାହିଁ ।
ମା' ଘର ଭିତରକୁ ଯାଇ ଗୋଟିଏ ଛୋଟ ପ୍ଲେଟ ଆଣିଲେ ।
ତା' ଉପରେ ଥିଲା ସାଗୁଆତିର କିଛି ଟୁକୁଡ଼ା ।
"ଏଇଟା କାହା ପାଇଁ?" - ହରିଆ ପଚାରିଲା ।
ମା' କହିଲେ— "ତୋ ବାପାଙ୍କ ପାଇଁ ରଖିଥିଲି ।"
"ମା'... ସେ ତ ନାହାନ୍ତି ।"
"ମଣିଷ ନାହିଁ ବୋଲି କଣ ଭଲପାଇବାଟା ବି ନଥାଏ କି ରେ?"
ହରିଆ ଚୁପ୍ ହୋଇଗଲା ।
ମା' କିଛି ଟୁକୁଡ଼ା ତା' ପତରରେ ରଖିଦେଲେ ।
"ତୁ ଖା ।"
"ନା, ମା' । ତମେ ଖାଅ ।"
"ମୁଁ?"
"ହଁ ।"
ହରିଆ ହସି କହିଲା—
"ବାପା ଯେମିତି ଶେଷ ଟୁକୁଡ଼ାଟା ତମ ପାଇଁ ରଖୁଥିଲେ... ଆଜି ମୁଁ ବି ସେଇଟା କରିବି ।"
ମା'ଙ୍କ ଆଖି ଛଳଛଳ କଲା । ସେ ମୁହଁ ବୁଲାଇଦେଲେ । ହରିଆ ହସି କହିଲା—
"କ'ଣ ହେଲା?"
"କିଛି ନାଇଁ ।"
"ଆଖିରେ ପାଣି କାହିଁକି?"
"ଧୂଆଁ ।"
ହରିଆ ଚାରିଆଡ଼େ ଚାହିଁଲା ।
"ଧୂଆଁ? ଏଠି?"
ମା' ହସିଦେଲେ ।
"ତୁ ଚୁପ୍ ରହ ।"
ହରିଆ ମଧ୍ୟ ହସିଲା ।
ସେଇ ହସର ଭିତରେ ମାଆ ଓ ପୁଅର ସ୍ନେହ ଥିଲା । ଗୋଟିଏ ପଟେ ଭୋଜିର କୋଳାହଳ ସରିଯାଇଥିଲା । ଅନ୍ୟ ପଟେ ଗୋଟିଏ ଛୋଟ ପତରରେ ରହିଯାଇଥିଲା—
ସାଗୁଆତିର ଶେଷ ଟୁକୁଡ଼ା । ହରିଆ ମା'ଙ୍କୁ ଖୁଆଇ ଦେଲା । ମା' ମୁହଁରେ ଦେଇ କିଛି ସମୟ ଚୋବାଇଲେ । ତା'ପରେ ଧୀରେ କହିଲେ—"ଠିକ୍ ତୋ ବାପାଙ୍କ ହାତର ସ୍ୱାଦ ।" ହରିଆ ଆଖି ପୋଛିଲା ।
"ମା'... ସାଗୁଆତି ଏତେ ସ୍ୱାଦିଷ୍ଟ କାହିଁକି ଲାଗୁଛି?"
ମା' ତା' ମୁଣ୍ଡରେ ହାତ ରଖି କହିଲେ—
"ତିଅଣରେ ମସଲା ଯେତେ ଦେଲେ ବି, ଭଲପାଇବା ନଥିଲେ ସ୍ୱାଦ ଆସେନିରେ ବାପା ।"
ଦୂରରୁ ପୁଣି ମଙ୍ଗୁର କଣ୍ଠସ୍ୱର ଶୁଭିଲା—
"ହରିଆ!'
ହରିଆ ପାଟି କଲା—"କ'ଣ ହେଲା?"
"କାଲି ଆଉ ସାଗୁଆତି ଆଣିବି କି?"
ହରିଆ ହସିଦେଲା । "ନାଇଁ ରେ! ଆଜିରଟା ହଜମ ହେଉ!"
ମଙ୍ଗୁ ଦୂରରୁ କହିଲା—
"ହଉ... ହଜମ ହେଲେ ଡାକିବୁ!"
ଗାଁ ଦାଣ୍ଡ ପୁଣି ହସରେ ଫାଟିପଡ଼ିଲା ।
ଆଉ ହରିଆ ଭାବିଲା—
ସାଗୁଆତି କେବଳ ଖାସି ମାଂସ ନୁହେଁ । କେବେ ଏହା ଭୋଜିର ମଜା, କେବେ ସାଥୀମାନଙ୍କ ହସ, ଆଉ କେବେ— ପତରରେ ପଡ଼ିଥିବା ଶେଷ ଟୁକୁଡ଼ା ଭିତରେ ଲୁଚିଥିବା ବାପାଙ୍କ ସ୍ନେହ ।

କଟକ
୮୨୪୯୦୨୧୪୨୪

ଆଇସିସି ର୍ୟାଙ୍କିଂ : ନଂ୧ ସ୍ଥାନ ବଜାୟ ରଖିଲା ଭାରତ



ଅକଲାଣ୍ଡ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହୋଇଛି। ନଭେମ୍ବର ୪ ତାରିଖରେ ଅକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୫ ୱିକେଟ୍‌ରେ ବିଜୟୀ ହୋଇଛି। ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ଟିମ୍ ଇଣ୍ଡିଆ ସିରିଜ୍‌ରେ ବିଜୟୀ ଆରମ୍ଭ କରିଛି। ଏହି ବିଜୟ ପରେ ଆଇସିସି ଦିନିକିଆ ଟିମ୍ ର୍ୟାଙ୍କିଂରେ ମଧ୍ୟ ପରିବର୍ତ୍ତନ ହୋଇଛି। ଭାରତର ରେଟିଂ ପଏଣ୍ଟ ବଢ଼ିଥିବା ବେଳେ ନ୍ୟୁଜିଲାଣ୍ଡର ପଏଣ୍ଟ ହ୍ରାସ ପାଇଛି।

ଆଇସିସି ଦିନିକିଆ ର୍ୟାଙ୍କିଂରେ ଭାରତ ନିଜର ଏକ ନମ୍ବର ସ୍ଥାନ ବଜାୟ ରଖିଛି। ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ଦିନିକିଆ ପୂର୍ବରୁ ଭାରତର ରେଟିଂ ପଏଣ୍ଟ ୧୧୫ ଥିବା ବେଳେ ନ୍ୟୁଜିଲାଣ୍ଡର ୧୦୯ ଥିଲା। ମ୍ୟାଚ୍‌ରେ ବିଜୟ ପରେ ଭାରତର ରେଟିଂ ପଏଣ୍ଟ ୧୧୬କୁ ବୃଦ୍ଧି ପାଇଛି। ଅନ୍ୟପଟେ ନ୍ୟୁଜିଲାଣ୍ଡର ପଏଣ୍ଟ ୧୦୮କୁ ଖସିଆସିଛି। ଫଳରେ ଉଭୟ ଦଳ ମଧ୍ୟରେ ରେଟିଂ ପଏଣ୍ଟ ବ୍ୟବଧାନ ୮କୁ ବୃଦ୍ଧି ପାଇଛି। ଏହି ସିରିଜ୍‌ର ଆଗାମୀ ୪ଟି ମ୍ୟାଚ୍ ନ୍ୟୁଜିଲାଣ୍ଡ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରେ ଭଲ ପ୍ରଦର୍ଶନ କରି ଦଳ ର୍ୟାଙ୍କିଂରେ ଉନ୍ନତି ଆଣିବାକୁ ଚେଷ୍ଟା କରିବ। ସେପଟେ ଭାରତ ମଧ୍ୟ ବିଜୟ ଧାରା ଜାରି ରଖି ନିଜ ସ୍ଥିତିକୁ ଆହୁରି ମଜଭୁତ କରିବାକୁ ଚାହିଁବ।

ପାରା ଗେମ୍ସ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏସୀୟ ପାରା କ୍ରୀଡ଼ାରେ ପଦକ ବିଜେତାଙ୍କୁ ଭେଟିଛନ୍ତି। ଏହି ସମୟରେ ସେ ଖେଳାଳିଙ୍କୁ କହିଛନ୍ତି ଯେ ସବୁଠାରୁ ଉଚ୍ଚ ଉଡ଼ାଣ ସାହସରେ ହୋଇଥାଏ ବୋଲି ଆପଣମାନେ ପୁଣି ଥରେ ପ୍ରମାଣିତ କରିଛନ୍ତି। ଆପଣ ସମସ୍ତଙ୍କୁ ଶୁଭେଚ୍ଛା। ସେ କହିଛନ୍ତି ଯେ ପାରା ଗେମ୍ସରେ ୧୪ରୁ ୧୧୪ ପଦକ ଯାଏଁର ଯାତ୍ରା ଆପଣ ସମସ୍ତଙ୍କ କଠିନ ପରିଶ୍ରମ, ଅତୁଟ ସମର୍ପଣ ଏବଂ ଆପଣଙ୍କ ସଫଳତାକୁ ସାହାରା ଦେବା ପାଇଁ ତିଆରି କରାଯାଇଥିବା ମଜଭୁତ ଇକୋସିଷ୍ଟମର ପରିଣାମ ଅଟେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏସୀୟ ପାରା କ୍ରୀଡ଼ା ୨୦୨୬ରେ ଅଂଶଗ୍ରହଣ କରିଥିବା ଭାରତୀୟ ଟିମ୍ ସହ ଖୋଲା ଆଲୋଚନା କରିଛନ୍ତି। ଏହି ସମୟରେ ସେ କହିଛନ୍ତି, ୨୦୧୪ମସିହା ପରେ ଦେଶ ଯେତେବେଳେ ବଡ଼ ଲକ୍ଷ୍ୟ ଆଡ଼କୁ ନିଜ ଯାତ୍ରା ଆରମ୍ଭ କରିଥିଲା, ସେତେବେଳେ ସ୍ଥିତି ସଂପୂର୍ଣ୍ଣ ଭିନ୍ନ ଥିଲା। ଅଧିକାଂଶ ଅଭିଭାବକ ନିଜ ପିଲାଙ୍କୁ ଖେଳ ପାଇଁ ପଠାଇବାକୁ ଭୟ କରିଥିଲେ ଏବଂ ନିଜେ ମଧ୍ୟ ଡରୁଥିଲେ। ଜର୍ଜରିତ ବ୍ୟବସ୍ଥା, ସମ୍ବଳର ଅଭାବ, ସହଯୋଗର ଅଭାବ, ପାରଦର୍ଶିତାର ଅଭାବ, ଲୋକ କହୁଥିଲେ ଏହି ସିଷ୍ଟମରେ କିଛି ହୋଇପାରିବ ନାହିଁ। ଏହିପରି ସବୁ ଚାଲିଥିବ। କିନ୍ତୁ ଆପଣମାନେ ଯେପରି କୌଣସି ସ୍ଥିତିରେ ହାରି ନାହାନ୍ତି, ଠିକ୍ ସେହିପରି ଦେଶ ମଧ୍ୟ କେବଳ ନିଜ ଲକ୍ଷ୍ୟ ଆଡ଼କୁ ହିଁ ଦେଖିଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ସ୍ଥିର କରିଥିଲୁ ଯେ ଆମେ ଆମ ଯୁବପିଢ଼ିଙ୍କ ପ୍ରତିଭାକୁ ବର୍ବାଦ ହେବାକୁ ଦେବୁ ନାହିଁ। ଏଥିଇଁ ଯେଉଁ ସିଷ୍ଟମ ଆପଣଙ୍କ ପରି ଯୁବାଙ୍କ ରାସ୍ତାରେ ବାଧା ଥିଲା, ଆମେ ସେହି ସିଷ୍ଟମକୁ ବଦଳାଇବା ଲାଗି ସଂକଳ୍ପ ନେଲୁ। ଏହାର ପରିଣାମ ହେଉଛି ଖେଳକୁ ନେଇ ନୂତନ ଧାରଣା ସୃଷ୍ଟି ହେଲା। ଆଜି ଯଦି ଜଣେ ଯୁବକକୁ ନିଜ ଦକ୍ଷତା ଉପରେ ଭରସା ଅଛି, ତେବେ ତା ସହିତ ଦେଶ ଛିଡ଼ା ହେବ ବୋଲି ବିଶ୍ୱାସ ମଧ୍ୟ କରୁଛି। ଏସୀୟ ପାରା କ୍ରୀଡ଼ାରେ ଭାରତୀୟ ଖେଳାଳିମାନଙ୍କ ଚମତ୍କାର ପ୍ରଦର୍ଶନ କଥା ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, 'ଏଥର, ୩୦ ସ୍ୱର୍ଣ୍ଣ, ୩୫ ରୌପ୍ୟ, ୪୯ ବ୍ରୋଞ୍ଜ, ୫ ନୂତନ ବିଶ୍ୱ ରେକର୍ଡ, ୯ ଏସୀୟ ରେକର୍ଡ... ଆପଣମାନେ ସମଗ୍ର ଦେଶକୁ ଗର୍ବରେ ଭରି ଦେଇଛନ୍ତି। ଏଥିରୁ ବି ୪ଟି ଇଭେଣ୍ଟରେ ପୋଡିୟମରେ ତିନୋଟି ସ୍ଥାନରେ ଆମ ପତାକା ଥିଲେ, ଆମର ଖେଳାଳିମାନେ। ସେହି ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ, ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଥିଲା। ପ୍ରତିଯୋଗିତାର ଶେଷ ଦିନରେ ଆପଣ ଆଶ୍ଚର୍ଯ୍ୟ କରିଥିଲେ। ଆପଣ ୯ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମନେ ହେଉଥିଲା ଆପଣ ନିଷ୍ପତ୍ତି ନେଇଥିଲେ ଖେଳ ଶେଷ ନ ହେବା ଯାଏ ପଦକ ବନ୍ଦ ହେବ ନାହିଁ। ଏଥର ୫୬ ମହିଳା ଖେଳାଳିଙ୍କ ମଧ୍ୟରୁ ୩୪ ଝିଅ ପଦକ ବିଜେତା ହୋଇଛନ୍ତି।' ପିଏମ୍ ମୋଦୀ କହିଛନ୍ତି, 'ଦିନେ ସମୟ ଥିଲା ଯେତେବେଳେ ଅଧିକାଂଶ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାରତର ଅଂଶଗ୍ରହଣକୁ କେବଳ ଔପଚାରିକତା ବୋଲି ବିବେଚନା କରାଯାଉଥିଲା। ପାରା କ୍ରୀଡ଼ାରେ ଆମ ଦେଶ ବହୁତ ପଛରେ ଥିଲା। ୨୦୧୦ ଏସୀୟ ପାରା ଗେମ୍ସରେ ଭାରତ କେବଳ ଗୋଟିଏ ସ୍ୱର୍ଣ୍ଣ ପଦକ ସହ ମାତ୍ର ୧୪ ପଦକ ଜିତିଥିଲା। କିନ୍ତୁ ଏଥର, ଆମ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ମୋଟ ୧୧୪ ପଦକ ଜିତିଛନ୍ତି। ୧୪ରୁ ୧୧୪ ପଦକ ପର୍ଯ୍ୟନ୍ତ ଏହି ଯାତ୍ରା ଆପଣଙ୍କ କଠିନ ପରିଶ୍ରମ, ଆପଣଙ୍କ ଅଟଳ ସମର୍ପଣ ଏବଂ ଆପଣଙ୍କ ସଫଳତାକୁ ସମର୍ଥନ କରିବା ପାଇଁ ଆମେ ସୃଷ୍ଟି କରିଥିବା ଦୃଢ଼ ଇକୋସିଷ୍ଟମର ସିଧାସଳଖ ଫଳାଫଳ।'

ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କଲେ କ୍ରିଷ୍ଟିଆନୋ ରୋନାଲ୍ଡୋ

ନୂଆଦିଲ୍ଲୀ



ଫୁଟବଲ୍ ଦୁନିଆର ଲୋକପ୍ରିୟ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲ୍‌ରୁ ସନ୍ୟାସ ଘୋଷଣା କରିଛନ୍ତି। ୪୧ ବର୍ଷୀୟ ଖେଳାଳି ପର୍ତ୍ତୁଗାଲ ପାଇଁ ସର୍ବାଧିକ ଗୋଲ୍ କରିଥିବା ଖେଳାଳି। ସେ ୨୩୨ଟି ମ୍ୟାଚ୍‌ରେ ୧୪୬ଟି ଗୋଲ୍ ମାରିଥିଲେ। ରୋନାଲ୍ଡୋ ଗୁରୁବାର ଦିନ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରି ସନ୍ୟାସ ନେଇ ସୂଚନା ଦେଇଛନ୍ତି। ଫୁଟବଲ ଜଗତର ଜଣାଶୁଣା ଖେଳାଳି ରୋନାଲ୍ଡୋ ନିଜ କ୍ୟାରିୟରରେ କେବେବି ବିଶ୍ୱକପ୍ ଜିତିପାରି ନାହାନ୍ତି। ତେବେ ସେ ନିଜର ଅନ୍ତର୍ଜାତୀୟ କ୍ୟାରିୟର ସମାପ୍ତ କରିଛନ୍ତି। ଭିଡିଓରେ ଆବେଗର ସହିତ ରୋନାଲ୍ଡୋ କହିଛନ୍ତି, ପର୍ତ୍ତୁଗାଲର ଲୋକଙ୍କ ପାଇଁ ଆମର ନ୍ୟାସନାଲ ଟିମ୍‌ର ୭ ନମ୍ବର ଜର୍ସି ଫେରାଇବାର ସମୟ ଆସି ଯାଇଛି। ମୁଁ କେବେ ମଧ୍ୟ କଳ୍ପନା କରି ନଥିଲି ଯେ, ମୋ ପାଇଁ ଏଭଳି ଏକ ଦିନ ଆସିବ। କିନ୍ତୁ ୨୩ ବର୍ଷ ପର୍ଯ୍ୟନ୍ତ ପିନ୍ଧିବାକୁ, ଏହାର ରକ୍ଷା କରିବାକୁ ଏବଂ ବିଶ୍ୱର ଷ୍ଟାଡିୟମ ପର୍ଯ୍ୟନ୍ତ ନେଇଯିବାକୁ ସୌଭାଗ୍ୟର ଅଧିକାରୀ ହୋଇଥିଲି। ଏହାକୁ ଆଗାମୀ ପିଢ଼ିକୁ ହସ୍ତାନ୍ତର କରିବାର ସମୟ ଆସିଯାଇଛି। ଏହା ଏକ ସାଧାରଣ ନିଷ୍ପତ୍ତି ନୁହେଁ।

ରୋନାଲ୍ଡୋ ଙ୍କ ଅଧିନାୟକତ୍ୱରେ ପର୍ତ୍ତୁଗାଲ ୨୦୧୬ରେ ୟୁରୋ କପ୍ ଚାମ୍ପିଅନ ହୋଇଥିଲା। ଏହା ହେଉଛି ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ସବୁଠାରୁ ବଡ଼ ଉପଲବ୍ଧିଗୁଡ଼ିକ ମଧ୍ୟରୁ ଅନ୍ୟତମ। ବିଗତ ଅନ୍ତର୍ଜାତୀୟ ବ୍ରେକ୍ ସମୟରେ ରୋନାଲ୍ଡୋ ପର୍ତ୍ତୁଗାଲର ତାଲିମ ଶିବିର ଛାଡ଼ି ପଳାଇ ଯାଇଥିଲେ। ନରୱେ ବିପଫ ନ୍ୟାସନ୍ ଲିଗ୍‌ର ମୁକାବିଲାରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନଥିଲା। ପର୍ତ୍ତୁଗାଲ ଏହି ମ୍ୟାଚ୍‌କୁ ୨-୧ରେ ଜିତିଥିଲା। ମ୍ୟାଚ୍‌ର ଶେଷ ସିଟି ବାଜିବାରୁ ରୋନାଲ୍ଡୋ ସିଧାସଳଖ ଡ୍ରେସିଂ ରୁମ୍‌କୁ ଚାଲି ଯାଇଥିଲେ। ସେ ଓସ୍ଲୋରେ ଉପସ୍ଥିତ ନିଜର ପ୍ରଶଂସକମାନଙ୍କୁ ଅଭିବାନଦ କରିବା ପାଇଁ ପଡ଼ିଆରେ ଅଟକି ଟିମ୍‌ର ବାକି ଖେଳାଳିଙ୍କୁ ମଧ୍ୟ ସମର୍ଥନ କରି ନଥିଲେ।

ରାଜ୍ୟ ସବ୍-ଜୁନିଅର ରଗ୍‌ବୀରେ ଫ୍ୟୁଚର ଷ୍ଟାରର ଚମକ

ରଗ୍‌ବୀରେ ବାଳକ ଦଳ ଚାମ୍ପିଅନ, ବାଳିକା ଦଳ ତୃତୀୟ

ବାରିପଦା, ନ୍ୟୁଜ୍‌ବ୍ୟୁରୋ



ରାଜ୍ୟ ସବ୍-ଜୁନିଅର ରଗ୍‌ବୀ ଫୁଟବଲ ଚାମ୍ପିଅନସିପ୍-୨୦୨୬ରେ ମୟୂରଭଞ୍ଜର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବାଳକ ବିଭାଗରେ ଚାମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗରେ ଦଳ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛି। ଯାଜପୁର ଜିଲ୍ଲାର ଦଶରଥପୁର ହାଇସ୍କୁଲ ସ୍ଥିତ ଦିଲ୍ଲୀପ ତିର୍କୀ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ ଓ ଯାଜପୁର ରଗ୍‌ବୀ ଫୁଟବଲ ଆସୋସିଏସନର ମିଳିତ ସହଯୋଗରେ ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଳକ ବିଭାଗର ଫାଇନାଲରେ ଫ୍ୟୁଚର ଷ୍ଟାର ୧୫-୧୦ ପଏଣ୍ଟରେ କିସ୍ ଟିମ୍‌କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିପରି ବାଳିକା ବିଭାଗରେ ଫ୍ୟୁଚର ଷ୍ଟାର ୧୫-୧୦ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରି ତୃତୀୟ ସ୍ଥାନ ହାସଲ କରିଥିଲା। ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଦୀର୍ଘଦିନ ଧରି ମୟୂରଭଞ୍ଜର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପିଲାମାନଙ୍କୁ କ୍ରୀଡ଼ା ସହ ଯୋଡ଼ି ସେମାନଙ୍କ ପ୍ରତିଭା ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସୀମିତ ସୁଯୋଗ ଓ ସମ୍ବଳ ମଧ୍ୟରେ ନିରନ୍ତର ଅଭ୍ୟାସ, ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରି ଏକାଡେମୀର ଖେଳାଳିମାନେ ପୁଣିଥରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଏହି ସଫଳତା ମୟୂରଭଞ୍ଜର ଉଦୀୟମାନ କ୍ରୀଡ଼ା ପ୍ରତିଭାଙ୍କ ପାଇଁ ଏକ ବଡ଼ ପ୍ରେରଣା ହୋଇଥିବା ବେଳେ ଏକାଡେମୀର ଖେଳାଳି, ପ୍ରଶିକ୍ଷକ ଓ ସହଯୋଗୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ସଫଳତା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଯୁବ ସମାଜସେବୀ ରାକେଶ ସିଂ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ ଓ ମଙ୍ଗଲ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ ଓ ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ଏବଂ ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର ଓ ଅଜିତ କୁମାର ହାଁସଦା ଦୁଇ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ମୟୂରଭଞ୍ଜ ଜିଲ୍ଲା ରଗବୀ ସଂଘ, ଓଡ଼ିଶା ରଗ୍‌ବୀ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

ରଣଜୀ ଟ୍ରଫିରେ ବିବାଦ : କୋର୍ଟଙ୍କ ନିଷ୍ପତ୍ତି ପରେ ବଦଳିଲା ପୂରା ଟିମ୍

ନୂଆଦିଲ୍ଲୀ



ମେଘାଳୟ କ୍ରିକେଟ ଆସୋସିଏସନ ବିବାଦର ପ୍ରଭାବ ରଣଜୀ ଟ୍ରଫି ଟିମ୍ ଉପରେ ବି ପଡ଼ିଛି। ନାଗାଲାଣ୍ଡ ବିପକ୍ଷରେ ଚାଲୁଥିବା ପ୍ଲେଟ ଡିଭିଜନ ମ୍ୟାଚ୍ ପୂର୍ବରୁ ପୂରା ଟିମ୍‌କୁ ବଦଳାଇବାକୁ ପଡ଼ିଛି। ମ୍ୟାଚ୍ ଆରମ୍ଭ ହେବାର ଦୁଇ ଦିନ ପୂର୍ବରୁ ହିଁ ନୂଆ ଟିମ୍‌ର ଘୋଷଣା କରାଯାଇଥିଲା। ତିନି ମ୍ୟାଚ୍ ଖେଳି ସାରିଥିବା ପୁରୁଣା ଟିମ୍‌ର ପ୍ଲେୟର୍ସ ଚତୁର୍ଥ ମ୍ୟାଚ୍ ଲାଗି ଅଭ୍ୟାସ ବି କରୁଥିଲେ। କିନ୍ତୁ କୋର୍ଟଙ୍କ ନିଷ୍ପତ୍ତି ପରେ ଏମସିଏ (ମେଘାଳୟ କ୍ରିକେଟ ଆସୋସିଏସନ)ର ଅଧ୍ୟକ୍ଷ ଜେମ୍ସ ସଂଗମାଙ୍କୁ ନୂଆ ଟିମର ଚୟନ କରିବାକୁ ପଡ଼ିଛି। ଏମସିଏ ଅଧ୍ୟକ୍ଷ ଏବଂ ସଚିବ ରୋନାଲ୍ଡ ଖାର୍କମନୀଙ୍କ ମଧ୍ୟରେ ଚାଲୁ ରହିଥିବା ଟଣାଓଟରା ଏହି ବିବାଦର କାରଣ ଅଟେ। ମେଘାଳୟ ୟୁ୨୩ ମହିଳା ଟିମ୍‌ର ଖେଳାଳିଙ୍କ ସହ ଯୋଡ଼ି ହୋଇଥିବା ଯୌନ ନିର୍ଯାତନା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନ କରିବା ଅଭିଯୋଗ ପରେ ଖାର୍କମନୀଙ୍କୁ ନିଲମ୍ବିତ କରାଯାଇଥିଲା। ମେଘାଳୟ ହାଇକୋର୍ଟ ରୋନାଲ୍ଡଙ୍କ ନିଷ୍ପତ୍ତିକୁ ଅବୈଧ ମାନିଥିଲେ ଏବଂ ଆସୋସିଏସନର ଏପେକ୍ସ କାଉନ୍‌ସିଲର ଚୟନ କରାଯାଇଥିବା ରଣଜୀ ଟିମକୁ ବି ଅମାନ୍ୟ କରାଯାଇଛି। ଯାହାପରେ ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ନୂଆ ଟିମ୍ ଚୟନ କରାଯାଇଛି। ଏହି ସ୍ଥିତି ଉପରେ ବିସିସିଆଇ ସଚିବ ଦେବଜୀତ ସୈକିୟା ଏକ ସାକ୍ଷାତକାରରେ କହିଛନ୍ତି ତାଙ୍କୁ ହାଇକୋର୍ଟଙ୍କ ନିଷ୍ପତ୍ତି ମାନିବାରେ ଥିଲା। ଏଥିଲାଗି ନୂଆ ଟିମ୍‌କୁ ଅନୁମତି ଦେବାକୁ ହେବ। ସେ କହିଛନ୍ତି, ବିସିସିଆଇ ପାଖରେ ହାଇକୋର୍ଟଙ୍କ ଆଦେଶ ପାଳନ କରିବା ବ୍ୟତୀତ କୌଣସି ବିକଳ୍ପ ନାହିଁ। ତେଣୁ ଆମକୁ ଅଧ୍ୟକ୍ଷକଙ୍କ ଉଦ୍ୟମରେ ମନୋନୀତ ଦଳକୁ ଖେଳିବାକୁ ଅନୁମତି ଦେବାକୁ ପଡ଼ିଲା।

ଶୀର୍ଷକୁ ଉଠିଲେ ମିଚେଲ ଷ୍ଟାର୍କ

ଦୁବାଇ

ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ଆଇସିସି ଟେଷ୍ଟ ବୋଲିଂ ମାନ୍ୟତା ତାଲିକାର ଶୀର୍ଷ ସ୍ଥାନ ଫେରି ପାଇଛନ୍ତି ଅଷ୍ଟ୍ରେଲିଆର ପେସ୍ ବୋଲର ମିଚେଲ ଷ୍ଟାର୍କ। ଗତ ସପ୍ତାହରେ ଷ୍ଟାର୍କଙ୍କୁ ହଟାଇ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ ଶୀର୍ଷ ସ୍ଥାନ ଦଖଲ କରିଥିଲେ। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ୯ଟି ୱିକେଟ୍ ନେବା ପରେ ଷ୍ଟାର୍କ ପୁନର୍ବାର ଶୀର୍ଷ ସ୍ଥାନ ଫେରି ପାଇଛନ୍ତି।

ଦକ୍ଷିଣ ଆଫ୍ରିକାର ସ୍ପିନର ସିମନ ହାର୍ମର ପ୍ରଥମ କରି ମାନ୍ୟତା ତାଲିକାର ଶ୍ରେଷ୍ଠ ୧୦ରେ ପ୍ରବେଶ କରିଛନ୍ତି। ସେ ସମ୍ପ୍ରତି ସପ୍ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ୧୦ଟି ୱିକେଟ୍ ନେବା ଫଳରେ ହାର୍ମରଙ୍କ ମାନ୍ୟତାରେ ୯ଟି ସ୍ଥାନ ଉନ୍ନତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ମାଟ୍ ହେନରୀ ତୃତୀୟ ସ୍ଥାନକୁ ଖସିଛନ୍ତି। ଗତ ସପ୍ତାହରେ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଇଂଲଣ୍ଡର ଓଲି ରବିନସନ ଚତୁର୍ଥ, ଭାରତର ଯଶପ୍ରୀତ ବୁମ୍‌ରା ପଞ୍ଚମ, ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ଷଷ୍ଠ, ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡା ଅଷ୍ଟମ, ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ନବମ ଓ ଜୋସ ହାଜେଲଉଡ୍ ଦଶମ ସ୍ଥାନରେ ରହିଛନ୍ତି।

ଆଇପିଏଲ୍ : ସିଏସ୍‌କେ-ଏସ୍‌ଆରଏଚ୍ ମଧ୍ୟରେ ୪ ଖେଳାଳି ଅଦଳବଦଳ

ନୂଆଦିଲ୍ଲୀ

ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ୪ ଖେଳାଳି ଅଦଳବଦଳ ହୋଇଛନ୍ତି। ଏସ୍‌ଆରଏଚ୍‌ରୁ ଲିଅମ୍ ଲିଭିଂଷ୍ଟୋନ୍ ଓ ଜ୍ୟାକ୍ ଏଡୱାର୍ଡ୍ସ ସିଏସ୍‌କେ ଯାଇଛନ୍ତି। ସିଏସ୍‌କେରୁ ଖଲୀଲ ଅହମଦ ଓ ନାଥନ ଏଲିସ୍ ଏସ୍‌ଆରଏଚ୍‌କୁ ଆସିଛନ୍ତି। ୧୩ କୋଟି ଟଙ୍କାରେ ବିକ୍ରି ହୋଇଥିବା ଇଂଲଣ୍ଡ ଅଲରାଉଣ୍ଡର ଲିଭିଂଷ୍ଟୋନ୍ ଏବେ ୬ କୋଟି ଟଙ୍କାରେ ସିଏସ୍‌କେରେ ଯୋଗ ଦେଇଛନ୍ତି। ଅଷ୍ଟ୍ରେଲିଆ ସିମ୍ ବୋଲିଂ ଅଲରାଉଣ୍ଡର ଏଡୱାର୍ଡଙ୍କ ଦଳ ପୂର୍ବ ପରି ୩ କୋଟି ରହିଛି।

ୟୁଥ୍ ଅଲିମ୍ପିକ୍ସରେ ଇତିହାସ ରଚିଲେ ଓଡ଼ିଶା ଝିଅ ତନ୍ୱି ପତ୍ରୀ

ଡାକାର

ଓଡ଼ିଶା ଝିଅ ତଥା ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ତନ୍ୱି ପତ୍ରୀ ସେନେଗାଲର ଡକାରଠାରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛନ୍ତି। ଏହି ବ୍ୟାଡ୍‌ମିଣ୍ଟନ ଖେଳାଳି ମହିଳା ସିଙ୍ଗଲ୍ସ ପ୍ରତିଯୋଗିତାର ଫାଇନାଲରେ ପହଞ୍ଚିଥିବା ପ୍ରଥମ ଭାରତୀୟ ଖେଳାଳି ହୋଇଯାଇଛନ୍ତି। ବାଲେଶ୍ୱର ଜିଲ୍ଲାର ଏହି ୧୫ ବର୍ଷୀୟା ତନ୍ୱି ୟୁଥ୍ ଅଲିମ୍ପିକ୍ସରେ ଚମତ୍କାର ପ୍ରଦର୍ଶନ ଜାରି ରଖି ସେମିଫାଇନାଲରେ ଜାପାନର ୟୁଜୁନୋ ୱାଟାନାବେଙ୍କୁ ଏକ କଠିନ ମୁକାବିଲାରେ ୨୧-୧୪, ୧୧-୨୧, ୨୧-୧୯ ରେ ପରାସ୍ତ କରିଛନ୍ତି।

୫୪ ମିନିଟ୍ ଧରି ଚାଲିଥିବା ଏହି ରୋମାଞ୍ଚକର ମ୍ୟାଚରେ ବିଜୟ ସହ ସେ ସ୍ୱର୍ଣ୍ଣ ପଦକ ପାଇଁ ହେବାକୁ ଥିବା ଟାଇଟଲ୍ ମ୍ୟାଚ୍‌ରେ ନିଜର ସ୍ଥାନ ପକ୍କା କରିଛନ୍ତି। ଏହା ପୂର୍ବରୁ ତନ୍ୱି ଥାଇଲାଣ୍ଡର କୁଙ୍ଗକାଏଭ୍ କାନାନିକଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ ଏବଂ ଏପରି କରିବାରେ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ହେବାର ଗୌରବ ହାସଲ କରିଥିଲେ। ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ଜିତି ନିଜର ଏହି ସ୍ମରଣୀୟ ଅଭିଯାନକୁ ଐତିହାସିକ କରିବା ପାଇଁ ତାଙ୍କ ପାଖରେ ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଫାଇନାଲରେ ତନ୍ୱି ଚୀନର ଯୀ ଶିନ ଝାଙ୍ଗଙ୍କୁ ଭେଟିବେ, ଯିଏ କି ବର୍ତ୍ତମାନର ବିଶ୍ୱ ଜୁନିୟର ଚାମ୍ପିଅନ ଅଟନ୍ତି।

ତନ୍ୱି ଏବଂ ଝାଙ୍ଗଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କେବଳ ଥରେ ମୁକାବିଲା ହୋଇଛି। ଚଳିତ ବର୍ଷ ଏସିଆ



ଜୁନିୟର ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରେ ଦୁହେଁ ମୁହାଁମୁହିଁ ହୋଇଥିଲେ, ଯେଉଁଠାରେ ତନ୍ୱିଙ୍କୁ କଠିନ ସଂଘର୍ଷ ପରେ ୧୮-୨୧, ୧୬-୨୧ରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ମୋଟାମୋଟି ଭାବେ କହିଲେ ଫାଇନାଲରେ ତନ୍ୱିଙ୍କ ସାମ୍ନାରେ ଏକ କଠିନ ପରୀକ୍ଷା ହେବାକୁ ଯାଉଛି। ୟୁଜୁନୋଙ୍କ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍ ତନ୍ୱିଙ୍କ ଧୈର୍ଯ୍ୟ ଏବଂ ମାନସିକ ଦୃଢ଼ତାର ଏକ କଠିନ ପରୀକ୍ଷା ସାବ୍ୟସ୍ତ ହୋଇଥିଲା। ଦୁଇ ଖେଳାଳି ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଏବଂ କେହି ବି ସହଜରେ ହାର ମାନି ନଥିଲେ।

ତନ୍ୱି ସେମିଫାଇନାଲ୍ ମ୍ୟାଚ୍ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ପ୍ରଥମ ଗେମ୍‌କୁ ୨୧-୧୪ ରେ ନିଜ ନାମରେ କରିଥିଲେ। ଜାପାନୀ ଖେଳାଳି ଜୋରଦାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ଗେମ୍‌କୁ ୨୧-୧୧ ରେ ଜିତି ନେଇଥିଲେ ଏବଂ ମ୍ୟାଚ୍‌କୁ ନିର୍ଣ୍ଣାୟକ ଗେମ୍ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥିଲେ। ତୃତୀୟ ଗେମ୍‌ରେ ମଧ୍ୟ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ନିର୍ଣ୍ଣାୟକ ମୁହୂର୍ତ୍ତଗୁଡ଼ିକରେ ତନ୍ୱି ଆଶ୍ଚର୍ଯ୍ୟଜନକ ସଂଯମତା ଦେଖାଇଥିଲେ। ସେ ୨୧-୧୯ ରେ ତୃତୀୟ ଗେମ୍ ଜିତି ଏକ ସ୍ମରଣୀୟ ବିଜୟ ହାସଲ କରିଥିଲେ।

ତନ୍ୱିଙ୍କର ଏହି ସଫଳତା ୟୁଥ୍ ଅଲିମ୍ପିକ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନର ବଢ଼ୁଥିବା ପରିଚୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଅଟେ। ଏହା ପୂର୍ବରୁ ୨୦୧୦ରେ ସିଙ୍ଗାପୁରରେ ଆୟୋଜିତ ପ୍ରଥମ ୟୁଥ୍ ଅଲିମ୍ପିକ୍ସରେ ଏଚ୍.ଏସ୍. ପ୍ରଣୟ ରୌପ୍ୟ ପଦକ ଜିତିଥିଲେ। ୨୦୧୮ରେ ବୁଏନସ ଆଇରେସ ୟୁଥ୍ ଅଲିମ୍ପିକ୍ସରେ ଲକ୍ଷ୍ୟ ସେନ ଉପବିଜେତା (ରୌପ୍ୟ ପଦକ ବିଜେତା) ରହିଥିଲେ। ଆଦିତ୍ୟ ଜୋଶୀ ୨୦୧୪ରେ ପୁରୁଷ ସିଙ୍ଗଲ୍ସ ବିଭାଗର ସେମିଫାଇନାଲ ପର୍ଯ୍ୟନ୍ତ ଯାତ୍ରା କରିଥିଲେ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଆକାଶ ଶୋଭା ବିଲ୍ଡିଂ 13001/2375/2627
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001
ପତ୍ର ସଂଖ୍ୟା- ୨୩୩୩୬ / ଭୁ.ଉ.କ., ଭୁବନେଶ୍ୱର, ତା ୦୨.୧୧.୨୦୨୬ /ରିଖ
AVMD-120/2002
ସୂଚନା
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଅନନ୍ତ ବିହାର ହାଉସିଂ ସ୍କିମ୍, ଫେଜ୍-୩, ମୌଜା-ପୋଖରୀପୁଟ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-MIG-52 କୁ **ଶ୍ରୀ ରବିନ୍ଦ୍ର କୁମାର ପାଣିଗ୍ରାହୀ, ପିତା- ସ୍ୱର୍ଗତ ମଦନ ପାଣିଗ୍ରାହୀ, ଗ୍ରାମ/ପୋଷ୍ଟ-ଯମଯୋଡ଼ି, ଥାନା-ତିହିଡ଼ି, ଜିଲ୍ଲା-ଭଦ୍ରକ, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା।
ଆବଣ୍ଟନଗ୍ରାହୀ **ରବିନ୍ଦ୍ର କୁମାର ପାଣିଗ୍ରାହୀଙ୍କର** ଗତ ତା-୨୭.୦୪.୨୦୧୩ ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death Certificate Registration No. 1997/2013** dated 06.05.2013)
Legal heir certificate Misc.Case No. 93 of 2013 dated 26.06.2013 ଅନୁଯାୟୀ **ରବିନ୍ଦ୍ର କୁମାର ପାଣିଗ୍ରାହୀଙ୍କର** ଉତ୍ତରାଧିକାରୀ (୧) ଅଂଶୁମାନ ପାଣିଗ୍ରାହୀ (ପୁତ୍ର), (୨) ସମ୍ବେଦନା ପାଣିଗ୍ରାହୀ (କନ୍ୟା) ଓ (୩) ସବିତା ଦେବୀ (ସ୍ତ୍ରୀ) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଉକ୍ତ ଗୃହର ମାଲିକାନା ସତ୍ୱ (୧) ଅଂଶୁମାନ ପାଣିଗ୍ରାହୀ (ପୁତ୍ର), (୨) ସମ୍ବେଦନା ପାଣିଗ୍ରାହୀ (କନ୍ୟା) ଓ (୩) ସବିତା ଦେବୀ (ସ୍ତ୍ରୀ)ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା/- ଆବଣ୍ଟନ ଅଧିକାରୀ-୧,
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13001/13033/1/26-27/0178

GOVERNMENT OF ODISHA 34001/1110/2627
OFFICE OF THE SUPERINTENDING ENGINEER
GANJAM[R&B]DIVISION NO.I BERHAMPUR.
Phone/Fax:(0680) 2233683,e-mail :eernb1 bam@yahoo.com
"e" Procurement Notice
Bid Identification No.SE R&B Divn. No.I Bam. 27/ 2026-27 Lr. No. 9568 dtd. 28.10.2026.
Name of work : Civil Works.
No of works : (12) No's
Estimated Cost : Approximately **Rs. 1.50 to 49.97 Lakh**
Period of completion. : One to Four Calendar Months,1 year
Date and time of Availability of bid document in the portal. : From 10.00 hours of **06.11.2026** to **16.00 hours** of **12.11.2026.**
Last date / time for receipt of bids in the portal : Upto **16.00** hours of 12.11.2026.
Name & address of the Officer Inviting Bid : Superintending Engineer, Ganjam (R&B)Division No.1, Berhampur.
Further details can be seen from the e-Procurement portal
https://tendersodisha.gov.in
Sd/- Superintending Engineer
Ganjam (R&B)Division No.I,
Berhampur
OIPR-34001/34109/1/26-27/0027

E-Mail: eerwdivisiondhenkanal@yahoo.co.in
Government of Odisha
Office of the Superintending Engineer, Rural Works Division, Dhenkanal.
e-procurement Notice No. 16 / Building Work/2026-27.
25001/1464/2627
1. Name of the work : Building Work
2. Total No. of Works : 15 No.
3. Estimated Cost : Rs.2.54 lakh to Rs.5.08lakh (approx.)
4. Class Contractor : "D" and "C" Class
5. Period of Completion : 2(two) Months
6. EMD Required : As mentioned in the Annexure at Column-04
7. online for bidding : 09.11.2026 at 11.30 AM to 18.11.2026 up to 5.00 P.M
8. Last Date & Time of seeking tender clarification : 18.11.2026 upto 2.00 PM
9. Date & Time of opening of tender (Technical& Financial Bid) : 19.11.2026 at 11.00 A.M
Other Details can be seen from the website http://tendersorissa.gov.in.
Sd/- Superintending Engineer,
R.W.Division, Dhenkanal
OIPR-25001/25101/1/26-27/0016

କଳିଙ୍ଗ ଷ୍ଟାଡିୟମରେ ଜମୁଛି ୭୦୦ରୁ ଊର୍ଦ୍ଧ୍ୱ ଶିଶୁ ଆଥଲେଟଙ୍କ ପ୍ରତିଭାର ଉତ୍ସବ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର କ୍ରୀଡ଼ା ଐତିହ୍ୟ ଓ ଶିଶୁଙ୍କ ଆଗ୍ରହ-ସାମର୍ଥ୍ୟର ପ୍ରତିପାଳନ ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ ଥିବା 'ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି' (ଓଏସସିପିଏସ୍) ର ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ-୨୦୨୬'।

ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆକାଶକୁ ରଙ୍ଗବେରଙ୍ଗର ବେଲୁନ୍ ଉଡ଼ାଇ 'ଉତ୍ସାହ-୨୦୨୬'ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡ଼ିଶାର ବିକଶିତ ହେଉଥିବା କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ସଂସ୍କୃତିକୁ ପ୍ରଶଂସା କରିଥିଲେ। ସେ କହିଥିଲେ, 'ପ୍ରତ୍ୟେକ ପିଲାର ଖେଳିବାର, ସ୍ୱପ୍ନ ଦେଖିବାର ଏବଂ ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିବାର ଅଧିକାର ରହିଛି। ରାଜ୍ୟ ସରକାର ଏହି ଅଧିକାର ଓ ସୁଯୋଗ ସୁନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ।' କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ପ୍ରତ୍ୟେକ ଜିଲ୍ଲାର ଶିଶୁମାନଙ୍କ ପାଇଁ ଏପରି ଏକ ସମାବେଶୀ ଓ ସ୍ପନ୍ଦନଶୀଳ ମଞ୍ଚ ସୃଷ୍ଟି କରିଥିବାରୁ ବିଭାଗକୁ ସାଧୁବାଦ ଜଣାଇଥିଲେ। ତୃଣମୂଳ ସ୍ତରରେ ଲୁଚି ରହିଥିବା ପ୍ରତିଭାକୁ ଆଗକୁ ଆଣିବାରେ ଏବଂ ପ୍ରତ୍ୟେକ ପିଲାକୁ ଭାଗ ନେବାର ସୁଯୋଗ ଦେବାରେ ସ୍ଥାନୀୟ ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ଆଲୋକପାତ କରିଥିଲେ।ଏହି ଅବସରରେ ଜିଲ୍ଲାସ୍ତରୀୟ ବିଜେତାମାନଙ୍କ ଦ୍ୱାରା ଏକ ମାର୍ଚ୍ଚପାଷ୍ଟ ପରିବେଷଣ କରାଯାଇଥିଲା, ଯାହା ଶିଶୁମାନଙ୍କ ଏକତା ଓ ଶୃଙ୍ଖଳାର ଚିତାକର୍ଷକ ଚିତ୍ର ପ୍ରଦର୍ଶିତ କରିଥିଲା। ଏହି ରାଜ୍ୟସ୍ତରୀୟ ମହୋତ୍ସବରେ ଓଡ଼ିଶାର ୩୦ଟି ଜିଲ୍ଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରୁ ୭୦୦ରୁ ଅଧିକ ପିଲା ଏକାଠି ହୋଇଛନ୍ତି। ପିଲାମାନେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ଫ ଡିଆଁ, ରିଲେ ଦୌଡ଼, ଫୁଟବଲ, ଚେସ୍ ଏବଂ କାରମ୍ ଭଳି ବିଭିନ୍ନ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରୁଛନ୍ତି।

ଗଣତନ୍ତ୍ରର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଅତୁଳନୀୟ

ବରଗଡ଼, ନ୍ୟୁଜ୍‌ବ୍ୟୁରୋ

ଗଣତନ୍ତ୍ରର ସୁରକ୍ଷା ଓ ଦେଶର ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିର୍ଭୀକ, ନିରପେକ୍ଷ ଓ ସଚ୍ଚୋଟ ସାମ୍ବାଦିକତା ହିଁ ଗଣତନ୍ତ୍ରର ମୂଳ ଆଧାର ବୋଲି ମତପ୍ରକାଶ କରିଛନ୍ତି ବିଜେପୁର ବିଧାୟକ ସନତ କୁମାର ଗଡ଼ତିୟା। ଗାଇସିଲେଟ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଗାଇସିଲେଟ ସାମ୍ବାଦିକ ସଂଘ ଆୟୋଜନରେ ଜର୍ନାଲିଷ୍ଟ ଏସୋସିଏସନ୍ ଅଫ୍ ବରଗଡ଼ (ଜାବ୍)ର ସାଧାରଣ ପରିଷଦ ବୈଠକ ଓ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶ୍ରୀ ଗଡ଼ତିୟା କହିଥିଲେ ଯେ, ଦେଶ ଓ ଗଣତନ୍ତ୍ରର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ଏହା ସମସ୍ତଙ୍କର ସାମୂହିକ କର୍ତ୍ତବ୍ୟ। ଏହି ଦିଗରେ ସାମ୍ବାଦିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛନ୍ତି। ସେହିପରି ଉପସଭାପତି ଭାବେ ପ୍ରଭୁଚରଣ



ମହାନ୍ତି, ସତ୍ୟଜିତ୍ ପ୍ରଧାନ, ଯୁଧିଷ୍ଠିର ମହାପାତ୍ର ଓ ନୀଳକଣ୍ଠ ଦୀପ; ଯୁଗ୍ମ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ମହାପାତ୍ର, ସରୋଜ ଷଡ଼ଙ୍ଗୀ, ଅଶ୍ୱିନୀ ପାତ୍ର ଓ ଧୀରେନ ମହାନ୍ତି; କୋଷାଧ୍ୟକ୍ଷ ଭାବେ ବ୍ୟୋମକେଶ କର; ଜିଲ୍ଲା ସଂଯୋଜକ ଭାବେ ରଞ୍ଜନ ଦେବତା; ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଭାବେ ହେମନ୍ତ ପ୍ରଧାନ; ଟ୍ରିବ୍ୟୁନାଲ କମିଟି ଅଧ୍ୟକ୍ଷ ଭାବେ କ୍ଷମାନିଧି ନାୟକ; ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରଞ୍ଜିତ ଦାଶ; ଅଫିସ ସମ୍ପାଦକ ଭାବେ ନରେନ୍ଦ୍ର ଦାଶ ଏବଂ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ସୁବ୍ରତ ସାହୁ ନିର୍ବାଚିତ ହୋଇଥିଲେ। ଏଥିସହ ଜିଲ୍ଲାର ୧୨ଟି ବ୍ଲକ ପାଇଁ ସଂଯୋଜକ ମନୋନୀତ ହୋଇଥିଲେ। ସେମାନେ ହେଲେ ଅତାବିରାରୁ କୀର୍ତ୍ତନ ବିଶ୍ୱାଳ, ବିଜେପୁରରୁ ସୁନୀଲ ମିଶ୍ର, ବରଗଡ଼ରୁ ନେପାଳ ପ୍ରଧାନ, ଭଟଲିରୁ ରାଜେଶ ମିଶ୍ର, ଭେଡ଼େନରୁ ମୁକୁନ୍ଦ ଷଡ଼ଙ୍ଗୀ, ଅମ୍ବାଭୋନାରୁ ପ୍ରକାଶ ରଥ, ବରପାଲିରୁ ପଦ୍ମଲୋଚନ ସାହୁ, ପଦ୍ମପୁରରୁ ସୁଦାମ ପ୍ରଧାନ, ଝାରବନ୍ଧରୁ ଦେବେନ୍ଦ୍ର ସାହୁ, ପାଇକମାଲରୁ ଧୀରେନ୍ଦ୍ର ମହାନ୍ତି, ଗାଇସିଲେଟରୁ ଝସକେତନ ସାହୁ ଏବଂ ସୋହେଲାରୁ ଅଶ୍ୱିନୀ ପାତ୍ର।

ସାମ୍ବାଦିକଙ୍କ ଅଧିକାର, ସୁରକ୍ଷା ଓ କଲ୍ୟାଣକୁ ଗୁରୁତ୍ୱ ଦେଇ ନୂତନ କାର୍ଯ୍ୟକାରିଣୀ ଆଗାମୀ ଦିନରେ କାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ ପାଇଛି।



ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବ ତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା । ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି । ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି । ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି । ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ୟୁଟିଏସ୍ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି । ପୂର୍ବତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି । ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନ କେବଳ ଟିକେଟ୍ ସମ୍ବନ୍ଧୀୟ ଅନିୟମିତତା ଚିହ୍ନଟ କରିବା ଏବଂ ଜୋରିମାନା ଆଦାୟ ମଧ୍ୟରେ ସୀମିତ ନୁହେଁ । ଏହାର ବ୍ୟାପକ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯାତ୍ରାର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଟିକେଟ୍ କ୍ରୟ କରିବା ପାଇଁ ଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା । ନିୟମିତ ଟିକେଟ୍ ଯାଞ୍ଚ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ସହ ରେଳ ନିୟମର ଅନୁପାଳନକୁ ସୁଦୃଢ଼ କରୁଛି । ଏହା ବୈଧ ଟିକେଟ୍ ଧରି ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରତି ନ୍ୟାୟସଙ୍ଗତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ରେଳବାଇର ବୈଧ ରାଜସ୍ୱ ସୁରକ୍ଷାରେ ସହାୟକ ହେଉଛି । ଏପ୍ରିଲ ୨୦୨୬ ଠାରୁ ୟୁଟିଏସ୍ ମାଧ୍ୟମରେ ଟିକେଟ୍ ବୁକିଂରେ ହୋଇଥିବା ବୃଦ୍ଧି ଯାତ୍ରା ଟିକେଟ କରିବା ପାଇଁ ପ୍ରୋତ୍ସାହିତ କରିବା ଦିଗରେ ଏକ ଉତ୍ସାହଜନକ ପ୍ରଗତି । ନିୟମ କାର୍ଯ୍ୟକାରୀ କରିବା ସହିତ ସହଜରେ ଉପଲବ୍ଧ ଟିକେଟ୍ ବୁକିଂ ସୁବିଧା ଏବଂ ଯାତ୍ରୀ ସଚେତନତା ଟିକେଟ୍ କ୍ରୟକୁ ଆହୁରି ସହଜ କରିବା ସହ ନିର୍ଦ୍ଧାରିତ ପ୍ରକ୍ରିୟାର ଅନୁପାଳନକୁ ପ୍ରୋତ୍ସାହିତ କରିପାରିବ । ମୁଖ୍ୟାଳୟ, ମଣ୍ଡଳ ଅଧିକାରୀ ଏବଂ ଟିକେଟ୍ ଯାଞ୍ଚ ଦଳଗୁଡ଼ିକର ସମନ୍ୱିତ ପ୍ରୟାସ ମାଧ୍ୟମରେ ବାଣିଜ୍ୟିକ ପରିଚାଳନାକୁ ଉନ୍ନତ କରିବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି । ଏହି ସକାରାତ୍ମକ ପ୍ରଗତିକୁ ଅବ୍ୟାହତ ରଖିବା ପାଇଁ ପୂର୍ବତଟ ରେଳପଥ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ନିୟମିତ ବ୍ୟବଧାନରେ ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଆୟୋଜନ କରିବାକୁ ଯୋଜନା କରିଛି । ନିୟମିତ ଟିକେଟ୍ ଯାଞ୍ଚ ସହିତ ସୁବିଧାଜନକ ଟିକେଟ୍ ବୁକିଂ ବ୍ୟବସ୍ଥା ଏବଂ ଯାତ୍ରୀ ସଚେତନତା, ବୈଧ ଟିକେଟ୍ କ୍ରୟକୁ ପ୍ରୋତ୍ସାହିତ କରିବା, ଅନଧିକୃତ ଯାତ୍ରା ହ୍ରାସ କରିବା ଏବଂ ରେଳପଥ ରାଜସ୍ୱର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ୟୁଟିଏସ୍ ଟିକେଟ୍ ବୁକିଂରେ ଦେଖାଦେଇଥିବା ଉତ୍ସାହଜନକ ବୃଦ୍ଧି, ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପୂର୍ବତଟ ରେଳପଥ ନେଟୱାର୍କରେ ଟିକେଟ୍ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ଗୁରୁତ୍ୱକୁ ପ୍ରତିପାଦିତ କରୁଛି ।

ବିଜ୍ଞାନ ସାଧକ ଓ ଋଷି ବୈଜ୍ଞାନିକ ପୁସ୍ତକ ଉନ୍ମୋଚିତ

'ସମାଜରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବୈଜ୍ଞାନିକ'

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାଲେଶ୍ୱର ଜିଲ୍ଲାର ବିଶିଷ୍ଟ ଗଣିତ ଶିକ୍ଷକ ଓ ବିଜ୍ଞାନପ୍ରେମୀ କଳ୍ପତରୁ ପାତ୍ରଙ୍କ ଦ୍ୱାରା ରଚିତ ଓ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ (ଓକେସିଏଲ) ଦ୍ୱାରା ପ୍ରକାଶିତ ଦୁଇଟି ନୂତନ ପୁସ୍ତକ 'ବିଜ୍ଞାନ ସାଧକ' ଓ 'ଋଷି ବୈଜ୍ଞାନିକ' ଗତ ବୁଧବାର ଦିନ ଏହାର ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି । ଉନ୍ମୋଚନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଶିକ୍ଷାବିତ ଓ ସୁସାହିତ୍ୟିକ ତଥା ନବ ଜୀବନ ଶିକ୍ଷା ସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ ସମାଜରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବୈଜ୍ଞାନିକ ବୋଲି ସମ୍ବୋଧନ



କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ, ବିଜ୍ଞାନ ଶିକ୍ଷାର ପ୍ରସାର ପାଇଁ ସାଧନାରତ ତଥା "ହାତପାଆନ୍ତାର ବିଜ୍ଞାନ" ପୁସ୍ତକର ଲେଖକ ବ୍ରହ୍ମାନନ୍ଦ ସ୍ୱାଇଁ କହିଥିଲେ ଯେ ବିଜ୍ଞାନ ପଛରେ ରହିଛି ପର୍ଯ୍ୟବେକ୍ଷଣ, ଅନୁଭୂତି, ପରୀକ୍ଷା, ତ୍ରୁଟି ସଂଶୋଧନ ଓ ନୂତନ ଜ୍ଞାନ ଆହରଣର ପ୍ରକ୍ରିୟା, ଯାହା ବୈଜ୍ଞାନିକ ଚିନ୍ତନର ମୂଳ ଆଧାର । ଓକେସିଏଲର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲ ଶିକ୍ଷାଦାନରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଯୁକ୍ତିବିଦ୍ୟା ସହିତ ମାନବୀୟ ଓ ଚିନ୍ତନମୂଳକ ଦର୍ଶନର ମିଳନ ହିଁ ଶିକ୍ଷାର ବାସ୍ତବ ରୂପାନ୍ତରଣ ଆଣିପାରିବ । ପୁସ୍ତକ ପ୍ରସ୍ତୁତିର ପୃଷ୍ଠଭୂମି ସମ୍ପର୍କରେ ବର୍ଣ୍ଣନା କରି, ଲେଖକ ଶ୍ରୀ ପାତ୍ର କହିଥିଲେ ଯେ ବାସ୍ତବରେ, ବିଜ୍ଞାନ କୌଣସି ବିଶେଷ ବର୍ଗର ସମ୍ପତ୍ତି ନୁହେଁ । ଏହା ମଣିଷର ଜିଜ୍ଞାସା, ଅନୁଭୂତି ଓ ଜୀବନକୁ ସହଜ ଓ ସମୃଦ୍ଧ କରିବାର ଏକ ନିରନ୍ତର ପ୍ରୟାସ । ଅନ୍ୟମାନଙ୍କ ମଧ୍ୟରେ, ପ୍ରାକ୍ତନ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା ପ୍ରାବନ୍ଧିକ ଓ ସମାଲୋଚକ ଡ. ନିରଞ୍ଜନ ସାହୁ ଓ ଖଣ୍ଡଗିରି ସ୍ଥିତ ଅରୋବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ତଥା କବି ଓ ଅନୁବାଦକ ରବୀନ୍ଦ୍ରନାଥ ପାଢ଼ୀ ନିଜର ମତ ରଖିଥିଲେ । ଓକେସିଏଲ ତରଫରୁ ଏହି ପୁସ୍ତକ ଉନ୍ମୋଚନ ସମାରୋହ ଆୟୋଜନ କରାଯାଇଥିଲା ।

ଖୋର୍ଦ୍ଧା ରୋଡ୍ ଓ ଆନନ୍ଦ ବିହାର ଟର୍ମିନାଲ ମଧ୍ୟରେ ୱାନ-ୱେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ-ଏନସିଆର୍ ମଧ୍ୟରେ ଯାତ୍ରୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ରୋଡ୍ ଓ ଆନନ୍ଦ ବିହାର ଟର୍ମିନାଲ ମଧ୍ୟରେ ଉଭୟ ଦିଗରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୮୪୦୭ ଖୋର୍ଦ୍ଧା ରୋଡ୍-ଆନନ୍ଦ ବିହାର ଟର୍ମିନାଲ ସ୍ୱତନ୍ତ୍ର ଟ୍ରେନ୍ ୭ ନଭେମ୍ବର ୨୦୨୬ (ଶନିବାର) ଖୋର୍ଦ୍ଧା ରୋଡ୍‌ରୁ ଅପରାହ୍ନ ୧୨ଟା ୧୫ ମିନିଟ୍‌ରେ ଛାଡ଼ି ୮ ନଭେମ୍ବର ୨୦୨୬ (ରବିବାର) ରାତି ୧୦ଟା ୩୦ ମିନିଟ୍‌ରେ ଆନନ୍ଦ ବିହାର ଟର୍ମିନାଲରେ ପହଞ୍ଚିବ । ଫେରିବା ଦିଗରେ, ଟ୍ରେନ୍ ନମ୍ବର ୦୮୪୦୮ ଆନନ୍ଦ ବିହାର ଟର୍ମିନାଲ-ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ଟ୍ରେନ୍ ୯ ନଭେମ୍ବର ୨୦୨୬ (ସୋମବାର) ରାତି ୧୨ଟା ୩୦ ମିନିଟ୍‌ରେ ଆନନ୍ଦ ବିହାର ଟର୍ମିନାଲରୁ ଛାଡ଼ି ୧୦ ନଭେମ୍ବର ୨୦୨୬ (ମଙ୍ଗଳବାର) ସକାଳ ୧୦ଟା ୪୫ ମିନିଟ୍‌ରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିବ । ରହଣି ସ୍ଥାନ: ଏହି ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ହିଜିଳି, ମେଦିନାପୁର, ବିଷ୍ଣୁପୁର, ବାଙ୍କୁରା, ଆଦ୍ରା, ଗୋମୋ, କୋଡରମା , ଗୟା ଜଙ୍କସନ, ଦେହରି ଅନ୍ ସୋନ୍, ସାସାରାମ, ଭଭୁଆ ରୋଡ୍, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜଙ୍କସନ, ସୁବେଦାରଗଞ୍ଜ, ଗୋବିନ୍ଦପୁରୀ ଏବଂ ଗାଜିଆବାଦ ଷ୍ଟେସନରେ ରହଣି କରିବ । କୋଚ୍ ବ୍ୟବସ୍ଥା: ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ମୋଟ ୧୮ଟି କୋଚ୍ ରହିବ । ସେଥିମଧ୍ୟରେ ୪ଟି ଏସି ତିନି-ଟାୟାର, ୧ଟି ଏସି ଦୁଇ-ଟାୟାର, ୭ଟି ସ୍ଲିପର୍ ଶ୍ରେଣୀ, ୪ଟି ସାଧାରଣ ଦ୍ୱିତୀୟ ଶ୍ରେଣୀ ଏବଂ ଦିବ୍ୟାଙ୍ଗଜନ ଅନୁକୂଳ ସୁବିଧା ସହ ୨ଟି ଲଗେଜ୍-କମ୍-ଜେନେରେଟର-କମ୍-ବ୍ରେକ୍ ଭ୍ୟାନ୍ ରହିବ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଗିଡିପାବାଲି ...

ଗୁରୁବାର ଭୋର ସମୟରେ ଓଡ୍ରାଫ, ଡିଭିଏଫ୍ ବାହିନୀର ଏକ ୮୦ ଜଣିଆ ଟିମ ସହ ଗ୍ରାମବାସୀ ଘଟଣାସ୍ଥଳରୁ ଉଦ୍ଧାର କରିବା ପାଇଁ ଗିଡିପାବାଲି ଅଭିମୁଖେ ବାହାରିଥିଲେ ।

ଗୁରୁବାର ଗ୍ରାମବାସୀଙ୍କ ସହଯୋଗରେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ ଦ୍ୱାରା ହୋଇଥିବା ଉଦ୍ଧାର ଅଭିଯାନରେ ଦିନକରେ ସର୍ବାଧିକ ୫ଟି ମୃତଦେହ ଠାବ ହୋଇଥିବା ଜଣାପଡିଛି । ସମସ୍ତ ମୃତଦେହ ଗୋଟିଏ ପରିବାରର ବୋଲି ଗିଡିପାବାଲି ଯାଇଥିବା ଗ୍ରାମର ଅନ୍ୟ ସଦସ୍ୟ ମାନେ ଚିହ୍ନଟ କରିଥିଲେ । ମୃତକ ମାନେ ହେଲେ ବିଜୟ ପ୍ରଧାନ, ଭୂମିକା ପ୍ରଧାନ, ତାଙ୍କ ୭ ବର୍ଷର ପୁଅ ଅରୁଣ ପ୍ରଧାନ, ୬ ବର୍ଷର ଝିଅ ବିଜୟଲକ୍ଷ୍ମୀ ପ୍ରଧାନ ଓ ଏକ ବର୍ଷର ଝିଅ ଜୟଲକ୍ଷ୍ମୀ ପ୍ରଧାନ ବୋଲି ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି । ମୃତ ବିଜୟଙ୍କ ଭାଇ ଅଜୟ ପ୍ରଧାନ ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଥିବା ଜଣାପଡିଛି । ଫଳରେ ଗିଡିପାବାଲି ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି ।

ମୃତଦେହଗୁଡିକ ପ୍ରାୟ ୧୫ ରୁ ୨୦ ଫୁଟ ତଳୁ ଉଦ୍ଧାର କରାଯାଇଥିବା ବେଳେ ଗୋଟିଏ ଦିନରେ ଏତେ ସଂଖ୍ୟକ ମୃତଦେହ ଉଦ୍ଧାର ହେବା ପରେ ପୂର୍ବରୁ ଉଦ୍ଧାର କାର୍ଯ୍ୟର ସ୍ଥିତି ସହ ଆଜିର ଉଦ୍ଧାର କାର୍ଯ୍ୟର ଠାବ ମୃତଦେହକୁ ନେଇ ନୂଆଁ ଆଶା ସଞ୍ଚାର ହୋଇଛି । ଏହାପରେ ଉଦ୍ଧାର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ଅନୁମାନ କରାଯାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଶନିବାରଠାରୁ ନିଖୋଜ ୧୩ ଜଣଙ୍କୁ ଖୋଜିବା ପାଇଁ ବଡ ଧରଣର ଅଭିଯାନ ଆରମ୍ଭ ହୋଇଥିଲା । ୩ଟି ରେଳବାଇ ଇଞ୍ଜିନିୟର ଟିମ ସହ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବାହିନୀର ୧୦ଟି ଟିମ୍ ସହ ଜିଓ ରାଡାର, ଲାଇଭ ଡିଟେକ୍ଟିଭ୍ ମେସିନ, କଟର ମେସିନ ଭଳି ବିଭିନ୍ନ ଉନ୍ନତମାନର ଯନ୍ତ୍ରାଂଶ, ସନ୍ଧାନୀ କୁକୁରର ମଧ୍ୟ ବ୍ୟବହାର ହୋଇଥିଲା । ତଥାପି ସୋମବାର ସୁଦ୍ଧା ଗ୍ରାମର ରବି ମଲ୍ଲିକ ଓ ତାଙ୍କ ଜ୍ୱାଇଁ ସନମାନ ପ୍ରଧାନଙ୍କ ମୃତଦେହ ମିଳିବା ସହ ତାର ସଂସ୍କାର କରାଯାଇଥିଲା ।

ଏହାପରେ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟକୁ ସାମୟିକ ସ୍ଥଗିତ ରଖିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ଉଭୟ ଜିଲ୍ଲାର ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ୧୧ ଜଣ ନିଖୋଜଙ୍କ ପ୍ରତୀକାତ୍ମକ ସତ୍କାର ପରେ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ସମ୍ପର୍କରେ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା । ଏହି କ୍ରମରେ ବୁଧବାର ଘୁ.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ରଙ୍କ ନେତୃତ୍ୱରେ ସେଠାରେ ପହଞ୍ଚିଥିଲେ । କିନ୍ତୁ ଘଟଣା ସ୍ଥଳରେ ପରିବାର ଲୋକଙ୍କ ନିବେଦନ ପରେ ପ୍ରତୀକାତ୍ମକ ସତ୍କାରରୁ ଓହରିବା ସହ ପ୍ରଶାସନ ପକ୍ଷରୁ ପୁଣି ନିଖୋଜ

ଲୋକଙ୍କୁ ଖୋଜିବା ନେଇ

୨୫୨୬ କୋଟିର...

ସରକାରଙ୍କ ନିକଟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରାଯିବ ବୋଲି ସେ କହିଛନ୍ତି ।

ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ହେକ୍ଟର ହେକ୍ଟର ଚାଷଜମିରେ ଫସଲ ନଷ୍ଟ ହେବା ସହ ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଓ ଗ୍ରାମାଞ୍ଚଳ ରାସ୍ତାଘାଟ, ବ୍ରିଜ୍, ବିଦ୍ୟୁତ୍ ଭିତ୍ତିଭୂମି, ନଦୀ ଓ କେନାଲ ବନ୍ଧ ବ୍ୟାପକ ଭାବେ ଧୋଇଯାଇଛି । ମାଛ ଚାଷ ପୋଖରୀ ସମେତ ବିପୁଳ ପରିମାଣର ପ୍ରାଣୀସମ୍ପଦ ହାନି ଘଟିଛି । କେନ୍ଦ୍ରୀୟ ଟିମ୍ ନିଜ କ୍ଷେତ୍ର ପରିଦର୍ଶନ ଅଭିଜ୍ଞତା ବଖାଣି କ୍ଷୟକ୍ଷତିର ମାତ୍ରା ବେଶ୍ ଅଧିକ ବୋଲି ସ୍ୱୀକାର କରିବା ସହ ପ୍ରତ୍ୟେକ ପ୍ରଭାବିତ ଘରକୁ ଯାଇ ସର୍ଭେ କରିବାକୁ ପରାମର୍ଶ ଦେଇଛନ୍ତି ଓ ପୁନରୁଦ୍ଧାର ଲାଗି କେନ୍ଦ୍ର ପକ୍ଷରୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ୧୯୯୯ ମସିହା ମହାବାତ୍ୟା ପରଠାରୁ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ଦକ୍ଷତା ସମ୍ପର୍କରେ କେନ୍ଦ୍ରୀୟ ଟିମକୁ ଅବଗତ କରାଇ କହିଥିଲେ ଯେ, ରାଜ୍ୟ ବାରମ୍ବାର ଏପରି ପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହେଉଥିବାରୁ ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ଏକ ସ୍ଥାୟୀ ତଥା ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ଗଠନ ଏକାନ୍ତ ଜରୁରୀ । ବିଶେଷକରି ନଦୀବନ୍ଧ ଓ କେନାଲଗୁଡ଼ିକର ଉଚ୍ଚତା ବୃଦ୍ଧି ତଥା ସୁଦୃଢ଼ୀକରଣ ଦିଗରେ ଦୀର୍ଘମିଆଦୀ ଯୋଜନା ତୁରନ୍ତ ଆରମ୍ଭ କରାଯିବା ଆବଶ୍ୟକ ରହିଛି ।

ଆଜିର ଏହି ବୈଠକରେ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଆଇଏଏସ୍ ସ୍ତରରେ ...

କମିଶନର-ତଥା-ସଚିବ ପଦରୁ ବଦଳି କରାଯାଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ସଚିବ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି । ସେହିପରି ଅଶ୍ୱଥୀ ଏସ୍‌ଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତ କରାଯାଇଛି । ଏଥିସହ ସେ ଏସ୍ଆଇଟିଆଇ-ଓଡ଼ିଶାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ । କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ରୂପା ମିଶ୍ରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା-ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ...

ଗଞ୍ଜାମ ଜିଲ୍ଲାର ଜନସାଧାରଣଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ଦିଆଯିବ ନାହିଁ । ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍ ସହିତ ମଧ୍ୟ ସାରା ରାଜ୍ୟର ପରିସ୍ଥିତି ସହିତ ଗଞ୍ଜାମ ଜିଲ୍ଲାର କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଗଞ୍ଜାମ ଜିଲ୍ଲାର କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ରିଲିଫ୍ ଯୋଗାଇଦେବା ସହିତ ବିଭିନ୍ନ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ତୁରନ୍ତ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜସ୍ୱ ମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

ଦିଲ୍ଲୀର ସ୍ଥିତି...

ଗାଡ଼ିମୋଟରରୁ ନିର୍ଗତ ଧୂଆଁର ଭାଗ ୧୮.୧୭ ପ୍ରତିଶତ ରହିଛି । ପଞ୍ଜାବ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଘଟଣା ସାମ୍ନାକୁ ଆସିବା ପରେ କମିଶନ୍ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ପଞ୍ଜାବର ୫ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ।

କମୁଛି ଜନ୍ମହାର...

ଉଠିଥିଲା । ଦୁଇ ସନ୍ତାନରୁ ଅଧିକ ସନ୍ତାନ ଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରୁଥିବା ଆଇନର ପ୍ରାସଙ୍ଗିକତା ଏବେ ଶେଷ ହୋଇଛି ବୋଲି ଖଣ୍ଡପୀଠ କହିଛନ୍ତି । ଏଥିସହ ୨୦୦୩ର ଜାଭେଦ୍ ବନାମ ହରିୟାଣା ମାମଲା ସମ୍ପର୍କିତ ରାୟର ପୁନର୍ବିଚାର ପାଇଁ ଏହାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇଛନ୍ତି ।

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର ଆକଳନ ଅନୁଯାୟୀ, ଭାରତରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା ୨୦୧୧ରେ ପ୍ରାୟ ୧୦ କୋଟି ଥିବାବେଳେ ୨୦୩୬ ସୁଦ୍ଧା ଏହା ୨୩ କୋଟିରେ ପହଞ୍ଚିବ । ମୋଟ ଜନସଂଖ୍ୟାରେ ବୟସ୍କଙ୍କ ଅନୁପାତ ଏହି ସମୟ ମଧ୍ୟରେ ୮.୪ ପ୍ରତିଶତରୁ ବୃଦ୍ଧି ପାଇ ୧୪.୯ ପ୍ରତିଶତ ହେବ । ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବୟସର ଶିଶୁଙ୍କ ଅନୁପାତ ୨୦୧୧ରେ ୩୦.୯ ପ୍ରତିଶତ ଥିବାବେଳେ ୨୦୩୬ ସୁଦ୍ଧା ଏହା ୨୦.୧ ପ୍ରତିଶତକୁ ଖସିବା ଆକଳନ କରାଯାଇଛି ।

ଆନ୍ଧ୍ରରେ ଭୋଟ...

ବେଳେ ଭୋଟର ଅଛନ୍ତି ୫୦ ଜଣ । ଗତ ବୁଧବାର ସନ୍ଧ୍ୟାରୁ ପାଡୁଆ ପୁଲିସ୍ ରାଇ ପାହାଡ଼ ଗ୍ରାମ ମୁହଁରେ ପହରା ଦେଉଥିବା ବେଳେ ଘର ତାଲା ଦେଇ ଗ୍ରାମ ପଛ ପଟେ ଆନ୍ଧ୍ର ମୁହାଁ ହୋଇ ଭୋଟ ଦେଇଥିବା ଖବର ଆସିଛି । ସେପଟେ ସ୍ଥାନୀୟ ବିଡ଼ିଓ ଓ ତହସିଲଦାର କୋଟିଆରେ ଡେରା ପକାଇଥିବା ବେଳେ ନିଜ ଘର କଥା ଭୁଲି ଯାଇଛନ୍ତି ।

ଶିଶୁପାଳଗଡ଼ରେ ଗଡ଼ିଲା ମୁଣ୍ଡ ୮ ଜଣଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନୂଆ ବନ୍ଧୁକ ଆଣିବା ଖୁସିରେ ଚାଲିଥିଲା ସେଲିବ୍ରେସନ୍ ଓ ଏକାଠି ହୋଇ ପାର୍ଟି କରୁଥଲେ ୯ ବନ୍ଧୁ ।ଶିଶୁପାଳଗଡ଼ରେ ଭୋଜି ସମୟରେ ନୂଆ ବନ୍ଧୁକରୁ ହେଲା ଗୁଳି ଚାଳନା ଆଉ ଚାଲିଗଲା ବନ୍ଧୁ ତପନ ନାୟକଙ୍କ ଜୀବନ । ଧଉଳି ଥାନା ଅଂଚଳରେ ଘଟିଥିବା ଏ ଘଟଣା ସମସ୍ତଙ୍କୁ ଚକିତ କରିଛି । ଗତକାଲି ବିଳମ୍ବିତ ରାତିରେ ଶିଶୁପାଳଗଡ଼ ନିକଟରେ ଗୁଳିକାଣ୍ଡ ହେବା ନେଇ ଖବର ପାଇଥିଲା ପୋଲିସ । ଆଉ ଯାହାର ତଦନ୍ତ କରି ଆଜି ସେଲିବ୍ରେସନରେ ସାମିଲ ଥିବା ୮ ଜଣଙ୍କୁ ଗିରଫ କରିଛି କମିସନରେଟ ପୋଲିସ ।
ସୂଚନା ଅନୁସାରେ ସେଲିବ୍ରେସନ ମଝିରେ ପାର୍ଶଲ ଆସିଥିବା ବନ୍ଧୁକର କରାଯାଇଥିଲା ଲଞ୍ଚିଂ । ବନ୍ଧୁକ ସେଟ୍ ବେଳେ ଗୁଳିଚାଳନାରୁ ଗୁରୁତର ହୋଇଥିଲେ ତପନ ନାୟକ । ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସହ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଉ ଏ ଘଟଣାକୁ ଲୁଚାଇବାକୁ କରଯାଇଥିଲା ବ୍ଲୁ ପ୍ରିଣ୍ଟ । ବନ୍ଧୁକ ଟିକୁ ଗଙ୍ଗୁଆ ନାଳକୁ ଫପାଡ଼ି ଦେବା ସହ କେହି ଜଣେ ଦୁର୍ବୃତ୍ତ ଗୁଳି ଚାଳନା କରିଥିବା ପୋଲିସକୁ ସୂଚନା ଦେଇଥିଲେ । ହେଲେ ସମସ୍ତେ ଆସିଥିଲେ ସନ୍ଦେହର ଘେରକୁ ।ବ୍ୟବହୃତ ବନ୍ଧୁକକୁ ଖୋଜିବା ପାଇଁ ପୋଲିସ ଅଗ୍ନିଶମ ବାହିନୀର ସହାୟତା ନେଇଥିଲା । ପରେ ପୋଲିସ ତଦନ୍ତ ଆରମ୍ଭ କରି ୮ ଜଣଙ୍କୁ ଗିରଫ କରିଛି ।

କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆସିକା ବିଧାୟକ ହତ୍ୟା ଧମକ ଦେବା ହୀନମନ୍ୟତାର ପରିଚୟ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗଞ୍ଜାମ ଜିଲ୍ଲାରେ ବନ୍ୟା ପ୍ରଭାବିତଙ୍କୁ ରିଲିଫ୍ ବଣ୍ଟନ ସମୟରେ ବାଧା ସୃଷ୍ଟି କରିବା ଓ କର୍ତ୍ତବ୍ୟରତ ଜଣେ ସରକାରୀ ଅଧିକାରୀଙ୍କୁ ଆସ୍କା ବିଧାୟକ ସରୋଜ ପାଢ଼ୀ ଦୁର୍ବ୍ୟବହାର କରି ହତ୍ୟା ଧମକ ଦେବା ଘଟଣାକୁ ଦୃଢ଼ ନିନ୍ଦା କରିଛି ବିଜେଡି । ଏଭଳି ଆଚରଣ ପାଇଁ ବିଧାୟକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେଡି । ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବନ୍ୟାରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଓ ଜୀବିକା ପ୍ରଭାବିତ ହୋଇଥିବା ବେଳେ ରିଲିଫ୍ ବଣ୍ଟନରେ ବିଧାୟକ ବାଧା ସୃଷ୍ଟି କରିବା ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ଦାୟିତ୍ୱ ନିର୍ବାହ କରୁଥିବା ଜଣେ ସରକାରୀ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । କୌଣସି ରାଜନୈତିକ ବା ବ୍ୟକ୍ତିଗତ ହସ୍ତକ୍ଷେପ ବିନା ସରକାରୀ ସହାୟତା ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିବ, ତାହାର ତଦାରଖ କରନ୍ତୁ ରାଜ୍ୟ ସରକାର ।

ଓଡ଼ିଶାରେ ଶିଳ୍ପାୟନକୁ ମିଳିବ ନୂଆ ଗତି : ୬୩ଟି ପ୍ରକଳ୍ପ ପ୍ରସ୍ତାବକୁ ଜମି ଆବଣ୍ଟନ କମିଟିର ଅନୁମୋଦନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ଶିଳ୍ପ ପରିବେଶକୁ ଅଧିକ ସୁଦୃଢ଼ କରିବା ଏବଂ ପୁଞ୍ଜିନିବେଶଭିତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ଇଡ୍‌କୋର ଅଧ୍ୟକ୍ଷା ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ୬୩ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ୫୫ଟି ଜମି



ଆବଣ୍ଟନ ପ୍ରସ୍ତାବ ଏବଂ ୮ଟି କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ସମ୍ପର୍କିତ ପ୍ରସ୍ତାବ ରହିଛି । ଏହି ଅନୁମୋଦନ ଦ୍ୱାରା ରାଜ୍ୟରେ ଶିଳ୍ପ ଓ ଉଦ୍ୟୋଗ ପ୍ରତିଷ୍ଠା ତଥା ସମ୍ପ୍ରସାରଣକୁ ସୁଗମ କରିବା ସହ ଶିଳ୍ପ ଭିତ୍ତିଭୂମି ସୁଦୃଢ଼ ହେବ ଏବଂ ନୂତନ ପୁଞ୍ଜିନିବେଶ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଉଷା ପାଢ଼ୀଙ୍କ ନେତୃତ୍ୱରେ ଇଡ୍‌କୋ ପକ୍ଷରୁ ଜମି ଆବଣ୍ଟନ ପ୍ରକ୍ରିୟାକୁ ସରଳ ଓ ସୁବ୍ୟବସ୍ଥିତ କରିବା, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ପୁଞ୍ଜିନିବେଶ ପ୍ରସ୍ତାବଗୁଡ଼ିକର ନିର୍ଦ୍ଧାରିତ ସମୟ ମଧ୍ୟରେ ନିଷ୍ପତ୍ତି ନେବା ଲାଗି ଅନେକ ଲକ୍ଷ୍ୟଭିତିକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପ୍ରୟାସର ଅଂଶସ୍ୱରୂପ, ଜମି ଆବଣ୍ଟନ ପ୍ରସ୍ତାବଗୁଡ଼ିକର ନିୟମିତ ଓ ସମୟୋଚିତ ବିଚାର ପାଇଁ ଏବେ ପ୍ରତି ମାସରେ ଜମି ଆବଣ୍ଟନ କମିଟି ବୈଠକ ଅନୁଷ୍ଠିତ ହେଉଛି । ଏଥିସହ ନିବେଶକ ଓ ଉଦ୍ୟୋଗୀମାନଙ୍କ ଅଭିଯୋଗ ଶୁଣିବା ଏବଂ ତାହାର ସମାଧାନ ପାଇଁ ପ୍ରତି ସପ୍ତାହରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ସହ ଜମି ଆବଣ୍ଟନ ପ୍ରକ୍ରିୟା ଅଧିକ ଉତ୍ତରଦାୟୀ ହୋଇପାରିଛି । ଏହି ପଦକ୍ଷେପଗୁଡ଼ିକର ମୂଳ ଲକ୍ଷ୍ୟ ହେଉଛି ପ୍ରକ୍ରିୟାଗତ ବିଳମ୍ବ ହ୍ରାସ କରିବା, ସ୍ୱଚ୍ଛତା ବୃଦ୍ଧି କରିବା, ବ୍ୟବସାୟିକ ସୁଗମତାକୁ ଅଧିକ ମଜଭୁତ କରିବା ଏବଂ ନିବେଶକ ଓ ଉଦ୍ୟୋଗୀମାନଙ୍କ ପ୍ରସ୍ତାବକୁ ବାସ୍ତବ ପ୍ରକଳ୍ପରେ ପରିଣତ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ।

ଏମ୍‌ଏସ୍‌ଏମ୍‌ଇ ପ୍ରସ୍ତାବଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବା ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ ଓ ନିଯୁକ୍ତି ସୃଷ୍ଟିରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱ ସ୍ପଷ୍ଟ ହୋଇଛି । ଶିଳ୍ପ ଜମି ଓ ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ କରାଇ ରାଜ୍ୟରେ ବିଭିନ୍ନ ସ୍ତରର ଉଦ୍ୟୋଗଗୁଡ଼ିକର ପ୍ରତିଷ୍ଠା, ସମ୍ପ୍ରସାରଣ ଓ ବିକାଶ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

ଶିଳ୍ପ ବିକାଶକୁ ଆଗେଇ ନେବାରେ ଜମି ଆବଣ୍ଟନ କମିଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜମି ସମ୍ପର୍କିତ ପ୍ରସ୍ତାବଗୁଡ଼ିକର ଯାଂଚ ଓ ଅନୁମୋଦନ ମାଧ୍ୟମରେ ଏହି କମିଟି ନିବେଶକ ଓ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଆଗକୁ ବଢ଼ିବାର ସୁଯୋଗ ଦେଇଥାଏ । ମାସିକ ବୈଠକ ମାଧ୍ୟମରେ ଜମି ଆବଣ୍ଟନ ପ୍ରକ୍ରିୟାକୁ ନିୟମିତ କରିବା ସହ ସାପ୍ତାହିକ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଇଡ୍‌କୋର ସ୍ୱଚ୍ଛ, ଉତ୍ତରଦାୟୀ ଓ ନିବେଶକ ଅନୁକୂଳ ଶିଳ୍ପ ପ୍ରଶାସନ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-KPJG-SIDING-591, ତା.30.10.2026ରିଖ

କାର୍ଯ୍ୟର ନାମ: ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (JSPL)-କେରେଜାଙ୍ଗ ଲାଇନ୍‌ରେ ସାନକେରେଜାଙ୍ଗ ନିକଟରେ ନାଲକୋ ସାଇଡିଙ୍ଗର ଟେକ୍-ଅଫ ପଏଣ୍ଟକୁ ରେଳବାଇ ୟାର୍ଡ ସହିତ ଇଣ୍ଟରଲକିଙ୍ଗ ନିମନ୍ତେ କେରେଜାଙ୍ଗ ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ (EI) ରେ ରୂପାନ୍ତରଣ ।

ଟେଣ୍ଡର ମୂଲ୍ୟ: ₹ 1,19,84,784.98, **EMD :** ₹ 2,39,700/-

(2) ଟେଣ୍ଡର ବିଜ୍ଞପ୍ତି ସଂ. ST-OT-QUAD-SENSING-592, ତା.30.10.2026ରିଖ

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ଼ ମଣ୍ଡଳରେ 115 ବ୍ଲକ୍ ସେକ୍ସନଗୁଡ଼ିକ ମଧ୍ୟରେ କ୍ୱାଡ୍ କେବୁଲ କଣ୍ଡକ୍ଟର ରେଜିଷ୍ଟାନ୍ସ ସେନ୍ସିଙ୍ଗ ୟୁନିଟ୍‌ର ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ : ₹ 2,90,21,061.60, **EMD :** ₹ 5,80,400/-

ବିଡ୍ସ ଆରମ୍ଭ ହେବା ତାରିଖ : ତା.09.11.2026ରିଖ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 23.11.2026, 1100 ଘଣ୍ଟିକା (ଉଭୟ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-534/R/26-27

ପୂର୍ବ ତଟ ରେଳପଥ

ସଂ. SDCM/KUR/E-Auction/NFR/Press Clippings/OCT/2026-27/5916, ତାରିଖ : 29.10.2026

କ୍ରମ ସଂଖ୍ୟା-1 : ଆସେଟ୍ ବିବରଣୀ : ଢେଙ୍କାନାଳ ଷ୍ଟେସନର ପରିଚଳନ କ୍ଷେତ୍ରରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-2 : ଆସେଟ୍ ବିବରଣୀ : ବାଲୁଗାଁ ଷ୍ଟେସନର ପରିଚଳନ କ୍ଷେତ୍ରରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-3 : ଆସେଟ୍ ବିବରଣୀ : ଖୋର୍ଦ୍ଧା ରୋଡ଼ ଷ୍ଟେସନ (ସୀତାରାମ ଛକ ନିକଟ)ରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-4 : ଆସେଟ୍ ବିବରଣୀ : ଅନୁଗୋଳ ଷ୍ଟେସନର ପରିଚଳନ କ୍ଷେତ୍ରରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-5 : ଆସେଟ୍ ବିବରଣୀ : ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନର ପରିଚଳନ କ୍ଷେତ୍ରରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-6 : ଆସେଟ୍ ବିବରଣୀ : ଭଦ୍ରକ ଷ୍ଟେସନର ପରିଚଳନ କ୍ଷେତ୍ରରେ ମୋବାଇଲ ଫୁଡ ଭ୍ୟାନର ସ୍ଥାପନା ।

କ୍ରମ ସଂଖ୍ୟା-7 : ଆସେଟ୍ ବିବରଣୀ : ଭଦ୍ରକ ଏବଂ ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ପ୍ରତ୍ୟେକର ପରିଚଳନ କ୍ଷେତ୍ରରେ ବିଜ୍ଞାପନ ନିମନ୍ତେ 150 ବର୍ଗ ଫୁଟର ଭିଡିଓ ୱାଲର ସଂସ୍ଥାପନ ।

କ୍ରମ ସଂଖ୍ୟା-8 : ଆସେଟ୍ ବିବରଣୀ : ବ୍ରହ୍ମପୁର ଏବଂ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପ୍ରତ୍ୟେକର ପରିଚଳନ କ୍ଷେତ୍ରରେ ବିଜ୍ଞାପନ ନିମନ୍ତେ 150 ବର୍ଗ ଫୁଟର ଭିଡିଓ ୱାଲର ସଂସ୍ଥାପନ ।

କ୍ରମ ସଂଖ୍ୟା-9 : ଆସେଟ୍ ବିବରଣୀ : ବ୍ରହ୍ମପୁର ଷ୍ଟେସନର ପ୍ଲାଟଫର୍ମ ନଂ. ୪ ପାର୍ଶ୍ୱରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ କେନ୍ଦ୍ରର ସ୍ଥାପନା ।

କ୍ରମ ସଂଖ୍ୟା-10 : ଆସେଟ୍ ବିବରଣୀ : ଇଲେକ୍ଟ୍ରିକ ଲୋକୋ ସେଡ୍/ଅନୁଗୋଳର 10 ଗୋଟି ଲୋକୋମୋଟିଭରେ ବିଜ୍ଞାପନ ।

କ୍ରମ ସଂଖ୍ୟା-11 : ଆସେଟ୍ ବିବରଣୀ : ମଞ୍ଚେଶ୍ୱର ଷ୍ଟେସନରେ ଦେୟଯୁକ୍ତ ବିଶ୍ରାମ କକ୍ଷର ପରିଚାଳନା ।

କ୍ରମ ସଂଖ୍ୟା-12 : ଆସେଟ୍ ବିବରଣୀ : ବ୍ରହ୍ମପୁର ଷ୍ଟେସନ (ନୂଆ ଭବନ)ରେ ଭୋଜନାଳୟର ସ୍ଥାପନା ।

କ୍ରମ ସଂଖ୍ୟା-13 : ଆସେଟ୍ ବିବରଣୀ : ପାରାଦୀପ ଷ୍ଟେସନ (ପୁରୁଣା ଭବନ) ରେ ଭୋଜନାଳୟର ସ୍ଥାପନା ।

ନିଲାମ ତାରିଖ ଓ ସମୟ : 16.11.2026, 1200-1230 ଘଟିକା (କ୍ରମ ସଂ. **1** ପାଇଁ), 16.11.2026, 1200-1240 ଘଟିକା (କ୍ରମ ସଂ. **2** ପାଇଁ), 16.11.2026, 1200-1250 ଘଟିକା (କ୍ରମ ସଂ. **3** ପାଇଁ), 17.11.2026, 1200-1230 ଘଟିକା (କ୍ରମ ସଂ. **4** ପାଇଁ), 17.11.2026, 1200-1240 ଘଟିକା (କ୍ରମ ସଂ. **5** ପାଇଁ), 17.11.2026, 1200-1250 ଘଟିକା (କ୍ରମ ସଂ. **6** ପାଇଁ), 18.11.2026, 1100-1130 ଘଟିକା (କ୍ରମ ସଂ. **7** ପାଇଁ), 18.11.2026, 1100-1140 ଘଟିକା (କ୍ରମ ସଂ. **8** ପାଇଁ), 21.11.2026, 1200-1230 ଘଟିକା (କ୍ରମ ସଂ. **9** ପାଇଁ), 23.11.2026, 1100-1130 ଘଟିକା (କ୍ରମ ସଂ. **10** ପାଇଁ), 23.11.2026, 1300-1330 ଘଟିକା (କ୍ରମ ସଂ. **11** ପାଇଁ), 25.11.2026, 1100-1130 ଘଟିକା (କ୍ରମ ସଂ. **12** ପାଇଁ), 25.11.2026, 1100-1140 ଘଟିକା (କ୍ରମ ସଂ. **13** ପାଇଁ) ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ **www.ireps.gov.in**ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-538/R/26-27

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇକୋ ରିଟ୍ରିଟ୍ ପ୍ରସ୍ତୁତିର ସମୀକ୍ଷା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ହେବାକୁ ଥିବା 'ଇକୋ ରିଟ୍ରିଟ୍'ର ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ଗୁଣାତ୍ମକ ପର୍ଯ୍ୟଟନ ଭିତିଭୂମି, ସୁଗମ ପରିଚାଳନା, ଭ୍ରମଣକାରୀଙ୍କ ଉନ୍ନତ ଅନୁଭୂତି ଏବଂ ରାଜ୍ୟର ବୃଦ୍ଧିପାଉଥିବା ପର୍ଯ୍ୟଟନ ବ୍ୟବସ୍ଥାରେ ସ୍ଥାନୀୟ ସମୁଦାୟର ସକ୍ରିୟ ଭାଗିଦାରୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।
ସମୀକ୍ଷା ସମୟରେ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ଯେ ଇକୋ ରିଟ୍ରିଟ୍‌ର ଯୋଜନା ଓ ପରିଚାଳନାରେ ସ୍ଥାନୀୟ ରୋଜଗାରକୁ ମୁଖ୍ୟ ପ୍ରାଥମିକତା ଦିଆଯିବା ଆବଶ୍ୟକ । ସ୍ଥାନୀୟ ଯୁବକଯୁବତୀ ଓ ସମୁଦାୟଙ୍କୁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସହ ପର୍ଯ୍ୟଟନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପରେ ସକ୍ରିୟ ଭାବେ ସାମିଲ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।
ସମସ୍ତ ଚିହ୍ନଟ ସ୍ଥାନଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ଉତ୍ତମ ସଡ଼କ ସଂଯୋଗୀକରଣ ଏବଂ ଆବଶ୍ୟକୀୟ ଆନୁଷଙ୍ଗିକ ଭିତିଭୂମିର ବିକାଶ ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ପର୍ଯ୍ୟଟକମାନଙ୍କୁ ଏକ ଆରାମଦାୟକ ଓ ସୁଗମ ଅନୁଭୂତି ଯୋଗାଇଦେବା ପାଇଁ ସୁଚିନ୍ତିତ ପରିଚାଳନା ବ୍ୟବସ୍ଥା ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ ।
ସାହସିକ ପର୍ଯ୍ୟଟନର ସମ୍ଭାବନାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ଆଡଭେଂଚର ସ୍ପୋର୍ଟସ ଓ ମନୋରଞ୍ଜନମୂଳକ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଶ୍ରୀମତୀ ପରିଡ଼ା କହିଥିଲେ । ଏହାସହ ସ୍ଥାନୀୟ କଳା, ପରମ୍ପରା ଓ ସଂସ୍କୃତି ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ସ୍ଥାନୀୟ କାରିଗର, ଶିଳ୍ପୀ ଓ ଉଦ୍ୟୋଗୀମାନଙ୍କୁ ଏହି ଅଭିଯାନରେ ଯୋଡ଼ିବାକୁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ପର୍ଯ୍ୟଟକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଇକୋ ରିଟ୍ରିଟ୍ ସ୍ଥଳଗୁଡ଼ିକରେ ସିସିଟିଭି ସରଭେଲାନ୍ସ ସିଷ୍ଟମ୍, ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ପାରାମେଡିକ୍ ଓ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ କରାଇବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସମୟ ଧ୍ୱନି
ଭୁବନେଶ୍ୱର, ୬ ନଭେମ୍ବର, ଶୁକ୍ରବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ଗିରଫ ଓ ଅଟକ ମଧ୍ୟରେ କୌଣସି ଫରକ ନାହିଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୫/୧୧

ବ୍ୟକ୍ତିଗତ ସ୍ୱାଧୀନତା ଓ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ । ଗିରଫ ଓ ଅଟକ ମଧ୍ୟରେ କୌଣସି ଫରକ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ । ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ମାତ୍ରେ ତାଙ୍କର ଦୀର୍ଘ ସମୟ ଧରି ହାଜତରେ ରହିବା ବିରୋଧରେ ଥିବା ସାମ୍ବିଧାନିକ ସୁରକ୍ଷା କାର୍ଯ୍ୟକାରୀ ହୋଇଯିବ ବୋଲି କୋର୍ଟ କହିଛନ୍ତି । ଜଣେ ଅଭିଯୁକ୍ତଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ୨୪ ଘଣ୍ଟା ମଧ୍ୟରେ ହାଜର କରିବାର ସମୟସୀମା ଔପଚାରିକ ଭାବେ ଗିରଫ ରେକର୍ଡ ହେବା ପରଠାରୁ ଗଣନା କରାଯାଇପାରିବ ନାହିଁ । ଏଭଳି ଦୃଷ୍ଟିକୋଣ ସମ୍ବିଧାନର ଧାରା ୨୨(୨)ର ଉଦ୍ଦେଶ୍ୟକୁ ଦୁର୍ବଳ କରିବ ବୋଲି ସତର୍କ କରାଇଛନ୍ତି କୋର୍ଟ । ବିଚାରପତି ଉଜ୍ଜ୍ୱଳ ଭୂୟାଁ ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ୨୪ ଘଣ୍ଟାର ସମୟସୀମା କେବଳ ଔପଚାରିକ ଗିରଫ ସମୟରୁ ଆରମ୍ଭ ହେବ ବୋଲି ଧରିନେବା ସମ୍ବିଧାନର ଧାରା ୨୨(୨) ଏବଂ ବିଏନ୍ଏସ୍ଏସ୍ର ଧାରା ୫୬ର ସାମ୍ବିଧାନିକ ନିର୍ଦ୍ଦେଶର ବିରୋଧୀ । ଗିରଫ କରୁଥିବା କର୍ତ୍ତୃପକ୍ଷ ଔପଚାରିକ ଭାବେ ଗିରଫ ଦର୍ଶାଇବା ପୂର୍ବରୁ ତଦନ୍ତ କିମ୍ବା ଅନୁସନ୍ଧାନରେ ବିତିଥିବା ସମୟକୁ ୨୪ ଘଣ୍ଟାର ଗଣନାରୁ ବାଦ୍ ଦେବାକୁ ଧାରା ୨୨(୨) ଅନୁମତି ଦିଏ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । କୋର୍ଟ କହିଛନ୍ତି ଯେ, ଧାରା ୨୨ ଅନୁଯାୟୀ ୨୪ ଘଣ୍ଟାର ସମୟସୀମା ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ତାରିଖ ଓ ସମୟରୁ ଆରମ୍ଭ ହେବ, ଔପଚାରିକ ଗିରଫ ସମୟରୁ ନୁହେଁ । ଯଦି ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବାର ୨୪ ଘଣ୍ଟା ଅତିକ୍ରମ କରିଯାଏ ଏବଂ ଏହି ସମୟ ମଧ୍ୟରେ ତାଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇନଥାଏ, ତେବେ ତାଙ୍କୁ ତୁରନ୍ତ ହାଜତରୁ ମୁକ୍ତ କରିବାକୁ ପଡ଼ିବ । ତେବେ ସମ୍ବିଧାନରେ ଏଥିପାଇଁ କେବଳ ଗୋଟିଏ ବ୍ୟତିକ୍ରମ ରହିଛି । ତାହା ହେଉଛି, ଗିରଫ ସ୍ଥାନରୁ ମାଜିଷ୍ଟ୍ରେଟଙ୍କ ଅଦାଲତ ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ଆବଶ୍ୟକ ସମୟକୁ ୨୪ ଘଣ୍ଟାର ସମୟସୀମାରୁ ବାଦ୍ ଦିଆଯାଇପାରିବ । ଏକ ମୌଳିକ ଅଧିକାରକୁ ଅସ୍ଥାୟୀ ଭାବେ ମଧ୍ୟ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ଅଳ୍ପ ସମୟ ପାଇଁ ଅଟକ ରଖିବାକୁ ଗିରଫ ବୋଲି ଗଣାଯିବ ନାହିଁ ବୋଲି ଯେଉଁ ଯୁକ୍ତି ରହିଛି, ତାହାକୁ ମଧ୍ୟ ଖଣ୍ଡପୀଠ ଗ୍ରହଣ କରିନାହାନ୍ତି । ଏଥିସହ ମାଜିଷ୍ଟ୍ରେଟମାନଙ୍କୁ ଅଟକ ରଖାଯାଇଥିବା ତାରିଖ ଓ ସମୟ ରେକର୍ଡ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।



ଭୁବନେଶ୍ୱର : ପ୍ରଫେସର ଇମିରଟସ୍ ଡାଃ. ଚତୁର୍ଭୁଜ ଭୂୟାଁଙ୍କ ତିନୋଟି ପୁସ୍ତକ ଔଷଧ ମଞ୍ଜାରୀ (ଓଡ଼ିଆ), ମହକ ଔଷଧୀ (ହିନ୍ଦୀ) ଏବଂ ଡିଜିଜେସ ଅଫ୍ ଲାଇଫ୍ ଷ୍ଟାଇଲ ଟ୍ରିଟମେଣ୍ଟ (ଦୋସ୍ତ, ଇଂରାଜୀ) 'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ 'ସମ୍ବାଦ କଳିକା'ର ବ୍ୟୁରୋ ଚିଫ୍ ଦୀନବନ୍ଧୁ ସାହୁ, ସାହିତ୍ୟିକା ତଥା ବରିଷ୍ଠ ସହ ସଂପାଦିକା ଲକ୍ଷ୍ମୀ ଛନ୍ଦ, ସାମ୍ବାଦିକା ମୀନାକ୍ଷୀ ବାରିକ ତଥା ଏହି ପୁସ୍ତକର ଲେଖକ ଚତୁର୍ଭୁଜ ଭୂୟାଁ ଉପସ୍ଥିତ ଥିଲେ । ମଣିଷର ସ୍ୱାସ୍ଥ୍ୟ ଏବଂ ଏହାର ସୁରକ୍ଷା ବିଷୟରେ ଦୀର୍ଘ ସମୟ ଆଲୋଚନା ହୋଇଥିଲା । (ଫଟୋ : ସମ୍ବାଦ କଳିକା)

ଐତିହ୍ୟ ତାଲିକାରେ ଯୋଡ଼ିହେଲା କେଦାରଗୌରୀ

ଭୁବନେଶ୍ୱର, ୫/୧୧ ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱରର ଐତିହାସିକ ଓ ଧାର୍ମିକ ଐତିହ୍ୟକୁ ମିଳିଲା ଆଉ ଏକ ସ୍ୱୀକୃତି । ପୁରୁଣା ଭୁବନେଶ୍ୱରର ପ୍ରସିଦ୍ଧ କେଦାରଗୌରୀ ମନ୍ଦିର ପରିସରକୁ ଘୋଷଣା କରାଯାଇଛି ରାଜ୍ୟ ସଂରକ୍ଷିତ କୀର୍ତ୍ତି ବା ଷ୍ଟେଟ୍ ପ୍ରୋଟେକ୍ଟେଡ୍ ମନୁମେଣ୍ଟ । ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ଓଡ଼ିଶା ପ୍ରାଚୀନ ସ୍ମାରକୀ ସଂରକ୍ଷଣ ଆଇନ, ୧୯୫୬ର ଧାରା ୩ର ଉପଧାରା ୩ ଅନୁଯାୟୀ ଏହି ମାନ୍ୟତା ପ୍ରଦାନ କରାଯାଇଛି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ
ତାରିଖ :-୦୫/୧୧/୨୦୨୬
୩,୩୦,୨୪୦/-ଟଙ୍କା
ସୁନା:- ୦୧ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୧୭ ଗ୍ରାମ୍ ୨୦୦ ମିଲିଗ୍ରାମ

କିଟ୍ ଓ କିସ୍ ପରିଦର୍ଶନରେ ଇସ୍ରାଏଲ୍‌ର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ





ଭୁବନେଶ୍ୱର, ୫।୧୧
ନ୍ୟୁଜ ବ୍ୟୁରୋ

'ଇଣ୍ଡିଆ ଟେକ୍ ଫର ଗ୍ଲୋବାଲ ଲିଡର୍ସ' କାର୍ଯ୍ୟକ୍ରମରେ ଭାରତ ଆସିଥିବା ୨୦ ଜଣିଆ ଉଚ୍ଚସ୍ତରୀୟ ଇସ୍ରାଏଲୀୟ ପ୍ରତିନିଧି ଦଳ ଗୁରୁବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି । ସେମାନେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ବୁଲି ଦେଖିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ । ବୁଧବାର ଏହି ପ୍ରତିନିଧି ଦଳ କିଟ୍ ଓ କିସ୍ ପରିଦର୍ଶନ ପାଇଁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ । ଏହି ପ୍ରତିନିଧିମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ବ୍ୟାଙ୍କିଂ, ଆଇଟି ଆଦି କ୍ଷେତ୍ରରେ ଇସ୍ରାଏଲ୍‌ର ବହୁ ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ବ୍ୟକ୍ତି କିଟ୍ ଓ କିସ୍ ପରିଦର୍ଶନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଛନ୍ତି ।

ପୂର୍ବରୁ କିଟ୍, କିସ୍ ଓ ଏହାର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଶିକ୍ଷା ମାଧ୍ୟମରେ ସମାଜର ବିକାଶ ପାଇଁ ଜୀବନବ୍ୟାପୀ କାର୍ଯ୍ୟ ବିଷୟରେ ସେମାନେ ଅବଗତ ଥିଲେ । ଗୁରୁବାର କିଟ୍ ଓ କିସ୍ ପରିଦର୍ଶନ କରି ସେମାନେ ଅଭିଭୂତ ହୋଇପଡ଼ିଥିଲେ । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେମାନେ କହିଲେ, ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ନିଜର ଦୃଢ଼ ଇଚ୍ଛା ଶକ୍ତି ବଳରେ କିସ୍ ଭଳି ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଢ଼ି ପାରିବେ । ଦୁନିଆରେ ଅନେକ ଲୋକଙ୍କ ପାଖରେ ଭଲ ବିଚାର ଓ ବଡ଼ ସ୍ୱପ୍ନ ରହିଛି । କିନ୍ତୁ ସେହି ସ୍ୱପ୍ନକୁ ବାସ୍ତବ ରୂପ ଦେବାର କ୍ଷମତା ଖୁବ୍ କମ୍ ଲୋକଙ୍କ ପାଖରେ ଥାଏ । ଡ. ଅଚ୍ୟୁତ ସାମନ୍ତ ଏହାର ଏକ ଉଦାହରଣ । ଶିକ୍ଷା, ମାନବସେବା ଓ ଅବହେଳିତ ସଂପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ଡ. ସାମନ୍ତଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ହାର୍ଭାର୍ଡ କ୍ଲବ୍ ଅଫ୍ ଇସ୍ରାଏଲ ଏବଂ ଇସ୍ରାଏଲ୍ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଥିଲା । ଅତିଥିମାନେ ଡ. ସାମନ୍ତଙ୍କ ଦୂରଦୃଷ୍ଟି ଓ ମାନବସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ।

ସୂଚନାଯୋଗ୍ୟ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅନୁମତି କ୍ରମେ ଏମାନେ ଭାରତ ପରିଦର୍ଶନ କରୁଛନ୍ତି । ଏହା ସହ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏମାନଙ୍କ ସମସ୍ତ ଗସ୍ତ ଖର୍ଚ୍ଚ ବହନ କରିଥାନ୍ତି । ଏହି ୧୨ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ଦର୍ଶନୀୟ ସ୍ଥାନ ମଧ୍ୟ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି । କିଟ୍ ଓ କିସ୍ ରେ ରହଣି ସମୟରେ ସେମାନେ ଏଠାକାର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସମେତ କିଟ୍ ଓ କିସ୍‌ର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲରେ ଅର୍ଥ ପରାମର୍ଶଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୦୫/୧୧
ନ୍ୟୁଜ ବ୍ୟୁରୋ



ଓଡ଼ିଶା ବାଣିଜ୍ୟ କର ଓ ଦ୍ରବ୍ୟ ସେବା କର କମିଶନରେଟ୍ ପକ୍ଷରୁ ଓଡ଼ିଶା ଜିଏସ୍‌ଟି ଆଇନ-୨୦୧୭ ଅନ୍ତର୍ଗତ କାର୍ଯ୍ୟ ଚୁକ୍ତି ସେବା (ୱାର୍କସ କଣ୍ଟ୍ରାକ୍ଟ ସର୍ଭିସ) ଓ ଟିଡିଏସ୍ ବ୍ୟବସ୍ଥା ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଭୁବନେଶ୍ୱରସ୍ଥିତ ମଧୁସୂଦନ ଦାସ ଆଞ୍ଚଳିକ ବିତୀୟ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ହୋଇଛି । ଏଥିରେ ବିଭିନ୍ନ ସରକାରୀ ବିଭାଗର ଅର୍ଥ ପରାମର୍ଶଦାତାମାନେ ଯୋଗ ଦେଇଥିଲେ । କର୍ମଶାଳାରେ ଜିଏସ୍‌ଟି ଆଇନ ଓ ନିୟମରେ ହୋଇଥିବା ପରିବର୍ତ୍ତନ, କାର୍ଯ୍ୟ ଚୁକ୍ତି ସେବା ଉପରେ ଟିକସ ନିର୍ଦ୍ଧାରଣ, ଟିଡିଏସ୍ ବ୍ୟବସ୍ଥା, ଜଷ୍ଟ-ଇନ୍-ଟାଇମ୍ ଫଙ୍କ୍ଟିଂ ଏବଂ ଡିଡିଓଙ୍କ ଦ୍ୱାରା ଚଳନ୍ତି ଜମାଖାତା ପରିଚାଳନା ଆଦି ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, 'ବିକଶିତ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ହାସଲରେ ଅର୍ଥ ପରାମର୍ଶଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବଜେଟ୍ ଅନୁଦାନର ସମୟୋଚିତ ଓ ଫଳପ୍ରଦ ବିନିଯୋଗ ସହ ସରକାରୀ ଯୋଜନା ଓ ବିକାଶମୂଳକ ପ୍ରକଳ୍ପର ବ୍ୟୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱ ଦେଇଥିଲେ । ଆର୍ଥିକ ଅନୁମୋଦନ ପ୍ରକ୍ରିୟାକୁ ସରଳ ଓ ତ୍ୱରିତ କରିବା ସହ ବ୍ୟୟ ପରିଚାଳନାରେ ଅର୍ଥ ପରାମର୍ଶଦାତାମାନେ ସକ୍ରିୟ ନେତୃତ୍ୱ ନେବାକୁ ସେ ଆହ୍ୱାନ ଦେଇଥିଲେ । ବିଶେଷକରି ପର୍ଯ୍ୟଟନ, ଶିଳ୍ପ, ଲଜିଷ୍ଟିକ୍ସ ଓ ରାଜସ୍ୱ ବୃଦ୍ଧି କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟକୁ ଆର୍ଥିକ ସହଯୋଗ ଯୋଗାଇବା ସହ ସ୍ୱଚ୍ଛତା, ଦକ୍ଷତା ଓ ଆର୍ଥିକ ଶୃଙ୍ଖଳା ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ । ଏହାପରେ ମୁଖ୍ୟ ଶାସନ ସଚିବ ଓଡ଼ିଶା ଅର୍ଥ ସେବା ଏବଂ ଓଡ଼ିଶା ଟ୍ୟାକ୍ସେସନ୍ ଆଣ୍ଡ ଆକାଉଣ୍ଟ ସେବାର ୨୦୨୪ ବ୍ୟାଚ୍‌ର ୪୮ ଜଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରିଥିଲେ । ଜନସେବାକୁ ପ୍ରାଥମିକତା ଦେବା ସହ ସଚ୍ଚୋଟତା, ନିଷ୍ଠା ଓ ଉତ୍ତରଦାୟିତ୍ୱର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ସିଟି ଓ ଜିଏସ୍‌ଟି କମିଶନର ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ପ୍ରତିଷ୍ଠାନର ନିର୍ଦ୍ଦେଶକ ସନ୍ତୋଷ କୁମାର ସୁଆର ପ୍ରମୁଖ ଉପସ୍ଥିତ ଥିଲେ ।

ବରିଷ୍ଠ ନାଗରିକ କୁଞ୍ଜଲତା ହତ୍ୟା ଘଟଣା

ସବୁ ଘରୋଇ ସହାୟକଙ୍କ ତଥ୍ୟ ଦେବାକୁ ସିପିଙ୍କ ଅପିଲ୍

ଭୁବନେଶ୍ୱର, ୫/୧୧
ନ୍ୟୁଜ ବ୍ୟୁରୋ

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧନଗର ଅଞ୍ଚଳରେ ବରିଷ୍ଠ ନାଗରିକ କୁଞ୍ଜଲତା ନନ୍ଦଙ୍କ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଅଧିକ ଖୋଳତାଡ଼ ଚଳାଇଛି । ଘଟଣା ପରଠୁ ଫେରାର ଥିବା କେୟାରଟେକର ବଳଭଦ୍ର ମହାରଣା ହିଁ ହତ୍ୟାକାଣ୍ଡ ଘଟାଇଥିବା ପୋଲିସ ସ୍ପଷ୍ଟ କରିଛି । ହେଲେ ଘଟଣାକୁ ୩୬ ଘଣ୍ଟାରୁ ଅଧିକ ସମୟ ବିତିଥିବା ବେଳେ ପୋଲିସ ତା' ପତ୍ତା ପାଇପାରି ନାହିଁ । ପୋଲିସ ଟିମ୍ ବଳଭଦ୍ରର ଘର ଟାଙ୍ଗି ଅଞ୍ଚଳକୁ ଯାଇ ଖାଲି ହାତରେ ଫେରିଛି । ଅନ୍ୟପକ୍ଷରେ ଘଟଣା ଦିନ ରାତିର ଏକ ସିସିଟିଭି ଭିଡିଓ ଭାଇରାଲ ହେଉଥିବା ବେଳେ ପୋଲିସ ହାତରେ ଲାଗିଛି । ମଙ୍ଗଳବାର-ବୁଧବାର ରାତିରେ ପ୍ଲଟ୍ ନଂ ୧୬/୯ସ୍ଥିତ କୁଞ୍ଜଲତାଙ୍କ ଘରୁ ବଳଭଦ୍ର ସ୍ୟୁଟି ନେଇ ବ୍ୟାଗରେ ସାମଗ୍ରୀ ନେଇ ଫେରାର ହେଉଥିବା ଦେଖିବାକୁ ମିଳିଛି । ବଳଭଦ୍ରକୁ ଖୋଜି ପାଇବା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି ।

10001/686/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା




ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଯୁବସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ 4.0
୨୯ ଅକ୍ଟୋବର - ୨୮ ଡିସେମ୍ବର ୨୦୨୬

ଧୂମପାନ ବା ତମାଖୁ ବ୍ୟବହାରର କୁପରିଣାମ ଜାଣନ୍ତି କି?

ତମାଖୁରେ ଥିବା ବିଶାକ୍ତ ଉପାଦାନ ପ୍ରାୟତଃ
୪,୦୦୦ ରୋଗ/ ଅସୁସ୍ଥତାର କାରଣ ଯଥା:

- କର୍କଟ
- ହୃଦ୍‌ଘାତ
- ଅକାଳ ବାର୍ଦ୍ଧକ୍ୟ
- ଶ୍ୱାସରୋଗ
- ନପୁଂସକତା/ ପ୍ରଜନନ ଶକ୍ତି ହ୍ରାସ
- ପେଟରେ ଘା'
- ଦାନ୍ତ କ୍ଷୟ
- ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଇତ୍ୟାଦି



କ'ଣ ଆପଣ ରୋଗ ଯନ୍ତ୍ରଣା ଜର୍ଜରିତ ମୃତ୍ୟୁ ଝହାନ୍ତି କି ?

ଆସନ୍ତୁ, ମିଳିତ ପ୍ରୟାସ ଓ ଜନ ସଚେତନତା ମାଧ୍ୟମରେ ଶିଶୁ, କିଶୋର ଓ ଯୁବବର୍ଗଙ୍କୁ ତମାଖୁ ଓ ନିକୋଟିନ୍ ସେବନରୁ ନିବୃତ୍ତ କରାଇ ଏକ ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ଶପଥ ନେବା

ତମାଖୁ ଛାଡ଼ିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତମାଖୁ ସେବନ ବିରତି କକ୍ଷ କିମ୍ବା
ନିଃଶୁଳ୍କ ନମ୍ବର ୧୮୦୦-୧୧ ୨୩୫୬ରେ (ସକାଳ ୮ଟାରୁ ରାତି ୮ଟା ମଧ୍ୟରେ) କଲ୍ କରନ୍ତୁ
କିମ୍ବା ୦୧୧-୨୨୯୦୧୭୦୧ରେ ମିସ୍-କଲ୍ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0055

